
ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 11/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 49 | ମୂଲ୍ୟ₹୭/-


# ବିକଶିତ ଭାରତର ସହଯୋଗୀ ହୁଅନ୍ତୁ ପ୍ରବାସୀ: ରାଷ୍ଟ୍ରପତି



ଜଣେ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଭୁବନେଶ୍ୱରରେ ୩ ଦିନ ଧରି ଚାଲିଆସିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ୨୦୪୭ରେ ଭାରତକୁ ବିକଶିତ କରିବା ଲକ୍ଷ୍ୟ ରହିଥିବାରୁ ସେମାନେ ଏହି ବିକାଶଧାରାରେ ସହଯୋଗୀ ପାଲଟନ୍ତୁ। ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଭବ୍ୟ ସମାରୋହରେ ୨୭ ପ୍ରବାସୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୦ ଦେଶରୁ ଆସିଥିବା ପ୍ରବାସୀ ଭାରତୀୟଙ୍କୁ ଧନ୍ୟବାଦ ଦେବା ସହ ସମ୍ମିଳନୀ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଜ୍ଜ୍ୱଳତର ହୋଇପାରିଥିବା କହିଛନ୍ତି।**

## ପ୍ରବାସୀ ଭାରତୀୟ ଦିବସ ସମାବେଶ ଉଦ୍‌ଯାପିତ

**ଭୁବନେଶ୍ୱର,୧୦।୧ (ଅନିଲ ଦାସ)**

ଭାରତ ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛି। ବିକଶିତ ଭାରତର ସ୍ୱପ୍ନ ସାକାର ହେବାକୁ ଯାଉଛି। ବିଶ୍ୱ ସ୍ତରରେ ଭାରତର ଗୁରୁତ୍ୱ ଦ୍ୱିଗୁଣିତ ହୋଇଛି। ଆସନ୍ତା ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ଲକ୍ଷ୍ୟରେ କାର୍ଯ୍ୟ ଜାରି ରହିଛି। ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇଥିବ। ଏହା କେବଳ ସରକାର ନୁହନ୍ତି, ଦେଶ ବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କ ପାଇଁ ସମ୍ଭବ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଜନତା ମଇଦାନଠାରେ ଅନୁଷ୍ଠିତ ୩ ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ପ୍ରବାସୀ ଭାରତୀୟମାନେ ସମଗ୍ର ବିଶ୍ୱରେ ମାନ ଟେକ ରଖିଛନ୍ତି। ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପ୍ରତିଷ୍ଠା ପାଇପାରିଛନ୍ତି। ସେମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବେ। ବିକଶିତ ଭାରତରେ ପ୍ରବାସୀମାନେ ସହଯୋଗୀ ହୁଅନ୍ତୁ ବୋଲି ରାଷ୍ଟ୍ରପତି କହିଛନ୍ତି। ଓଡ଼ିଶା ସରକାର ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ନୋଡାଲ ମନ୍ତ୍ରୀ ନିଯୁକ୍ତି ଦେଇଛନ୍ତି। ଏହି ପଦକ୍ଷେପ ପାଇଁ ରାଷ୍ଟ୍ରପତି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରବାସୀମାନଙ୍କ ଆଗମନ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ପ୍ରତ୍ୟେକ ପ୍ରବାସୀ ନିଜ ସହିତ ୫ ଜଣ ବନ୍ଧୁଙ୍କୁ ଭାରତକୁ ଆଣିବା ସହ ଓଡ଼ିଶାକୁ ମଧ୍ୟ ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା କଳା, ☞ପୃଷ୍ଠା-୨







# ପ୍ରବାସୀ ଭାରତୀୟ ଦିବସ




ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପନୀ ଅବସରରେ ପ୍ରବାସୀ ସମ୍ମାନରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର, ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିଗଣ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର ଜନତା ମଇଦାନଠାରେ ଆରମ୍ଭ ହୋଇଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମେଳନର ଶୁକ୍ରବାର ଥିଲା ଉଦ୍‌ଯାପନୀ ଦିବସ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନ ସମାରୋହର ମୁଖ୍ୟ ଅତିଥି ସାଜିଥିଲେ। ଏହି ଅବସରରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିସହ ପ୍ରବାସୀମାନେ ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତିର ଝଲକ ଦେଖିବାକୁ ପାଇଛନ୍ତି।






























ସନ୍ତୁର ବାଦକ ଅଭୟ ସପୋରିଙ୍କ ବିଶେଷ କାର୍ଯ୍ୟକ୍ରମ।





# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ | Bhubaneswar, Saturday, January 11/2025






**ପାଇଥିଲି ରକ୍ତରେ ଲିଖିତ ପ୍ରେମପତ୍ର**

'କହୋ ନା ପ୍ୟାର୍ ହେଁ' ରିଲିଜ ପରେ ପ୍ରଶଂସକଙ୍କ କ୍ରେଜ୍ ଏତେ ବଢ଼ିଥିଲା ଯେ, ରକ୍ତରେ ଲେଖା ପ୍ରେମପତ୍ର ମିଳିଥିଲା ବୋଲି ନାୟିକା ଅମିଷା ପଟେଲ କହିଛନ୍ତି।

୦୮

୧୨

**ମୀନା ସାନ୍ତାଙ୍କୁ ୨ ସ୍ୱର୍ଣ୍ଣ**

ବ୍ରହ୍ମପୁରରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନର ଦ୍ୱିତୀୟ ଦିବସରେ ଓଡ଼ିଶାର ମୀନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି।



# ମୁଁ ମଣିଷ, ଭୁଲ୍ କରିପାରେ: ମୋଦି

## ପ୍ରଥମ ପୋଡ୍‌କାଷ୍ଟ ସାକ୍ଷାତ୍‌କାର

**ନୂଆଦିଲ୍ଲୀ,୧୦।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ପୋଡ୍‌କାଷ୍ଟ ଜରିଆରେ ନିଜ ଜୀବନୀ ଓ ରାଜନୀତି ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜେରୋଧା ସହପ୍ରତିଷ୍ଠାତା ନିଖିଲ କାମାଥ୍‌ଙ୍କ ପୋଡ୍‌କାଷ୍ଟ ସିରିଜ୍ 'ପିପୁଲ୍ ବାଏ ଡବ୍ଲୁଟିଏଫ୍'ରେ ଜଣେ ଅତିଥି ଭାବେ ଉପସ୍ଥିତ ହୋଇ ମୋଦି ତାଙ୍କ ଜୀବନୀ, ଶିକ୍ଷା, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ମୁଖ୍ୟମନ୍ତ୍ରିତ୍ୱ ସମୟ, ଭାରତର ବୈଷୟିକ ଅଗ୍ରଗତି, ସାମାଜିକ ଗଣମାଧ୍ୟମ, ରାଜନୀତି ଏବଂ ଔଦ୍ୟୋଗୀକରଣ ସହ ସେଗୁଡ଼ିକର ସାଦୃଶ୍ୟ ଆଦି ବିଭିନ୍ନ ପ୍ରସଙ୍ଗରେ ୨ ଘଣ୍ଟା ଧରି ଆଲୋଚନା କରିଥିଲେ। ବ୍ୟକ୍ତିଗତ ଅଭିଳାଷ ନୁହେଁ, ଜନସେବାକୁ ମିଶନ ଭାବେ ଗ୍ରହଣ କରିଥିବା ଲୋକେ ରାଜନୀତିରେ ଯୋଗଦେବା ଗୁରୁତ୍ୱପୂର୍ଣ୍ଣ। ରାଜନୀତିରେ ସଫଳତା ପାଇଁ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଓ ତ୍ୟାଗ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ନିଜର ଏକ ପୁରୁଣା ବକ୍ତବ୍ୟ ସମ୍ପର୍କରେ ମୋଦି କହିଛନ୍ତି, ମୁଁ ଜଣେ ମଣିଷ, ଭଗବାନ୍ ନୁହେଁ। ତେଣୁ ମୋର ଭୁଲ୍ ହୋଇପାରେ। ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଏକଦା କହିଥିଲେ, ନିଜ ଉଦ୍ୟମରେ କୌଣସି ସୁଯୋଗ ହାତଛଡ଼ା ହେବାକୁ ଦେବେ ନାହିଁ। ସେ ନିଜ ପାଇଁ କିଛି କରିବେ ନାହିଁ ବୋଲି କହିବା ସହ ଜଣେ ମଣିଷ ହୋଇଥିବାରୁ ଭୁଲ୍ ହୋଇଯିବା ସ୍ୱାଭାବିକ ବୋଲି କହିଥିଲେ। ତେବେ ଖରାପ ଉଦ୍ଦେଶ୍ୟ ନେଇ ସେ ଭୁଲ୍ କରିବେ ନାହିଁ। ସେ ଏହାକୁ ତାଙ୍କ ଜୀବନର ମନ୍ତ୍ର କରିଥିବା କହିଛନ୍ତି।

ନିଜ ପିଲାଦିନର କଥା ମନେ ପକାଇ ମୋଦି କହିଛନ୍ତି, ସେ ତାଙ୍କ ପରିବାର ସଦସ୍ୟମାନଙ୍କ ଲୁଗାପଟା ଧୋଉଥିଲେ। ଏଥିପାଇଁ ତାଙ୍କୁ ପୁଷ୍କରିଣୀ ଯିବାକୁ ଅନୁମତି ମିଳିଥିଲା। ମୁଖ୍ୟମନ୍ତ୍ରୀ ହେବା ପରେ ସେ ତାଙ୍କ ସରକାରୀ ବାସଭବନକୁ ନିଜ ପୁରୁଣା ଦିନର ସାଙ୍ଗ ଓ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ସାଙ୍ଗମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖୁଥିବାବେଳେ ମୋଦି ସେମାନଙ୍କଠାରେ ନିଜ ସାଙ୍ଗଙ୍କୁ ଦେଖିବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି।

୨୦୦୨ ଫେବୃଆରୀ ୨୪ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାକୁ ମନେପକାଇ ସେ ସମୟର ନବନିର୍ବାଚିତ ବିଧାୟକ ଭାବେ ସେ ନିଜ କଠିନ ପରୀକ୍ଷା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ ବିଧାୟକ ହେବାର ୩ ଦିନ ପରେ ଗୋଧ୍ରାରେ ଟ୍ରେନ୍‌ପୋଡ଼ି ଘଟଣା ଘଟିଥିଲା। ମୋଦି ଘଟଣାସ୍ଥଳକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଅଫିସରମାନେ ତାଙ୍କ ପାଇଁ ହେଲିକପ୍ଟରର ଆୟୋଜନ କରିଥିଲେ। ତେବେ ସେ ଭିଆଇପି ନୁହନ୍ତି, ଜଣେ ସାଧାରଣ ମଣିଷ ବୋଲି ମୋଦି କହିଥିଲେ। ବିପଦ ଆଶଙ୍କା ସତ୍ତ୍ୱେ ସେ ଓଏନ୍‌ଜିସି ହେଲିକପ୍ଟର ଯୋଗେ ଗୋଧ୍ରା ଯାଇ ଯନ୍ତ୍ରଣାଦାୟକ ଦୃଶ୍ୟ ଦେଖିଥିଲେ ଓ ମୁଖ୍ୟମନ୍ତ୍ରୀ ଭାବେ ନିଜ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିଥିଲେ।

ପ୍ରଧାନମନ୍ତ୍ରୀ ନିଜକୁ କେବେ ଆରାମଦାୟକ ଜୋନ୍‌ରେ ରଖିନାହାନ୍ତି ଏବଂ ☞ପୃଷ୍ଠା-୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସାକ୍ଷାତକାର ନେଉଛନ୍ତି ଜେରୋଧା ସହପ୍ରତିଷ୍ଠାତା ନିଖିଲ କାମାଥ୍।

# ହିନ୍ଦୀ ରାଷ୍ଟ୍ରଭାଷା ନୁହେଁ: ଆର୍. ଅଶ୍ୱିନ୍

**ନୂଆଦିଲ୍ଲୀ,୧୦।୧**

କେନ୍ଦ୍ର ସରକାର ହିନ୍ଦୀ ଭାଷାର ପ୍ରସାର ଉପରେ ଜୋର୍ ଦେଉଥିବାବେଳେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏହାର ଦୃଢ଼ ବିରୋଧ କରିଆସୁଛନ୍ତି। ଶେଷରେ କ୍ରିକେଟର କ୍ରିକେଟର ରବିଚନ୍ଦ୍ରନ୍ ଅଶ୍ୱିନୀ ମଧ୍ୟ ହିନ୍ଦୀ ବିରୋଧୀ ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ହିନ୍ଦୀ ଭାରତର ରାଷ୍ଟ୍ରଭାଷା ନୁହେଁ ବୋଲି ଅଶ୍ୱିନୀ ମନ୍ତବ୍ୟ ଦେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ତାମିଲନାଡୁର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ସ୍ନାତକ ଉତ୍ସବରେ ଯୋଗଦେଇ କ୍ରିକେଟର କହିଥିଲେ, ହିନ୍ଦୀ ଆମ ରାଷ୍ଟ୍ରଭାଷା ନୁହେଁ, ଏକ ସରକାରୀ ଭାଷା। ତାଙ୍କର ଏହି ମନ୍ତବ୍ୟ ବିତର୍କ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ତାମିଲନାଡୁ ଭାଜପା ସଭାପତି କେ.ଆନ୍ନାମଲାଇ କ୍ରିକେଟର ଅଶ୍ୱିନଙ୍କ ମନ୍ତବ୍ୟକୁ ଯୁକ୍ତିଯୁକ୍ତ ଦର୍ଶାଇ ସମର୍ଥନ ଜଣାଇଛନ୍ତି।

ତାମିଲନାଡୁରେ ହିନ୍ଦୀକୁ ତୀବ୍ର ବିରୋଧ କରାଯାଇଥାଏ। ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ଇଂଲିଶ କିମ୍ବା ତାମିଲରେ ପ୍ରଶ୍ନ କରିବାକୁ ପସନ୍ଦ କରନ୍ତି ନା ହିନ୍ଦୀରେ ପଚାରିବାକୁ ଚାହିଁବେ ବୋଲି ଅଶ୍ୱିନୀ ଜାଣିବାକୁ ଚାହିଁଥିଲେ। ଅଧିକାଂଶ ଇଂଲିଶ ଏବଂ ତାମିଲରେ କହିବାକୁ ଚାହାନ୍ତି ବୋଲି ଉଚ୍ଚ ସ୍ୱରରେ କହିଥିଲେ। ତେବେ ହିନ୍ଦୀରେ କେହି ପ୍ରଶ୍ନ କରିବାକୁ ଚାହାନ୍ତି କି ପଚରାଯିବାରୁ ହଠାତ୍ ସମସ୍ତେ ନୀରବ ହୋଇଯାଇଥିଲେ। ହିନ୍ଦୀ ଆମର ଜାତୀୟ ଭାଷା ନୁହେଁ, ବରଂ ଏହାକୁ ଏକ ସରକାରୀ ଭାଷା କୁହାଯିବା ଆବଶ୍ୟକ ବୋଲି ଅଶ୍ୱିନୀ ତାମିଲରେ କହିଥିଲେ। ତାମିଲନାଡୁର ଶାସକ ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକ ଅନେକ ସମୟରେ ହିନ୍ଦୀକୁ ବିରୋଧ କରି ମନ୍ତବ୍ୟ ଦେଇଆସିଛନ୍ତି। ଅଣହିନ୍ଦୀଭାଷୀ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଲଦିଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଆସୁଛନ୍ତି।



# ଡଲାର=୮୫.୯୭ ଟଙ୍କା




**ମୁମ୍ବାଇ,୧୦।୧**

ଭାରତୀୟ ଟଙ୍କା ଶୁକ୍ରବାର ତଳକୁ ଖସିବାର ସର୍ବକାଳୀନ ରେକର୍ଡ ପୁଣି ଭାଙ୍ଗିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୮୫.୯୭ ଟଙ୍କା ରହିଛି। ଗୁରୁବାର ସେସନ୍‌ରେ ଏହା ୮୫.୯୩ ଟଙ୍କା ରହିଥିବାବେଳେ ଆମେରିକା ଲେବର ମାର୍କେଟ ଡେଟା ଆସିବା ପୂର୍ବରୁ ଶୁକ୍ରବାର ଭାରତୀୟ ମୁଦ୍ରା ୪ ପଇସା ଶସ୍ତା ହୋଇ ଆହୁରି ଦୁର୍ବଳ ହୋଇଯାଇଛି। ଆଉ ମାତ୍ର ୩ ପଇସା ଶସ୍ତା ହେଲେ ଏହା ୮୬ ଟଙ୍କାକୁ ଖସିବ। ଆଉ ଦିନେ କିମ୍ବା ଦୁଇଦିନର କାରବାରରେ ଟଙ୍କା ଏହି ସ୍ତରକୁ ଖସିପାରେ ବୋଲି ଏକ ବିଦେଶୀ ବ୍ୟାଙ୍କର ଜଣେ ଟ୍ରେଡର କହିଛନ୍ତି। ଅନ୍ୟପକ୍ଷେ ଡଲାର ଇଣ୍ଡେକ୍ସ ୧୦୯ରେ ରହିଛି। ଡଲାର ସବଳ ହେଲେ ଟଙ୍କାର ଆହୁରି ଖରାପ ସ୍ଥିତି ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।

**ଆଜିର ସମ୍ପାଦକୀୟ** | ବଦଳି ନାଟକ

# ଜେଲ ଫେରିଲେ ହଂସିତା, ଅନିଲ

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା**

- ୨ ଦାମୀ କାର୍ ଜବତ
- ୫ ଗାଡିର କିଣାବିକା ଉପରେ ରୋକ୍ ଲଗାଇବାକୁ ଆୟକର ବିଭାଗର ଚିଠି

**ଭୁବନେଶ୍ୱର,୧୦।୧**
**(ସୂର୍ଯ୍ୟକାନ୍ତ ବେହେରା)**

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ ଓ ଅନିଲ କୁମାର ମହାନ୍ତିଙ୍କ ଠକେଇ ସାମ୍ରାଜ୍ୟର ନୂଆ ଗୁମର ପଦାକୁ ଆସିଛି। ଉଭୟଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଦିନିକିଆ ରିମାଣ୍ଡରେ ଆଣି ଆୟକର ଟିମ୍ ସହ ମାରାଥନ ଜେରା କରିଥିଲା। ଶୁକ୍ରବାର ରିମାଣ୍ଡ ଅବଧି ସରିବା ପରେ କୋର୍ଟରେ ହାଜର କରିଥିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍। ପରେ ଉଭୟଙ୍କୁ ପୁଣି ଝାରପଡା ଜେଲ ପଠାଇ ଦିଆଯାଇଛି। ଏପଟେ ଅନିଲଙ୍କ ଓକିଲ ପ୍ରଶାନ୍ତ ପରିଡା ଜାମିନ ପାଇଁ ଆବେଦନ କରିଥିବାରୁ ଆସନ୍ତା ୧୩ରେ ଜାମିନ ଆବେଦନର ଶୁଣାଣି ହେବ। ସେହିପରି ସମାନ ତାରିଖରେ ପୋଲିସ ମଧ୍ୟ କେସ୍ ଡାଏରୀ (ସିଡି) ଦାଖଲ କରିବ ବୋଲି ସୂଚନା ମିଳିଛି। ତେବେ ରିମାଣ୍ଡ ବେଳେ ଉଭୟ ଠକ ଯୋଡି କାହା ନାମ ନ ନେଇ ଆମକୁ ଫସାଇ ଦିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ। ଏହାସତ୍ତ୍ୱେ ଉଭୟଙ୍କୁ ପୋଲିସ ଓ ଆୟକର ଟିମ୍ ପଚରାଉଚରା କରି ବହୁ ତଥ୍ୟ ହାସଲ କରିବା ସହ ଗୋଟିଏ ପରେ ଗୋଟିଏ ଦାମୀ ଗାଡି ଓ ଫ୍ଲାଟ୍ ଠାବ କରିଥିବା ଜଣାପଡ଼ିଛି। ଇତିମଧ୍ୟରେ ବହୁ କୋଟି ମୂଲ୍ୟର ଗୋଟିଏ ପୋର୍ସେ ଓ ଅନ୍ୟଟି ମର୍ସିଡିଜ୍ ଗାଡିକୁ ଜବତ କରାଯାଇଥିବାବେଳେ ଅନ୍ୟସବୁ ଗାଡିର ଖୋଳତାଡ଼ ଚାଲିଛି। ଅନିଲ, ହଂସିତା ବ୍ୟବହାର କରୁଥିବା ୫ଟି ଗାଡି ହଂସିତାଙ୍କ ଅନ୍ୟତମ ସ୍ୱାମୀ ସରୋଜ ସାହୁ ଓ ତାଙ୍କ ସଂସ୍ଥାଙ୍କ ନାମରେ ଏବଂ ଆଉ ଦୁଇଟି ଗାଡି ଅନ୍ୟ ଲୋକଙ୍କ ନାଁରେ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ତଦନ୍ତ ନ ସରିବା ପର୍ଯ୍ୟନ୍ତ ୫ ଗାଡିର କିଣାବିକା ☞ପୃଷ୍ଠା-୨



ଅନିଲ କୁମାର ମହାନ୍ତି ଓ ହଂସିତା ଅଭିଲିପ୍‌ସା

# ତେଲଙ୍ଗାନାରେ ସଡ଼କ ଦୁର୍ଘଟଣା: ୫ ଓଡ଼ିଆଙ୍କ ମୃତ୍ୟୁ



ଦୁର୍ଘଟଣାଗ୍ରସ୍ତ ବସ୍

**ମାଲକାନଗିରି,୧୦।୧**
**(ଦୁର୍ଯ୍ୟୋଧନ ପାତ୍ର)**

ତେଲଙ୍ଗାନାର ସୁର୍ୟାପେଟ୍ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ସଡ଼କ ଦୁର୍ଘଟଣାରେ ୪ ଦାଦନ ଶ୍ରମିକଙ୍କ ସମେତ ୫ ଜଣ ଓଡ଼ିଆଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଅନ୍ୟ ୨୦ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ କୋରାପୁଟ ଜିଲା କାମତା ଗ୍ରାମର ରୁପୁ ହରିଜନ (୫୧), ସୁଲୁ ହରିଜନ (୪୬), ସୁନାମଣି ହରିଜନ (୬୧), ନବରଙ୍ଗପୁର ଜିଲା ହାତୀଗୁଡା ଗ୍ରାମର ପ୍ରତ୍ୟୁଷ ପ୍ରଭାତ ହରିଜନ (୧୭) ଓ ବସ୍ ଡ୍ରାଇଭର ନବରଙ୍ଗପୁର ଜିଲା ତୁମ୍ବାର୍ଲା ଅଞ୍ଚଳ ଲହରିକାନୀ ଗ୍ରାମର ସୁନୀଲ ଗରଡା (୩୭)। ତେଲଙ୍ଗାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ☞ପୃଷ୍ଠା-୨

# ହଲିଉଡ୍‌ରେ ହାହାକାର

## ଲସ୍‌ଏଞ୍ଜେଲ୍ସ ବନାଗ୍ନିର କାରଣ ଖୋଜୁଛନ୍ତି ତଦନ୍ତକାରୀ

**ଲସ୍‌ଏଞ୍ଜେଲ୍ସ/ୱାଶିଂଟନ୍,୧୦।୧**

ଆମେରିକା କାଲିଫର୍ନିଆସ୍ଥିତ ଲସ୍‌ଏଞ୍ଜେଲ୍ସ ବନାଗ୍ନି ଅନ୍ୟୂନ ୧୦ ଜଣଙ୍କ ଜୀବନ ନେବା ସହ ଅନେକ ଲକ୍ଷ ଲୋକଙ୍କ ଘରଦ୍ୱାରକୁ ଭସ୍ମୀଭୂତ କରିଦେଇଛି। ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଉପକୂଳ ଜଙ୍ଗଲରେ ମଙ୍ଗଳବାରଠାରୁ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କରିଥିବାବେଳେ ଏହାକୁ ଆୟତ୍ତ କରିବାରେ ସରକାରୀ କଳ ବିଫଳ ହୋଇଛି। ଏଭଳି ସମୟରେ ତଦନ୍ତକାରୀମାନେ ବନାଗ୍ନିର ଉତ୍ପତ୍ତିସ୍ଥଳ ଓ ଏହାର କାରଣ ଖୋଜିବା ଆରମ୍ଭ କରିଦେଇଛନ୍ତି। ଲସ୍‌ଏଞ୍ଜେଲ୍ସରେ ହଲିଉଡ୍‌ର ଅନେକ ଅଭିନେତ୍ରୀ ଅଭିନେତାଙ୍କ ବିଳାସପୂର୍ଣ୍ଣ କୋଠା ରହିଥିଲା, ଯାହାକି ଜଙ୍ଗଲ ନିଆଁ ଯୋଗୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ବାସହରା ହୋଇ ଅନ୍ୟତ୍ର ପଳାୟନ କରିଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି ଜାମିଏ ଲି କୁର୍ଟିସ୍, ବିଲି କ୍ରିଷ୍ଟାଲ। ଏମାନଙ୍କ ଘର ଘଞ୍ଚ ଜଙ୍ଗଲ ସଂଲଗ୍ନ ପିଏଡ୍ରା ମୋରାଡା ଡ୍ରାଇଭ୍‌ରେ ରହିଥିଲା। ଆମେରିକାରେ ଜଙ୍ଗଲ ନିଆଁ ପାଇଁ ମୁଖ୍ୟତଃ ବଜ୍ରପାତକୁ ଦାୟୀ କରାଯାଉଥିବାବେଳେ ତଦନ୍ତକାରୀମାନେ ସଦ୍ୟ ବନାଗ୍ନି ପଛରେ ଏହି କାରଣକୁ ଖଣ୍ଡନ କରିଥିବା ନ୍ୟାଶନାଲ ଫାୟାର ପ୍ରୋଟେକ୍ସନ ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଲସ୍‌ଏଞ୍ଜେଲ୍ସ କାଉଣ୍ଟିରୁ ଆରମ୍ଭ ହୋଇ ଚାରିଆଡ଼େ ନିଆଁ ବ୍ୟାପିଥିଲା। କିନ୍ତୁ ପାଲିସାଡେସ୍ ଅଞ୍ଚଳରେ କୌଣସି ବଜ୍ରପାତ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟ ୨ଟି କାରଣକୁ ନେଇ ମଧ୍ୟ ଅନୁଧ୍ୟାନ ଚାଲିଛି। ଗୋଟିଏ ହେଲା ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯିବା ଓ ଅନ୍ୟଟି ୟୁଟିଲିଟି ଲାଇନ୍‌ରୁ ସୃଷ୍ଟି ହେବା। ୧୯୯୧ ଓକ୍‌ଲାଣ୍ଡ ହିଲ୍ସ ଫାୟାର ସମେତ କାଲିଫର୍ନିଆ ନିଆଁ ସମ୍ପର୍କରେ ପୂର୍ବରୁ ତଦନ୍ତ କରିଆସିଥିବା ଫ୍ଲୋରିଡାର ସାଇଣ୍ଟିଫିକ୍ ଫାୟାର ଆନାଲିସିସ୍ ମାଲିକ ଜନ୍ ଲେଣ୍ଟିନି କହିଛନ୍ତି, ନିଆଁ ଯେତିକି ଅଞ୍ଚଳକୁ ବ୍ୟାପିଛି, ତାକୁ ଅନୁଧ୍ୟାନ କଲେ ଏହାର ପ୍ରକୃତ କାରଣ ନେଇ କିଛି ଜଣାପଡୁନାହିଁ। ପ୍ରଥମେ ଏହା କେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲାଗିଥିଲା, ତା' ଉପରେ ଫୋକସ୍ ☞ପୃଷ୍ଠା-୨



> ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁର ସିଧା ପ୍ରସାରଣ ମୁଁ ଟିଭିରେ ଦେଖିଛି। ନିଜ ଘର ଜଳିଯାଉଥିବାବେଳେ ସେହି ଅବର୍ଣ୍ଣନୀୟ ଦୃଶ୍ୟକୁ ଦେଖି ଧୈର୍ଯ୍ୟ ଧରିବା ମୋ ପାଇଁ କଷ୍ଟକର ଥିଲା।
>
> **-ପ୍ୟାରିସ୍ ହିଲ୍‌ଟନ୍, ହଲିଉଡ୍ ସେଲିବ୍ରିଟି**



ଲସ୍‌ଏଞ୍ଜେଲ୍ସର ୱେଷ୍ଟ ହିଲ୍ସ ଜଙ୍ଗଲ ନିଆଁ ଲିଭାଇବା ପାଇଁ ହେଲିକପ୍ଟର ଜରିଆରେ ଜଳ ସିଞ୍ଚନ କରାଯାଉଛି।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା୧୩।୦୧।୨୦୨୫ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-23001/11/0002/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ମହୋତ୍ସବ, ସ୍ଥାନ: ବର୍ଣ୍ଣାଳୀ ମୁକ୍ତାକାଶ ରଙ୍ଗମଞ୍ଚ, ରାଜ୍ୟ ସଂଗ୍ରହାଳୟ, ସମୟ: ସକାଳ ୮ଟା ୩୦।
- ଟାଇମ୍ ପକ୍ଷରୁ ଜିଡିପିଆଇ ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ସମୟ: ସକାଳ ୯ଟା।
- ଷ୍ଟୁଆର୍ଟ ସ୍କୁଲ ଭୁବନେଶ୍ୱର ପକ୍ଷରୁ ୬୪ତମ ବାର୍ଷିକ ବିଜ୍ଞାନ ଏବଂ କଳା ପ୍ରଦର୍ଶନୀ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର ଏବଂ ଓଡ଼ିଶା ମାଥ୍‌ମେଟିକାଲ ସୋସାଇଟିର ୫୨ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୟୁନିଟ-୬ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ଓ୍ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ପ୍ରବାସୀ ଓଡ଼ିଆ ଦିବସ, ସ୍ଥାନ: ମେଫେୟାର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ୟୁରୋଲୋଜିକ ଅନ୍‌କୋଲୋଜି ଏବଂ ୟୁରୋପାଥୋଲୋଜି ସଂକ୍ରାନ୍ତୀୟ ସମ୍ମିଳନୀ, ସ୍ଥାନ:କିମ୍ସ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।
- ଗୀତ ଗୀତିକା ର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାଗବତ ପାରାୟଣ ଏବଂ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ) ସ୍ଥିତ ମାରୁତି ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ

- ହାଇକୋର୍ଟ ପକ୍ଷରୁ ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭସ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା ୩୦।
- ଓଡ଼ିଶୀ ନୃତ୍ୟମଣ୍ଡଳ ପକ୍ଷରୁ ୨୪ତମ ବାରବାଟୀ ନୃତ୍ୟୋତ୍ସବର ଉଦ୍‌ଘାଟନ, ସ୍ଥାନ: କଟକ ସାରଳା ଭବନ, ସମୟ: ଅପରାହ୍ନ ୫ଟା।
- ଭାଗବତ ସଂସ୍ଥାପନା ସମିତିର ୧୭ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଶୂନ୍ୟବ୍ରହ୍ମ ଆଶ୍ରମ ପରିସର, ଜଗତପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ କଥାମୃତ ଓ ଭଜନ ସମାରୋହ, ସ୍ଥାନ: ଶ୍ରୀ ଶ୍ରୀ ପୁରୁଷୋତ୍ତମଜୀଉ ମନ୍ଦିର ପ୍ରାଙ୍ଗଣ, ଖାନ୍‌ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଆରିୟନ୍ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ଶହୀଦ ଭବନ, ନିମାପଡ଼ା, ସମୟ: ପୂର୍ବାହ୍ନ ୯ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ପେଟ୍ରିକ୍ ଫେଷ୍ଟିଭାଲ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ପର୍ବ, ସ୍ଥାନ: ଭଗବାନପୁର ଫାର୍ମ ହାଉସ୍ ବୈଠକ ବଙ୍ଗଳା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡାହାର ଅଙ୍ଗନୱାଡ଼ି କେନ୍ଦ୍ର, ହଳଦୀପଦା, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଷଷ୍ଠ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରୟାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମଇତାପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: କୁଳେଇପଦା ପଡ଼ିଆ, ସମୟ: ସକାଳ ୮ଟା।
- ଅଲ୍ ଓଡ଼ିଶା ମହାବୀର କପ୍‌ର ୩ୟ ଦିବସ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଯବାନ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଦ୍ୱାଦଶ ଶହୀଦ ସ୍ମୃତି ସମାରୋହ, ସ୍ଥାନ: ରାଜଘରପୋଖରୀ ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ସମ୍ଭାଗ ସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ଆରସା ସରକାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ୨ୟ ଦିବସ, ସ୍ଥାନ: ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜେଏନ୍ ପବ୍ଲିକ ସ୍କୁଲ, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।
- ଦିବ୍ୟାଙ୍ଗମାନଙ୍କୁ ଇ-ରିକ୍ସା ବଣ୍ଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ହୋମ, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ସମ୍ଭାଗସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ନେହେରୁ ଷ୍ଟାଡ଼ିୟମ, ଚମ୍ପୁଆ, ସମୟ: ସକାଳ ୯ ଟା।
- କାୟାକଳ୍ପ ଟିମ୍‌ର ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ, ସ୍ଥାନ: ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ସୀମାନ୍ତ ମହାବିଦ୍ୟାଳୟର ୪୩ ତମ ବାର୍ଷିକୋତ୍ସବ,ସ୍ଥାନ: ମହାବିଦ୍ୟାଳୟ ପରିସର, ଝାରପୋଖରିଆ,ସମୟ: ପୂର୍ବାହ୍ନ ୧୧ଟା।
- ଏମକେସି ହାଇସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସୋସିଆଲ ରିଫର୍ମ ଗ୍ରୁପର ବାର୍ଷିକ ଉତ୍ସବ, ସ୍ଥାନ: ରୋଟାରୀ ଭବନ ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ:କାଦୁଆଣି କ୍ରିକେଟ ପଡ଼ିଆ,ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୨ଟା।

ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ,ସ୍ଥାନ: ମା' ହାତୀଟପ କମିଟି, ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ଟାଟାଷ୍ଟିଲ ପକ୍ଷରୁ କପିଳାସ ହାଫ୍ ମାରାଥନ, ସ୍ଥାନ: କପିଳାସ ପାଦଦେଶ ପାର୍କିଂ ସ୍ଥଳ, ସମୟ: ସକାଳ ୭ଟା୩୦।
- ବଜରଙ୍ଗ କ୍ଲବର ଆଗ୍ନେୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ହନୁମାନ ମନ୍ଦିର ସ୍ୱନକ୍ଷେତ୍ର ଉତ୍ସବ, ସ୍ଥାନ: ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଦାରୁବ୍ରହ୍ମ କ୍ଲବର ୨୦ତମ ବାର୍ଷିକ ଉତ୍ସବ ଉପଲକ୍ଷେ ୨ ଦିନିଆ କଳାମଞ୍ଚ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ସିଏଚ୍‌ଏ କଲୋନୀ, ମଧୁବନ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଓ ଦୁଇ ଦିନିଆ ଜାତୀୟ ଯୁବ ଦିବସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ,
- ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଧର୍ମଶାଳା ପ୍ରେସ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୯ଟା କଳସ ଯାତ୍ରା ଓ ଦେବପୂଜନ, ସନ୍ଧ୍ୟା ସାଢେ ୫ଟାରୁ ଆରତୀ ଓ ପ୍ରବଚନ।

## ନୟାଗଡ଼

- ରାମଚରିତ ମାନସର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୭ଟା।
- ରାଜ୍ୟ ସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଦଶପଲ୍ଲା ଯୁବ ମହୋତ୍ସବ ମହକ ୨୦୨୫ର ଉଦ୍‌ଘାଟନରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଭାପୁର ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ, ସ୍ଥାନ: ଜିଏଆଇଏସିଆର ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- ଶ୍ରୀ ଅନ୍ନ ଯୋଜନା ଅନ୍ତର୍ଜାତୀୟ ସେମିନାର, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ ଟା।
- ଆକାଂକ୍ଷା ଜିଲା ଓ ବ୍ଲକ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଜିଲାସ୍ତରୀୟ ଜୁନିଅର ରେଡ଼କ୍ରସ୍ ଶିକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର


- ଓର୍ମାସ ଆୟୋଜିତ ପଲ୍ଲିଶ୍ରୀ ମେଳା ୨୦୨୫, ସ୍ଥାନ: ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ଜିଲା କୁଲତା ସମାଜ ଆୟୋଜିତ କୁଲତା ମହୋତ୍ସବ-୨୦୨୫ ସକାଶେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଦାନୀପାଲିସ୍ଥିତ ରାମଚଣ୍ଡି ସେବା ସଦନ, ସମୟ: ଅପରାହ୍ନ ୩ଟା।
- ଜିଲା କୁଲତା ସମାଜ ଆୟୋଜିତ କୁଲତା ମହୋତ୍ସବ-୨୦୨୫ ସକାଶେ ନୃତ୍ୟ, ଗୀତ ଓ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ଦାନୀପାଲିସ୍ଥିତ ରାମଚଣ୍ଡି ସେବା ସଦନ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁରୀ ଧନୁଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ଓ ଆଗଲପୁର ବ୍ଲକର ବିବିଧ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଯୋଗଦାନ, ସମୟ: ସକାଳ ସାଢ଼େ ୯ରୁ ଅପରାହ୍ନ ୪ଟା।
- ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ 'ପ୍ରକୃତିର ବରଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ: ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା
- ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ, ସ୍ଥାନ: ଶିକ୍ଷାନୁଷ୍ଠାନ ପରିସର, ସମୟ: ଅପରାହ୍ନ ୨ଟା ୩୦ ମିନିଟ।
- ଆଗଲପୁର ବ୍ଲକ ବଡ଼ଟିକା ପ୍ରଥମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମି, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ, ବଲାଙ୍ଗୀର ସମୟ: ସନ୍ଧ୍ୟା ୫ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜିରା ଫୁଟାଇବି ଲଙ୍କା ଫୁଟାଇବି**
**ଲୁଣ ତେଲ ବଘାରିବି**
**ଶାଶୁ ଗାଳି ଦେଲା ନଣନ୍ଦ ଗଞ୍ଜିଲା**
**କାହାର କେତେ ସହିବି ?**

ବୋହୂଟି ଉପରେ ରୋଷେଇର ସମସ୍ତ ଦାୟିତ୍ୱ ନ୍ୟସ୍ତ ଥିବାବେଳେ ନିଆଁ ପାଣି କଥା ଭଳି କେବେ କେମିତି ଖାଦ୍ୟ ପ୍ରସ୍ତୁତିରେ କିଛିଟା ତ୍ରୁଟି ଦେଖାଦେଇଥାଏ। ଏପରିସ୍ଥଳେ ଶାଶୁ ଓ ନଣନ୍ଦ ଉକ୍ତ ବୋହୂ ପ୍ରତି କଟୁ ଭାଷା ପ୍ରୟୋଗ କରିବା ସହ ବେଳେବେଳେ ମାଡ଼ ଓ ଗାଳି ଦେଉଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ଶାଶୁ ନଣନ୍ଦଙ୍କ ଅଭିଯୋଗ ଓ ତା'ସହିତ ଗଞ୍ଜଣା ସହୁଥିବା ବୋହୂଟିର କରୁଣ ମାନସିକତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜୋକ ମୁହଁରେ ଲୁଣ।**

ଜୋକ ଦେହରେ ଲାଗିଲେ ରକ୍ତ ଶୋଷି ନିଏ। କିନ୍ତୁ ଜୋକ ମୁହଁରେ ଟିକିଏ ଲୁଣ ଦେଲେ, ସେ ନିର୍ବଳ ହୋଇଯାଇ ଦେହରୁ ଖସିପଡ଼େ। ପରୋକ୍ଷରେ ଶତ୍ରୁର ଟାଣପଣ ଭାଙ୍ଗିବା ବା ଦୃଢ଼ପଣିଆ ନଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବକ୍ରୀ ମଙ୍ଗଳ ବାଧକାଧିପ ଶନିଙ୍କ ନକ୍ଷତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣତଃ ଉପଶମ ହୋଇ ନ ପାରେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରର ଅସନ୍ତୋଷ ଆପୋସ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ। ଆର୍ଥିକ ସଂକଟ ମଧ୍ୟରେ ଗତିକରି ବିଚଳିତ ରହିପାରନ୍ତି।

**ବୃଷ** କର୍ମାଧିପଙ୍କ ସହ ରାଶ୍ୟାଧିପ ରହିଥିବାରୁ ଚିନ୍ତାଧାରା ଅନୁଯାୟୀ ପ୍ରତ୍ୟେକ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପିଲାଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ଚିନ୍ତିତ ରହିବେ। ପ୍ରିୟଜନଙ୍କ ସହ ସମ୍ପର୍କ ଛିଣ୍ଡିଯାଉଥିବାରୁ ଭାବପ୍ରବଣ ହେବେ। ଲୋକସମ୍ପର୍କ, ବ୍ୟବସାୟିକ ସ୍ଥିତି, ପୂର୍ବସ୍ଥିରୀକୃତ କାର୍ଯ୍ୟ ଏବଂ ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** ରବି ଯୁକ୍ତ ବୁଧ ହେତୁ କୌଣସି ହିତୈଷୀଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ଦୁଷ୍ଟ ମାନସିକତାରେ ପରିବର୍ତ୍ତନ ଘଟିପାରେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବେ। ଶୁକ୍ରଙ୍କ ଶୁଭତ୍ୱରୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ଏକାଦଶସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁପ୍ରୀତି, ଅର୍ଥଲାଭ, ଶୁଭଖବରା ଆଦି ପ୍ରାପ୍ତହେବ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିପାରିବ ନାହିଁ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଟେନସନ୍ ଲାଗିରହିବ। ସନ୍ତାନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** କୋଣଭାବସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ଆଜି ବିଶିଷ୍ଟବ୍ୟକ୍ତିଙ୍କ ସାନିଧ୍ୟ ଲାଭକରି କାର୍ଯ୍ୟସାଧନ କରିବେ। ଲୋକସମ୍ପର୍କ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ରହିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ରାଶିରେ କବନ୍ଧଗ୍ରହ କେତୁ ରହିଥିବାରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। ସମ୍ପର୍କୀୟ ସମ୍ମୁଖରେ ହିତବାଣୀ ଶୁଣାଇ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ସାମାଜିକ କ୍ଷେତ୍ରରେ, ସଭାସମିତିରେ, ଆଲୋଚନାରେ ସମ୍ମାନ ପାଇବେ। ଯାତ୍ରା, ବାଣିଜ୍ୟ, ଶିଳ୍ପ, ପ୍ରକଳ୍ପାରମ୍ଭ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା** ଆଜି ଶୁକ୍ରଙ୍କ ସ୍ଥାନସ୍ଥିତିରୁ ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମୟ ଅତିବାହିତ କରିବେ। ନିଜର ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପରେ ପ୍ରଚାର କରିପାରନ୍ତି। ଘରୋଇ ବ୍ୟାପାରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ଯାତ୍ରା ସମୟରେ ଅସାବଧାନତା କାରଣରୁ ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ।

**ବିଛା** ଅନୁକୂଳ ଗ୍ରହଙ୍କ ସ୍ଥିତି ଯୋଗୁ ସମ୍ମାନଜନକ ସ୍ଥିତିରେ ରହିବା ସହ ଅର୍ଥ ଓ ସମ୍ମାନ ଲାଭ କରିବେ। ରବି ଓ ବୁଧଙ୍କ ପ୍ରଭାବରେ କଥାବାର୍ତ୍ତାରେ ବ୍ୟତିକ୍ରମ ଅଶାନ୍ତ ସ୍ଥିତି ଉତ୍ପନ୍ନ କରିପାରେ। ଯାତ୍ରା, ବାଣିଜ୍ୟ, ପରିବହନ, କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରୀତିପ୍ରଦ ରହିବ। ସମ୍ପର୍କୀୟଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

**ଧନୁ** ରାଶିରେ ରବି ଓ ବୁଧ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପତିଆରା ବୃଦ୍ଧି ପାଇବ ଓ ବିଜୟୀ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ। ଯାତ୍ରା, ବାଣିଜ୍ୟ ଓ ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିବେ।

**ମକର** ଦ୍ୱିତୀୟସ୍ଥ ଶୁକ୍ର ପ୍ରଭାବରେ ସୁହାଇଲା ଭଳି କଥା କହି କାମ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଶତଭିଷା ନକ୍ଷତ୍ରର ଅଭାବ ନ ଥିଲେ ମଧ୍ୟ ଅର୍ଥ ସମ୍ପର୍କୀୟ କାମରେ ଅସ୍ଥିରତା ଲାଗି ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହେବା ସହ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। ନିଜ ପରିବେଶରେ କିମ୍ବା ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ପାପଗ୍ରହ ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣା ଅଭାବରୁ ଅଶାନ୍ତ ରହିବ। ଗାଡି, ମୋଟର ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ରହିବ ନାହିଁ। ଆଜି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୧ ତାରିଖ, ପୌଷ ଶୁକ୍ଳପକ୍ଷର ବୈଷ୍ଣବସମ୍ମତ ଜୟନ୍ତୀ ଏକାଦଶୀ ଉପବାସ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର୍ ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ସଡ଼କ ସୁରକ୍ଷା ଦିବସ ୧୧ରୁ ୧୭, ପୌଷ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ରାଶି ନକ୍ଷତ୍ର- ରୋହିଣୀ/ବୃଷ, ଦିବା୧୨।୨୯ ଗତେ ମୃଗଶିରା ନକ୍ଷତ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୪ ମି. ଗତେ ଘ.୦୯।୧୧ ମି. ମଧ୍ୟେ। ଦିବା ଘ. ୧୨।୧୬ ଗତେ ଘ.୦୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୧ ଗତେ ୧୦।୩୨ ମଧ୍ୟେ ରାହୁକାଳ।।

## ପ୍ରଥମ ପୃଷ୍ଠାରୁ...

### ବିକଶିତ ଭାରତର ...

ସଂସ୍କୃତି, ଅଧ୍ୟାତ୍ମବାଦ ସହିତ ଆତ୍ମୀୟତା ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମ ଆୟୋଜନ ହେବା ଯୋଗୁ ବିଶ୍ୱରେ ଓଡ଼ିଶା ନାମ ବିକଶିତ ହେବା ସହ ବିଶ୍ୱକୁ ମଧ୍ୟ ଓଡ଼ିଶା ସହ ଯୋଡ଼ିବ। ଓଡ଼ିଶାର ବିକାଶରେ ଜଣେ ଜଣେ ଅଂଶୀଦାର ହେବାକୁ ମୁଖ୍ୟମନ୍ତ୍ରୀ ପ୍ରବାସୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରବାସୀମାନଙ୍କ ସହଯୋଗରେ ବିକାଶର ରଥ ଆଗକୁ ଗଡ଼ିବ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଆ ଅସ୍ମିତା ଶିଖରରେ ପହଞ୍ଚିଛି। ଓଡ଼ିଆ ସଂସ୍କୃତି, ପରମ୍ପରା, ଐତିହ୍ୟ ଦିଗରେ କାର୍ଯ୍ୟ କରିବାର ଅନେକ ସୁଯୋଗ ରହିଛି। ପ୍ରବାସୀମାନଙ୍କ ପାଇଁ ଓଡ଼ିଶା ସରକାର ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ବିଭାଗ ମନ୍ତ୍ରୀଙ୍କୁ ନୋଡାଲ ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ଯେଉଁ ପ୍ରବାସୀମାନେ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଚାହିଁବେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରବାସୀ ଭାରତୀୟ ଦିବସରେ ଉପସ୍ଥିତି ପାଇଁ ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଷ୍ଟ୍ରପତିଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଫଳ ଏବଂ ସ୍ୱତନ୍ତ୍ର କରିପାରିଛି। ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପ୍ରବାସୀ ଭାରତୀୟଙ୍କ ମନରେ ନୂଆ ଆଶା ଭରିଦେଇଛି। ଉତ୍ସାହ, ଉଦ୍ଦୀପନା ଭରିଦେବା ସହ ବିକଶିତ ଭାରତ ନିର୍ମାଣ ପାଇଁ ଅନୁପ୍ରାଣିତ କରିଛି। ଏଥିପାଇଁ ବ୍ୟକ୍ତିଗତ ଭାବେ ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାରେ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବହିର୍ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

ଏହି ଉଦ୍‌ଯାପନୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରାଚୀନ କାଳରୁ ଓଡ଼ିଶା ଜଗତୀକରଣର କେନ୍ଦ୍ରବିନ୍ଦୁ ପାଲଟିଛି। ହଜାର ହଜାର ବର୍ଷ ଧରି ଓଡ଼ିଶାରୁ ପ୍ରବାସୀ ଓଡ଼ିଆମାନେ ଶ୍ରୀଲଙ୍କା ଓ ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟ ବ୍ୟବସାୟ କରିଥିଲେ। କାର୍ତ୍ତିକ ମାସରେ ଓଡ଼ିଆମାନେ ବେପାର ବଣିଜ ପାଇଁ ବିଦେଶ ଯାଇଥାନ୍ତି, ସେଥିପାଇଁ ତ ଆମେ ପ୍ରବାସୀ ଭାରତୀୟ। ଓଡ଼ିଶାର ସଭ୍ୟତା, ସଂସ୍କୃତି ଓ ପରମ୍ପରା ଏବେ ବି ବିଶ୍ୱରେ, ବିଶେଷ କରି ସାଉଥ୍ - ଇଷ୍ଟ ଏସିଆରେ ଦେଖାଯାଉଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ପୂର୍ବୋଦୟ ପାଇଁ ଆହ୍ୱାନ ଦେଇଛନ୍ତି। ଭାରତ ସରକାରଙ୍କ 'ଲୁକ୍ ଇଷ୍ଟ- ଆକ୍ଟ ଇଷ୍ଟ' ନୀତିରେ ଓଡ଼ିଶା କେନ୍ଦ୍ରବିନ୍ଦୁ ହୋଇଛି। ଓଡ଼ିଶାରେ ସ୍ୱାଭିମାନ ଓ ଗଣତନ୍ତ୍ରର ମୂଳ ଗଭୀରତା ରହିଛି। ଏହା ହେଉଛି ବୁଦ୍ଧଙ୍କ ଭୂମି, ଶାନ୍ତିର ଭୂମି। ସମଗ୍ର ବିଶ୍ୱରେ ବୌଦ୍ଧଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି। ଯେତେବେଳେ ଓଡ଼ିଶାରେ କେହି ରାଜା ନ ଥିଲେ, ସେହି ସମୟରେ ଆମ ଓଡ଼ିଶାରେ ଗଣତନ୍ତ୍ର ଥିଲା। ଆମର ସମୂହ ତ୍ୟାଗ ବା ବଳିଦାନ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ୍ୟ କରିଥିଲା। ଏହି ଭୂମି ପୂର୍ବୋଦୟର ଉତ୍ପତ୍ତିସ୍ଥଳୀ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ, 'ବସୁଦେବ କୁଟୁମ୍ବକମ୍' ନୀତିକୁ ଭାରତ ସର୍ବଦା ଗୁରୁତ୍ୱ ଦେଇଆସିଛି। ଯିଏ ଯେଉଁଠି ଥିଲେ ହେଁ ଭାରତମାତାର ଆକର୍ଷଣ ସେମାନଙ୍କୁ ଏଠାକୁ ଟାଣି ଆଣିଛି। ବିଦେଶରେ ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଯେଉଁ ଉତ୍କର୍ଷ ଦେଖାଇ ସଫଳତା ପାଇଛନ୍ତି, ତାହା ପାଇଁ ଭାରତର ଟେକ ରହିଛି। ଏହି ଅବସରରେ ରାଷ୍ଟ୍ରପତି ବିଦେଶରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୭ ଜଣ ପ୍ରବାସୀ ଭାରତୀୟଙ୍କୁ 'ପ୍ରବାସୀ ଭାରତୀୟ ସମ୍ମାନ-୨୦୨୫' ପ୍ରଦାନ କରିଛନ୍ତି। ଏଥିସହିତ ଜନତା ମଇଦାନରେ ଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଛନ୍ତି। ପ୍ରଥମଥର ପାଇଁ ଓଡ଼ିଶାରେ ଏଭଳି ଭବ୍ୟ ଆୟୋଜନ ଦେଖି ରାଷ୍ଟ୍ରପତି ଖୁସି ହୋଇଛନ୍ତି।ଏହି ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମ୍ପତି, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିଠାରୁ ପ୍ରବାସୀ ଭାରତୀୟ ସମ୍ମିଳନୀ ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ଖୋଲା ରହିବ

ଭୁବନେଶ୍ୱର,୧୦।୧(ଅନିଲ ଦାସ): ଗତ ୮ ତାରିଖରୁ ଜନତା ମଇଦାନରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି। ତେବେ ଜନସାଧାରଣଙ୍କୁ ପ୍ରଦର୍ଶନୀ ବୁଲି ଦେଖିବା ଉପରେ କଟକଣା ରହିଥିଲା। ପ୍ରବାସୀଙ୍କ ପାଇଁ ଜନତା ମଇଦାନରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨ ଦିନ ଖୋଲା ରହିବ। ତେବେ ଏହି ପ୍ରଦର୍ଶନୀ ଶନିବାର ପୂର୍ବାହ୍ନ ୧୦ଟାରୁ ଜନସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମୁଁ ମଣିଷ, ଭୁଲ୍ ...

ବିପଦକୁ ମୁକାବିଲା କରିବା ସାମର୍ଥ୍ୟର ସମ୍ପୂର୍ଣ୍ଣ ଉପଯୋଗ କରିନାହାନ୍ତି। ସେ ଏଭଳି ଜୀବନ ଯାପନ କରୁଛନ୍ତି, ଯେଉଁଠି ତାଙ୍କୁ ଅତି ଛୋଟ ଜିନିଷ ମଧ୍ୟ ସନ୍ତୁଷ୍ଟି ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପୋଡ୍‌କାଷ୍ଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ସାକ୍ଷାତ୍‌କାରକୁ କଂଗ୍ରେସ ତାଚ୍ଛଲ୍ୟ କରିଛି। ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍‌କାର କେବଳ ନିଜ ଭାବମୂର୍ତ୍ତିର ସୁରକ୍ଷା ପାଇଁ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

### ହଲିଉଡ୍‌ରେ ହାହାକାର...

କରାଯିବ। ତା' ପରେ ବନାଗ୍ନିର ଉତ୍ସ ଜଣାପଡ଼ିପାରେ। ତେବେ କିଏ ନିଆଁ ଲଗାଇଦେଇଥିଲା କି ୟୁଟିଲିଟି ଲାଇନ୍ସ ବିଭ୍ରାଟରୁ ଏହା ବ୍ୟାପିଥିଲା ସେନେଇ ସରକାରୀ ଭାବେ କିଛି ସ୍ପଷ୍ଟ କରାଯାଇ ନାହିଁ। ବିଦ୍ୟୁତ୍ ଦୁର୍ଘଟଣା ଯୋଗୁ ଜଙ୍ଗଲରେ ନିଆଁ ଲାଗିଥିବା ଜାଣିବା ପରେ ୟୁଟିଲିଟି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କାଲିଫର୍ନିଆ ପବ୍ଲିକ୍ ୟୁଟିଲିଟିଜ୍ କମିଶନ (ୟୁପିୟୁସି)କୁ ପ୍ରଥମେ ଅବଗତ କରାଇବା ନିୟମ ରହିଛି। ଏହା ପରେ କେଉଁଠି ଆଇନର ଉଲ୍ଲଂଘନ ହୋଇଛି ସେନେଇ କର୍ମଚାରୀମାନେ ତଦନ୍ତ କରିଥାଆନ୍ତି ବୋଲି କମିଶନ କମ୍ୟୁନିକେଶନ୍ ନିର୍ଦ୍ଦେଶକ ଟେରିଏ ପ୍ରୋସ୍ୱର ଇ-ମେଲ୍ ମାଧ୍ୟମରେ ସୂଚନା ଦେଇଛନ୍ତି।


କାଲିଫର୍ନିଆ ଇତିହାସରେ ଅନ୍ୟତମ ବୃହତ୍ ବନାଗ୍ନି କୁହାଯାଉଥିବା ୨୦୧୭ର ଥୋମାସ୍ ଫାୟାର ସାଉଥ୍ କାଲିଫର୍ନିଆ ଏଡିସନ୍ ପାୱାର ଲାଇନ୍ସରୁ ସୃଷ୍ଟି ହୋଇଥିଲା। ସେତେବେଳେ ଦ୍ରୁତଗତିରେ ପବନ ବହି ପାୱାର ଲାଇନ୍ସ ସଂସ୍ପର୍ଶରେ ଆସିବାରୁ ଜଙ୍ଗଲ ନିଆଁ ବ୍ୟାପିଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଭେଞ୍ଚୁରା କାଉଣ୍ଟି ବନ ବିଭାଗ ଏହି ବିଷୟ ଜାଣିପାରିଥିଲା।

### ଜେଲ ଫେରିଲେ ହଂସିତା, ...

ଉପରେ ରୋକ୍ ଲଗାଇବା ପାଇଁ ଆୟକର ଟିମ୍ ଆର୍‌ଟିଓଙ୍କୁ ଚିଠି ଲେଖିଛି। ଏପରିସ୍ଥିତିରେ ଅନିଲଙ୍କ ଜନ୍ମଦିନରେ ହଂସିତା ଉପହାର ଦେଉଥିବା ଓ ସେଲିବ୍ରେଶନ କରୁଥିବାର ଭିଡିଓ ଭାଇରାଲ ହେଉଛି। ଏହି ସେଲିବ୍ରେଶନ ବେଳେ ସେଠାରେ ଭଦ୍ରକର ଜଣେ ବିରୋଧୀ ଦଳର ବିଧାୟକ ଉପସ୍ଥିତ ଥିବା ଦେଖାଯାଇଛି। ତେଣୁ ସେ ଏବେ ଆୟକର ବିଭାଗ ସ୍କାନରରେ ରହି ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ନୋଟିସ କରାଯାଇ ପଚରାଉଚରା କରିବ ଟିମ୍। ଏଥିସହ ଠକଯୋଡିଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ହୋଇଥିବା ଟ୍ରାଞ୍ଜାକ୍ସନ ତଥ୍ୟ ଆଧାରରେ କେତେଜଣ କଣ୍ଟ୍ରାକ୍ଟର, ନେତା, ବିଲ୍ଡରଙ୍କୁ ଆୟକର ବିଭାଗ ଜେରା କରିପାରେ ବୋଲି ସୂଚନା ମିଳିଛି।

### ତେଲଙ୍ଗାନାରେ ସଡ଼କ ...

ଗୁପ୍ତା ନାମକ ଘରୋଇ ବସ୍ କଳାହାଣ୍ଡି ଜିଲା ଧର୍ମଗଡ଼ ସିନାପାଲୀରୁ ନବରଙ୍ଗପୁର, ଜୟପୁର ଓ ମାଲକାନଗିରି ଦେଇ ହାଇଦ୍ରାବାଦ ଅଭିମୁଖେ ଯାଉଥିଲା। ଏଥିରେ ୩୨ ଜଣ ଶ୍ରମିକ ଥିଲେ ବୋଲି କୁହାଯାଉଛି। ଗୁରୁବାର ମଧ୍ୟରାତ୍ରରେ ବସ୍‌ଟି ସୁର୍ୟାପେଟ ଜିଲା ଇଲାପୁରମ୍ ଗ୍ରାମ ନିକଟ ମୁଖ୍ୟ ରାସ୍ତାକଡ଼ରେ ଠିଆହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ୪ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କୁ ସୁର୍ୟାପେଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି।




# ମକର ସଂକ୍ରାନ୍ତି ପାଇଁ ଟି-ସେତୁରେ ଗାଡ଼ି ଚଳାଚଳ କଟକଣା

କଟକ,୧୦।୧(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ମକର ସଂକ୍ରାନ୍ତିରେ କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ଗୋପୀନାଥପୁରର ସିଂହନାଥ ପୀଠରେ ମକର ମେଳା ଅନୁଷ୍ଠିତ ହେବ। ଫଳରେ ଏଠାରେ ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୀଠକୁ ସଂଯୋଗ କରୁଥିବା ଟି-ସେତୁ ଉପରେ ଯାନବାହନ ଚଳାଚଳ ଉପରେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ନୟାଗଡ଼ ପଟୁ ଆସିବାକୁ ଥିବା ଯାନବାହନ ସିଦ୍ଧମୂଳ ସେତୁ ଦେଇ ବଡମ୍ବା ଅଭିମୁଖେ ଚଳାଚଳ କରିବ। ସେପରି ବଡମ୍ବା ପଟୁ ଭୁବନେଶ୍ୱର ଓ ଖୋର୍ଦ୍ଧା ଆସିବାକୁ ଥିବା ଯାନବାହନ ଜାତମୁଣ୍ଡିଆ ସେତୁ ଦେଇ ଚଳାଚଳ କରିବ। ଏହି କଟକଣା ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯିବ ବୋଲି ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।




# ଓଏସ୍ଆରଟିସି ଦ୍ୱାରା ୯ ମାର୍ଗ ଲାଗି ୧୩ଟି ବସ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୦।୧(ସୁନିତ୍ ମିଶ୍ର)

ଓଏସ୍ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭର୍ଚୁଆଲ ମୋଡରେ ଏହାର ଶୁଭ ଉଦଘାଟନ କରିଛନ୍ତି। ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହିତ କୁନ୍ଦୁରାକୁ କଟକ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏହି ଅବସରରେ କହିଛନ୍ତି, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା। ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଇଲା ପଣ୍ଡା

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

**ଅଭୁଲା ସ୍ମୃତି ସହ**

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in


# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ଆମ୍ବପୁଆ ମେନ୍ ରୋଡ, ବ୍ରହ୍ମପୁର, ଗଞ୍ଜାମ, ପିନ୍- ୭୬୦୦୧୧, ଇ-ମେଲ: berhampurlaw@iobnet.co.in

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର / ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ / ସୁରକ୍ଷିତ ରଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି, ଯାହାକୁ **"ଯେପରି ଯେଉଁଠାରେ ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ରଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ /ସୁରକ୍ଷିତ ରଣଦାତାଙ୍କ ରଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ | ଶାଖା ନାମ / ରଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|
| ୧. | **ବରପାଲୀ ଶାଖା, ଫୋନ୍: ୯୨୪୫୮୦୦୫୮୧** **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ସୁରେନ୍ଦ୍ର ସାହୁ,** ପିତା: ଶ୍ରୀ ରଞ୍ଜିତ ସାହୁ, ରଙ୍ଗଟିକିରା, ଗ୍ରାମ: ଫୁଲାପାଲୀ, ପୋ: କୁସୁନପୁରୀ, ବରପାଲୀ-୭୬୮୦୨୯ | ଶ୍ରୀ ସୁରେନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ବାସପୋଯୋଗୀ ଗୃହ ଯାହାର ଖାତା ନଂ.: ୩୫୦, ପ୍ଲଟ ନଂ.: ୧୩୨୨, **ସମୁଦାୟ କ୍ଷେତ୍ର: ଏକର୦.୧୩ ଡିସିମିଲି** ଯାହା ରଙ୍ଗଟିକିରା, ଗ୍ରାମ: ଫୁଲାପାଲୀ, ପୋ: କୁସୁନପୁରୀ, ବରପାଲୀ-୭୬୮୦୨୯, ଜିଲ୍ଲା: ବରଗଡରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଲୋକନାଥ ସାହୁ, ପଶ୍ଚିମ: ରାସ୍ତା, ଉତ୍ତର: ଲୋକନାଥ ସାହୁ, ଦକ୍ଷିଣ: ରାସ୍ତା |
| ୨. | **ଆସିକା ଶାଖା, ଫୋନ୍: ୯୧୧୦୨୭୪୮୦୧** **ରଣଗ୍ରହୀତା: ମେସର୍ସ କେ.କେ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ବିଶୋୟୀ,** ପିତା: ଶ୍ରୀ ବିଶ୍ୱନାଥ ବିଶୋୟୀ, ଠିକଣା- ସା: କର୍ଣ୍ଣଲୀ, ପୋ: ଖଣ୍ଡଦେଉଳି, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୧, ଓଡିଶା / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀ ଜିତେନ୍ଦ୍ର କୁମାର ବିଶୋୟୀ,** ପିତା: ଶ୍ରୀ ତ୍ରିନାଥ ବିଶୋୟୀ, ଠିକଣା: ସା: କର୍ଣ୍ଣଲୀ, ପୋ: ଖଣ୍ଡଦେଉଳି, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୧, ଓଡିଶା | ଶ୍ରୀ ଜିତେନ୍ଦ୍ର କୁମାର ବିଶୋୟୀଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: ସୁନାମ୍ବ, ଏନ୍‌ଏସି/ତହସିଲି/ଏସ୍‌ଆରଓ: ଆସିକା, ଜିଲ୍ଲା: ଗଞ୍ଜାମ-୭୬୧୧୧୦, ଓଡିଶା, ଖାତା ନଂ.: ୨୧୮କ/୫୩୩, ପ୍ଲଟ ନଂ.: ୫୧୯/୧୧୨୧/୧୨୩୬, କ୍ଷେତ୍ର: ଏକର୦.୦୩୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୬ର ସମ୍ପର୍କୀତ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀ ସଞ୍ଜୟ କୁମାର ସ୍ୱାଇଁଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୯ର ସମ୍ପର୍କୀତ ଜମି |
| ୩. | **ଆସିକା ଶାଖା, ଫୋନ୍: ୯୧୧୦୨୭୪୮୦୧** **ରଣଗ୍ରହୀତା: ଶ୍ରୀ ବସନ୍ତ କୁମାର ସାମଲ,** ଠିକଣା: ସା: କମାଗଡ, ଥାନା: ଆସିକା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୫, ଓଡିଶା | ଶ୍ରୀ ବସନ୍ତ କୁମାର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୭୧୬/୧୩୫, ପ୍ଲଟ୍ ନଂ.: ୩୯୨୩/୭୨୧୭ ଏବଂ ୩୯୨୪, କ୍ଷେତ୍ର: ଏକର୦.୧୩୦ ଡିସିମିଲି, ମୌଜା: କମାଗଡ, ଏସ୍‌ଆରଓ: ଆସିକା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱ ପୂର୍ବ: ମାୟା ମହାପାତ୍ରଙ୍କ ଜମି, ପଶ୍ଚିମ: ଝାଡେଶ୍ୱର ମହାଦେବଙ୍କ ଜମି, ଉତ୍ତର: ଗ୍ରାମ ରାସ୍ତା, ଦକ୍ଷିଣ: ଝାଡେଶ୍ୱର ମହାଦେବଙ୍କ ଜମି |
| ୪. | **ଆସିକା ଶାଖା, ଫୋନ୍: ୯୧୧୦୨୭୪୮୦୧** **ରଣଗ୍ରହୀତା: ମେସର୍ସ ରଘୁନାଥ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁଶାନ୍ତ କୁମାର ନାହାକ,** ଠିକଣା: କାଳଷଣ୍ଡପୁର, ଆସିକା-ବ୍ରହ୍ମପୁର ମେନ୍ ରୋଡ, ଆସ୍କା, ଗଞ୍ଜାମ-୭୬୧୧୧୧ / **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶାନ୍ତ କୁମାର ନାହାକ,** ପିତା: ଶ୍ରୀ ଭୋବନି ନାହାକ, ଠିକଣା: ସା: ଘଟକୁରି, ପୋ: ଖାରିଆ, ଜିଲ୍ଲା: ଗଞ୍ଜାମ, ପିନ୍- ୭୬୧୧୧୧ | ଶ୍ରୀ ସୁଶାନ୍ତ କୁମାର ନାହାକଙ୍କ ନାମରେ ଥିବା ଗୃହ ନିର୍ମାଣ ଭୂମି ଯାହାର ମୌଜା: ଖାରିଆ, ଥାନା/ତହସିଲି/ଏସ୍‌ଆରଓ: ଆସ୍କା, ଜିଲ୍ଲା: ଗଞ୍ଜାମ- ୭୬୧୧୧୧, ଓଡିଶା, ନୂତନ ଖାତା ନଂ.: ୭୦୨/୧୨୦, ପ୍ଲଟ୍ ଏବଂ ଚକ ନଂ.: ୫୦୮୯, ୫୦୯୪/୬୯୯୦, ୫୦୯୫/୬୯୯୧, ୫୦୮୮, ଯଥାକ୍ରମେ କ୍ଷେତ୍ର: ଏକର୦.୧୫୮ ଡିସିମିଲି, ଏକର୦.୦୨୫ ଡିସିମିଲି, ଏକର୦.୧୯୫ ଡିସିମିଲି, ଏକର୦.୧୬୮ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୫୪୬ ଡିସମିଲି** (୨୩୭୮୩.୭୬ ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସହଦେବ ଜେନା, ବାସୁଦେବ ଜେନା ଏବଂ ହାଡୁବନ୍ଧୁ ସ୍ୱାଇଁଙ୍କ ଜମି, ପୂର୍ବ: ଶ୍ରୀ ଗୋବିନ୍ଦ ବିଶ୍ୱାଳ ଏବଂ ବାହାଦୁର ବିଶ୍ୱାଳଙ୍କ ଜମି, ପଶ୍ଚିମ: ନିଜଜମି ଏବଂ ରାମନାଥ ବିଶ୍ୱାଳଙ୍କ ଜମି |
| ୫. | **ଲାଞ୍ଜିଗଡ ଶାଖା, ଫୋନ୍: ୭୩୫୪୮୮୯୧୩୯ /** **ରଣଗ୍ରହୀତା: ଶ୍ରୀ ରାଜେଶ କୁମାର ପଧାନ,** ଠିକଣା: ସା: ନିଆଳି, ପୋ: ଗୋପିନାଥପୁର, ଥାନା: ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୨୦ | ଶ୍ରୀ ରାଜେଶ କୁମାର ପଧାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୦୫, ଖାତା ନଂ.: ୮୮/୭୭, କ୍ଷେତ୍ର: ଏକର୦.୧୩ ଡିସିମିଲି, ମୌଜା: ନିଆଳି, ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍ଖ ପଧାନ, ପୂର୍ବ: ଦୁତିଆ ପଧାନ, ପଶ୍ଚିମ: ରାସ୍ତା, ଦକ୍ଷିଣ: ଦୁତିଆ ପଧାନ |
| ୬. | **ବେଗୁନିଆପଡା ଶାଖା, ଫୋନ୍: ୭୯୭୮୪୧୫୮୩୩ /** **ରଣଗ୍ରହୀତା: ମେସର୍ସ ସ୍ୱପ୍ନେଶ୍ୱର ଏଜେନ୍ସି, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମୃତ୍ୟୁଞ୍ଜୟ ଶତପଥୀ / ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମାୟାବତୀ ଶତପଥୀ,** ସ୍ୱା: ୰ ବଟକୃଷ୍ଣ ଶତପଥୀ, ଉଭୟଙ୍କ ସା: ବୀରଜଗନ୍ନାଥପୁର, ପୋ/ଥାନା: ବେଗୁନିଆପଡା, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୦୩୧ | ଶ୍ରୀମତୀ ମାୟାବତୀ ଶତପଥୀ ଏବଂ ଶ୍ରୀ ମୃତ୍ୟୁଞ୍ଜୟ ଶତପଥୀ ଉଭୟଙ୍କ ନାମରେ ଥିବା ଘରବାରୀ ଜମି ଏବଂ ୧ମହଲା ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୮, ଖାତା ନଂ.: ୩୮୧, ପରିମିତ କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: ଖଣ୍ଡିଆନଇ, ତହସିଲ: କୋଦଳା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: କପିଳେଶ୍ୱର ଶତପଥୀଙ୍କ ଗୃହ, ପଶ୍ଚିମ: ଶ୍ରୀ ନାରାୟଣ ଶତପଥୀଙ୍କ ଗୃହ, ଉତ୍ତର: ବାରି, ଦକ୍ଷିଣ: ରାସ୍ତା |
| ୭. | **ଷ୍ଟିଲ୍ ଟାଉନ୍‌ସିପ୍ ଶାଖା ଫୋନ୍: ୭୯୦୩୩୫୬୪୮୯ /** **ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ଏମ୍.ଏମ୍.ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମମତା ସମାସୀଙ୍କଦ୍ୱାରା ପ୍ରତିନିଧିତ୍ୱ, ମାର୍ଫତ:** ମଜେନ୍ଦ୍ର ସମାସୀ, କ୍ୱାର୍ଟର ନଂ.: ଏଚ/୧୨୫, ସେକ୍ଟର-୧୫, ରାଉରକେଲା-୭୬୯୦୦୩, ଜିଲ୍ଲା: ସୁନ୍ଦରଗଡ | **(୧) ଶ୍ରୀମତୀ ମମତା ସମାସୀଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ଲଟ୍ ନଂ.: ୩୪୫/ପି, କିସମ: ଗୋଡା-୨, ଖାତା ନଂ.: ୪୭, ମୌଜା: ଭୂମିଜଟୋଲ, ଥାନା: ବିଶ୍ରା, ତହସିଲ: ପାନପୋଷ (ବର୍ତ୍ତମାନ ବିଶ୍ରା), ସବ୍ ରେଜିଷ୍ଟ୍ରି ଏବଂ ସବ୍ ଡିଭିଜନ: ପାନପୋଷ, ଉଦିତ୍ ନଗର, ଜିଲ୍ଲା: ସୁନ୍ଦରଗଡ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୪୫/ପି, ପୂର୍ବ: ପ୍ଲଟ୍ ନଂ.: ୩୪୫/ପି, ପଶ୍ଚିମ: ପ୍ଲଟ୍ ନଂ.: ୩୪୪, **(୨)** କଳକବଜା ଏବଂ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ମିଶ୍ରିତ ସ୍ଥାୟୀ ସମ୍ପତ୍ତି ଏବଂ ଷ୍ଟକ୍ ଯାହାକି ସା: ୩୪୫/ପି, କିସମ: ଗୋଡା-୨, ଖାତା ନଂ.: ୪୭, ମୌଜା: ଭୂମିଜଟୋଲ, ଥାନା: ବିଶ୍ରା, ତହସିଲ: ପାନପୋଷ (ବର୍ତ୍ତମାନ ବିଶ୍ରା), ସବ୍ ରେଜିଷ୍ଟ୍ରି ଏବଂ ସବ୍ ଡିଭିଜନ: ପାନପୋଷ, ଉଦିତ୍ ନଗର, ଜିଲ୍ଲା: ସୁନ୍ଦରଗଡ, ଓଡିଶା ଠାରେ ଅବସ୍ଥିତ |
| ୮. | **ଚର୍ଚ୍ଚ ରୋଡ ଶାଖା ଫୋନ୍.: ୭୦୦୮୨୩୬୫୭୫ /** **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରବିନ୍ଦ୍ର ନାଥ ପାଢୀ,** ପିତା: ୰ଲକ୍ଷ୍ମୀ ନାରାୟଣ ପାଢୀ, ବ୍ୟାଙ୍କ କଲୋନୀ, ୬ଷ୍ଠ ଲେନ୍, ରେଡିଓ ଷ୍ଟେସନ ନିକଟ, ବ୍ରହ୍ମପୁର - ୭୬୦୦୦୧ | **ଶ୍ରୀ ରବିନ୍ଦ୍ର ନାଥ ପାଢୀଙ୍କ** ନାମରେ ଥିବା ଜମି ଏବଂ ବସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୫/ଅଂଶ, ସର୍ଭେ ନଂ.: ୩୮୬/ଅଂଶ, ୩୯୧/ଅଂଶ, ୩୯୦/ଅଂଶ, ୩୮୫/ଅଂଶ, ଖାତା ନଂ.: ୧୩୩(ଅଂଶ), ୧୭୪(ଅଂଶ), ୧୭୫ (ଅଂଶ), **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୪୨(୧୮୩୭ ବର୍ଗଫୁଟ) ଡିସିମିଲି,** ମୌଜା: ରାଜେନ୍ଦ୍ରପୁର, ୬ଷ୍ଠ ଲେନ୍, ବ୍ୟାଙ୍କ କଲୋନୀ, ରେଡିଓ ଷ୍ଟେସନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ; ପ୍ଲଟ୍ ନଂ.: ୩୪, ପଶ୍ଚିମ: ପ୍ଲଟ୍ ନଂ.: ୩୫ ର ଅବଶିଷ୍ଟ ସମ୍ପତ୍ତି, ଦକ୍ଷିଣ: ରାସ୍ତା, ଉତ୍ତର: ସର୍ଭେ ନଂ.: ୩୮୫ ଏବଂ ୩୯୧ ଅନୁଯାୟୀ ଜମି, ଦକ୍ଷିଣ: ୩୦ଫୁଟ ଓସାର ରାସ୍ତା |
| ୯. | **କବିସୂର୍ଯ୍ୟ ନଗର ଶାଖା, ଫୋନ୍.: ୯୯୯୪୪୫୩୬୧୩ /** **ରଣଗ୍ରହୀତା: ଶ୍ରୀ ପ୍ରମୋଦ କୁମାର ସେନାପତି,** ପିତା: ଦେବରାଜ ସେନାପତି / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ କେଶରୀ ସେନାପତି,** ସ୍ୱାମୀ: ଶ୍ରୀ ଦେବରାଜ ସେନାପତି, ଉଭୟଙ୍କ ବାସସ୍ଥାନ ଠିକଣା- ସା/ପୋ.: ଶିଆଳିଆ, କବି ସୂର୍ଯ୍ୟ ନଗର, ଜିଲ୍ଲା: ଗଞ୍ଜାମ | **ଶ୍ରୀମତୀ କେଶରୀ ସେନାପତି,** ସ୍ୱାମୀ: ଦେବରାଜ ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୧୮ଡିସିମିଲି, ପ୍ଲଟ୍ ନଂ.: ୨୨୫୫, ଖାତା ନଂ.: ୫୯୧, ମୌଜା: ଶିଆଳିଆ (କବି ସୂର୍ଯ୍ୟ ନଗର), ତହସିଲ: କବିସୂର୍ଯ୍ୟ ନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ ପଛପାର୍ଶ୍ୱ, ଦକ୍ଷିଣ: ମୁଖ୍ୟ ରାସ୍ତା, ପୂର୍ବ: କୁନୀ ସେନାପତିଙ୍କ ଗୃହ, ପଶ୍ଚିମ: କମା ମହାନ୍ତିଙ୍କ ଗୃହ |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | ଅମାନତ ଜମା /କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସୀମିତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) | ଅମାନତ ଜମା ଆକାଉଣ୍ଟ ଏବଂ IFSC Code |
|---|---|---|---|---|---|---|---|---|
| ୧. | ଟ.୨୬,୨୦,୦୦୦/- | ଟ.୨,୬୨,୦୦୦/- | ୩୦.୦୧.୨୦୨୩ସୁଦ୍ଧା ଟ.୨୧,୪୨,୮୦୬.୫୭ + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୩୧.୦୧.୨୦୨୩ (ଖବରକାଗଜ ପ୍ରକାଶନ ୧୦.୦୩.୨୦୨୩) / ୧୩.୦୬.୨୦୨୩ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 23950113035001 ଏବଂ IFSC Code: IOBA0002395 |
| ୨. | ଟ.୧୯,୮୪,୦୦୦/- | ଟ.୧,୯୮,୪୦୦/- | ଟ.୧୩,୮୩,୪୯୦/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୧୨.୧୧.୨୦୨୧ (ଖବରକାଗଜ ପ୍ରକାଶନ ୨୨.୦୧.୨୦୨୨) / ୨୫.୦୩.୨୦୨୨ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 22180113035001 ଏବଂ IFSC Code: IOBA0002218 |
| ୩. | ଟ.୧୬,୯୫,୦୦୦/- | ଟ.୧,୬୯,୫୦୦/- | ଟ.୧୦,୦୬,୧୧୫/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୦୬.୦୫.୨୦୧୯ / ୧୬.୦୭.୨୦୧୯ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 22180113035001 ଏବଂ IFSC Code: IOBA0002218 |
| ୪. | ଟ.୫୯,୮୭,୦୦୦/- | ଟ.୫,୯୮,୭୦୦/- | ଟ.୩୪,୩୫,୨୨୦/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୦୬.୦୬.୨୦୨୨ ଏବଂ ୨୩.୦୬.୨୦୨୨ / ୨୩.୦୯.୨୦୨୨ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 22180113035001 ଏବଂ IFSC Code: IOBA0002218 |
| ୫. | ଟ.୮,୬୫,୦୦୦/- | ଟ.୮୬,୫୦୦/- | ଟ.୧୬,୮୫,୮୨୭/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୦୬.୦୫.୨୦୧୯ / ୧୮.୦୭.୨୦୧୯ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 06890113035001 ଏବଂ IFSC Code: IOBA0000689 |
| ୬. | ଟ.୨୫,୭୯,୦୦୦/- | ଟ.୨,୫୭,୯୦୦/- | ୧୪.୦୭.୨୦୨୩ସୁଦ୍ଧା ଟ.୪୩,୮୧,୪୩୦/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୨୯.୦୪.୨୦୨୩ / ୧୪.୦୭.୨୦୨୩ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 06360113035001 ଏବଂ IFSC Code: IOBA0000636 |
| ୭. | ଟ.୧୦,୨୫,୦୦୦/- | ଟ.୧,୦୨,୫୦୦/- | ୧୨.୦୪.୨୦୧୭ ସୁଦ୍ଧା ଟ.୨୫,୬୦,୦୧୬/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୧୨.୦୪.୨୦୧୭ / ୦୨.୦୭.୨୦୧୮ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 06910113035001 ଏବଂ IFSC Code: IOBA0000691 |
| ୮. | ଟ.୭୨,୦୦,୦୦୦/- | ଟ.୭,୨୦,୦୦୦/- | ଟ.୯,୪୩,୯୫୦/- + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୧୦.୦୩.୨୦୨୩ (ଖବରକାଗଜ ପ୍ରକାଶନ ୧୮.୦୩.୨୦୨୩) / ୧୨.୦୬.୨୦୨୩ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 06910113035001 ଏବଂ IFSC Code: IOBA 0000691 |
| ୯. | ଟ.୭,୯୪,୦୦୦/- | ଟ.୭୯,୪୦୦/- | ୩୧.୦୩.୨୦୨୪ ସୁଦ୍ଧା ଟ.୯,୪୦,୦୬୯.୮୫ + ସେବାବଦ ସୁଧ, ଖର୍ଚ୍ଚ ଓଅନ୍ୟାନ୍ୟ ଦେୟ (ଅସୁଲ ଯଦିକିଛି ଥାଏ, ବିଯୁକ୍ତ କରାଯିବ) | ୧୧.୦୪.୨୦୨୪ / ୧୧.୦୭.୨୦୨୪ | ୨୭.୦୧.୨୦୨୫ ପର୍ଯ୍ୟନ୍ତ | ୨୭.୦୧.୨୦୨୫ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ | ୨୮.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା | ଅମାନତ ଜମା ଆକାଉଣ୍ଟ ନଂ.: 04070113035001 ଏବଂ IFSC Code: IOBA 0000407 |

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **https://baanknet.com/eauction-psb/bidder-registration** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://baanknet.com/eauction-psb/bidder-registration.** ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଆବଶ୍ୟକ। ସେମାନଙ୍କୁ ସେବା ପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ଼ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରି ପାରିବେ। (୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration** କିମ୍ବା ବ୍ୟାଙ୍କର ମେଲ୍ ଆଇଡି- **2006ro@iobnet.co.in** ଏବଂ **2006law@iobnet.co.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା କେୱାଇସି କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **UPI / Net Banking / NEFT / RTGS PSB Alliance (BAANKNET.com)** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://baanknet.com/eauction-psb/bidder-registration** ମାଧ୍ୟମରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। ନିଲାମଧାରୀମାନଙ୍କ ଦ୍ୱାରା ଅମାନତ ରାଶି **PSB Alliance (BAANKNET.com)** ଦ୍ୱାରା ପ୍ରଦତ୍ତ ନିଜର ୱାଲେଟ୍ ମାଧ୍ୟମରେ ଜମା କରାଯିବ ଯାହାକି ଇ-ନିଲାମ ୱେବ୍‌ସାଇଟ୍: **https://baanknet.com/eauction-psb/bidder-registration** ଦ୍ୱାରା **UPI / Net Banking / NEFT / RTGS** ମାଧ୍ୟମରେ ଦାଖଲ କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡ଼ିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୧୦ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କର ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ EFT/NEFT/RTGS ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Ratikanta Behera, Mob.: 9051249721, Indian Overseas Bank, RegionalOffice, Berhampur, E-mail: 2006ro@iobnet.co.in or 2006law@iobnet.co.in or visit website : https://baanknet.com/eauction-psb/bidder-registration.** (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି ଟ.୨୦,୦୦୦/- ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ ଉପରୋକ୍ତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେ । (୨୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି । (୨୨) ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ / ଗଠନାତ୍ମକ ଦଖଲରେ ଅଛି ଏବଂ ସମ୍ପତ୍ତି "ଯେପରି ଯେଉଁଠାରେ ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ ନିମନ୍ତେ ଦିଆଯାଇଛି। (୨୩) କୌଣସି ଅଦାଲତ/ଫୋରମ/ଟ୍ରିବ୍ୟୁନାଲ ଇତ୍ୟାଦିରେ ଯଦି ଉପରୋକ୍ତ ଇ-ନିଲାମ ବିରୁଦ୍ଧରେ ମୋକଦ୍ଦମା କରାଯାଏ ତେବେ ଏହି ଇ-ନିଲାମର ଅନ୍ତିମ ଫଇସଲା ଉକ୍ତ ଅଦାଲତ/ଫୋରମ/ଟ୍ରିବ୍ୟୁନାଲର ଅନ୍ତିମ ଫଇସଲା ଉପରେ ନିର୍ଭର କରେ । ବ୍ୟାଙ୍କ ସମ୍ଭାବ୍ୟ ନିଲାମଧାରୀଙ୍କ ଅମାନତ ରାଶି/ଅନ୍ତିମ ବିଡ୍ ପରିମାଣ ଉପରେ କୌଣସି ସୁଧ/ଦାବୀ/କ୍ଷତି ପୁରଣ ପ୍ରଦାନ କରିବ ନାହିଁ।

ସ୍ଥାନ : ବ୍ରହ୍ମପୁର, ତାରିଖ: ୧୦.୦୧.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ। -ଶ୍ରୀମା



# ବଦଳି ନାଟକ



## ଦିଲ୍ଲୀକା ବାବୁ

### ଦିଲୀପ ଚେରିଏନ୍

ଦିଲ୍ଲୀ ବିଧାନସଭା ନିର୍ବାଚନର ରାଜନୈତିକ ରଙ୍ଗମଞ୍ଚକୁ ଦେଖିଲେ ବାବୁ ଅଦଳବଦଳ ଏକ ଡ୍ରାମା ଭଳି ମନେହୁଏ। ଆଇପିଏସ୍ ଅଧିକାରୀ ମନୀଷି ଚନ୍ଦ୍ରାଙ୍କୁ ବଦଳିକରିବା ପରେ ପୁନର୍ବାର ତାହାକୁ ରଦ୍ଦକରିବା ହେଉଛି ବଦଳି ନାଟକର ରୋଚକ ବିଷୟ। ଦିଲ୍ଲୀ ପୋଲିସ କମିଶନରରେ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ଥିବା ଚନ୍ଦ୍ରାଙ୍କୁ ଗତ ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଜୋରାମକୁ ବଦଳି କରିଥିଲେ। ହେଲେ ଗତ ସପ୍ତାହରେ ଏହା ସମ୍ପୂର୍ଣ୍ଣ ବିପରୀତ ହୋଇଗଲା, ଅର୍ଥାତ୍ ତାଙ୍କ ବଦଳି ରଦ୍ଦ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ତାହାକୁ ତୁରନ୍ତ ଲାଗୁକରିବା ଲାଗି କୁହାଯାଇଥିଲା। ଅନୌପଚାରିକ ସୂତ୍ରରୁ ଜଣାପଡ଼ିଛି, ଦିଲ୍ଲୀ ନିର୍ବାଚନ ପୂର୍ବରୁ ଚନ୍ଦ୍ରାଙ୍କ ବଦଳିକୁ ନେଇ ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା ଖୁସି ନ ଥିଲେ। ଗୁଜବ ଉଠିଛି ଯେ ଚନ୍ଦ୍ରାକୁ ମିଜୋରାମ ଛାଡ଼ିବାକୁ ଆରୋରା ମନା କରିଦେଇଥିଲେ ଏବଂ ଏହି ନିଷ୍ପତ୍ତି ବଦଳାଇବାକୁ ସକ୍ଷମ ହୋଇଥିଲେ। ଆଗକୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଚନ୍ଦ୍ରାଙ୍କ ଉପସ୍ଥିତି ଜରୁରୀ ଥିବାରୁ ଏହା ହୋଇଥିଲା। ଯଦି ଚନ୍ଦ୍ରାଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା, ତେବେ ତାଙ୍କୁ କାହିଁକି ବଦଳି କରାଯାଇଥିଲା ? ବଦଳି ଏକ ଭୁଲ୍ ପଦକ୍ଷେପ କିମ୍ବା ଏକ ଯୋଜନାବଦ୍ଧ ପଦକ୍ଷେପ ଥିଲା, ଯାହା ଚାପରେ ଓଲଟା ହୋଇଗଲା କି ? ସେ ଯାହା ହେଉନା କାହିଁକି, ଏହା ଏକ ମାମୁଲି ବଦଳି ନୁହେଁ। ଦିଲ୍ଲୀର ନିର୍ବାଚନୀ ଉଷ୍ଣତା ମଧ୍ୟରେ ଏକ ଅମଲାତାନ୍ତ୍ରିକ ନିଷ୍ପତ୍ତି କିଭଳି ହଟଚମଟ ସୃଷ୍ଟି କରିପାରେ ଏହା ତାହାର ଏକ ସଙ୍କେତ। ମତଦାନ ଯେତିକି ପାଖେଇ ଆସୁଛି, ପ୍ରଶାସନିକ କିମ୍ବା ରାଜନୈତିକ ହେଉ, ପ୍ରତ୍ୟେକ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି।

## ନିଯୁକ୍ତି ନିଷ୍ପତ୍ତିରେ ଜଟିଳତା

୧ ବର୍ଷରୁ ଅଧିକ ସମୟ ଧରି ସଙ୍କଟର ମୁକାବିଲା କରିଆସୁଥିବା ମଣିପୁରରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ବିନିତ ଜୋଷୀ ନୂଆଦିଲ୍ଲୀ ଯିବେ। କେନ୍ଦ୍ର ତାଙ୍କ ବଦଳିକୁ ନିଶ୍ଚିତ କରିବାର ୧୦ ଦିନରୁ ଅଧିକ ହୋଇଗଲାଣି। ଏହି ବିଳମ୍ବ ହେତୁ ଜଟିଳ ସମୟରେ ରାଜ୍ୟ ପ୍ରଶାସନର ଦାୟିତ୍ୱ କିଏ ନେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପ୍ରତି ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏ.କେ.ଭାଲାଙ୍କୁ ମଣିପୁରର ରାଜ୍ୟପାଳ ଏବଂ ପୂର୍ବତନ ସେନା ମୁଖ୍ୟ ଜେନେରାଲ ଭି. କେ.ସିଂଙ୍କୁ ମିଜୋରାମର ରାଜ୍ୟପାଳ ଭାବେ କରାଯାଇଥିବା ନିଯୁକ୍ତିକୁ ଦେଖିଲେ ଏହା ଏକ ବୃହତ୍ ରଣନୀତିର ଅଂଶ ବୋଲି ପ୍ରଶାସନ ସହ ଜଡ଼ିତ ବ୍ୟକ୍ତିମାନେ ଯୁକ୍ତି ବାଢ଼ୁନ୍ତି । ମଣିପୁରର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ କେନ୍ଦ୍ର ନିଆରା ଯୋଜନା ପ୍ରସ୍ତୁତ କରୁଥିଲେ ମଧ୍ୟ ଜଣେ ନୂତନ ମୁଖ୍ୟ ସଚିବ ନିଯୁକ୍ତ କରିବା ଜରୁରୀ । ତେବେ ନିଯୁକ୍ତି ପ୍ରକ୍ରିୟା ଉପରେ ଏବେ ଆକଳନ କରିବା କଷ୍ଟକର। କାରଣ ବିଗତ ୧୦ ଦିନ ମଧ୍ୟରେ ନିଯୁକ୍ତି ପାଇଁ ଅନେକ ନାମ ସାମ୍ନାକୁ ଆସିଛି । ପ୍ରତିଯୋଗୀମାନଙ୍କ ମଧ୍ୟରେ କେ. ମୋସେସ୍ ଚାଲାଇ ଅଛନ୍ତି, ଯାହାଙ୍କ ନିଯୁକ୍ତି ପାଇଁ ନାଗା ପିପୁଲ୍ସ ଅର୍ଗାନାଇଜେଶନ (ଏନ୍‌ପିଓ) କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ନିବେଦନ କରିବା ପରେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ହେଉଛି। ପ୍ରଶ୍ନ ଉଠୁଛି, ଏହା ଏକ ସରଳ ଦାବି ନା ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦେବା ଲାଗି ଏକ ଏଜେଣ୍ଡା । ଏହି ପ୍ରକ୍ରିୟାରେ ଯୋଗହେଉଛି ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶନାଲ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନର ମୁଖ୍ୟ ଶ୍ରୀରାମ ତାରାଣିକାନ୍ତିଙ୍କ ନାମ । ଏଭଳି ଅନେକ ନାମ ସାମ୍ନାକୁ ଆସୁଛି। ଏହି ସମସ୍ତ ପ୍ରତିଯୋଗୀ ବର୍ତ୍ତମାନ କେନ୍ଦ୍ରରେ କାର୍ଯ୍ୟରତ, ଯାହା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଆହୁରି ଜଟିଳ କରିଛି।

## ଲୋକଦେଖାଣିଆ ସଂଗ୍ରାମ

ଶେଷରେ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ସ୍କାମ୍‌ରେ ସମ୍ପୃକ୍ତ ଜମ୍ମୁ-କଶ୍ମୀରର ରାଜସ୍ୱ ସଚିବ କୁମାର ରାଜୀବ ରଞ୍ଜନଙ୍କ ଉପରେ ବିଚାରକରିବା କେନ୍ଦ୍ର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅଭିଯୋଗର ବିଚାର ପାଇଁ ସିବିଆଇ ସବୁଜ ସଙ୍କେତ ଦେଇଛି। ରଞ୍ଜନ ଜମ୍ମୁର ଡେପୁଟି କମିଶନର ଥିବାବେଳେ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ଅନୁମୋଦନ ପ୍ରକ୍ରିୟାରେ ହେରଫେର କରିଥିବା ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ବର୍ତ୍ତମାନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ତାଙ୍କ ବିରୋଧରେ ନ୍ୟାୟିକ ବିଚାର ପାଇଁ ଅନୁମତି ଦେଇଛି। ଜମ୍ମୁ-କଶ୍ମୀର ଏବଂ ଲଦାଖ ହାଇକୋର୍ଟରେ ଏହି ବିବାଦୀୟ ମାମଲା ରହିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ମାମଲାରେ ଅନ୍ୟମାନଙ୍କୁ ବାଦ୍ ଦେଇ କେବଳ ଜଣଙ୍କୁ ବଛାଯାଇଥିବାରୁ ହାଇକୋର୍ଟ ନଭେମ୍ବର ୨୫ରେ ଅସନ୍ତୋଷ ବ୍ୟକ୍ତ କରି ପଚାରିଥିଲେ, 'ସେ କାହିଁକି ଏବଂ ଅନ୍ୟମାନେ ନୁହନ୍ତି' ? ଏହା ଏକ ଯଥାର୍ଥ ପ୍ରଶ୍ନ ଏବଂ ଅନେକେ ମଧ୍ୟ ଏ ବିଷୟରେ ପଚାରୁଛନ୍ତି । ଏହା ନ୍ୟାୟ ପାଇଁ ନା କେବଳ କ୍ଷତି ଘୋଡ଼ାଇବା ଲାଗି ପଦକ୍ଷେପ ? ଅଦାଲତରେ ଅଭିଯୋଗର ବିଚାର ଏକ ଉତ୍ତମ ଉପାୟ, କିନ୍ତୁ ଯେତେବେଳେ ଏହା କେବଳ ମନୋନୀତ ଆଧାରରେ ହୁଏ, ସେତେବେଳେ ଏହା ଚମକ ହରାଇଥାଏ। ଯଦି ସମସ୍ତ ୯ ଜଣ ଅଧିକାରୀ ଏହି ଅଭିଯୋଗ ରାକେଟ୍‌ର ଅଂଶବିଶେଷ ଥିଲେ, ତେବେ କେବଳ ରଞ୍ଜନଙ୍କୁ କାହିଁକି ଟାର୍ଗେଟ କରାଯାଉଛି। ସମ୍ପୃକ୍ତ ସମସ୍ତଙ୍କ ଉପରେ ବିଚାର କରାଯାଉ କିମ୍ବା କେତେଜଣଙ୍କୁ କାହିଁକି ରକ୍ଷା କରାଯାଇଛି ସେ ବିଷୟରେ ସ୍ପଷ୍ଟ ଭାବେ କୁହାଯାଉ। ଅନ୍ୟଥା, ଦୁର୍ନୀତି ବିରୋଧରେ ଏହି ତଥାକଥିତ ସଂଗ୍ରାମ ଲୋକଦେଖାଣିଆ ବ୍ୟତୀତ ଆଉ କିଛି ନୁହେଁ ।

Email: dilipcherian@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | | | | 7 | 5 | | | |
| | | | | | 1 | | | |
| | 6 | 1 | 9 | | | | | |
| 7 | | 8 | | 4 | | | 1 | |
| | 9 | | 2 | | | | 6 | |
| | | | | | | 5 | | |
| | | | | 5 | 9 | 2 | | 4 |
| | 3 | | | | 8 | | | |
| 5 | | | 4 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 7 | 1 | 6 | 2 | 8 | 4 |
| 2 | 7 | 6 | 9 | 8 | 4 | 3 | 1 | 5 |
| 4 | 8 | 1 | 3 | 2 | 5 | 9 | 7 | 6 |
| 5 | 2 | 4 | 1 | 6 | 8 | 7 | 9 | 3 |
| 1 | 6 | 7 | 5 | 3 | 9 | 8 | 4 | 2 |
| 8 | 3 | 9 | 2 | 4 | 7 | 5 | 6 | 1 |
| 6 | 4 | 5 | 8 | 9 | 3 | 1 | 2 | 7 |
| 7 | 9 | 2 | 4 | 5 | 1 | 6 | 3 | 8 |
| 3 | 1 | 8 | 6 | 7 | 2 | 4 | 5 | 9 |

ଗତକାଲିର ଉତ୍ତର

# ଧନ୍ୟବାଦ



### ଶ୍ରୀ ମୋହନ ଚରଣ ମାଝୀ

ପ୍ରବାସୀ ଭାରତୀୟ ଦିବସ ସମାରୋହରେ ଯୋଗଦେଇ ଏହାର ଗରିମା ବଢ଼ାଇଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଉତ୍ସବର ଅନ୍ତିମ ଦିବସରେ ଯୋଗ ଦେଇଥିଲେ ରାଷ୍ଟ୍ରପତି ସମ୍ମାନନୀୟା ଦ୍ରୌପଦୀ ମୁର୍ମୁ। ତିନିଦିନିଆ ଉତ୍ସବରେ ସାମିଲ ହୋଇଥିଲେ ଅନେକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ହଜାର ହଜାର ପ୍ରବାସୀ ଭାରତୀୟ ଓ ବଂଶୋଦ୍ଭବ। ପ୍ରବାସୀମାନେ ନିଜର ବନ୍ଧୁ ଓ ପରିବାର-ପରିଜନଙ୍କ ସାଥିରେ ବୁଲି ବୁଲି ଆମ ରାଜ୍ୟର କଳା, ସଂସ୍କୃତି ଓ ପରମ୍ପରାର ଉତ୍କର୍ଷ ଦେଖିଥିଲେ। ତ୍ରିଦିବସୀୟ ପ୍ରବାସୀ ଉତ୍ସବର ସଫଳତା ପରେ ମୁଁ ସମସ୍ତଙ୍କୁ ଯୋଡ଼ ହସ୍ତରେ ଧନ୍ୟବାଦ ଦେଉଛି ଓ କୃତଜ୍ଞତା ଜ୍ଞାପନ କରୁଛି। ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବରେ ନୃତ୍ୟ, ରାଜାରାଣୀ ସଙ୍ଗୀତ ମହୋତ୍ସବରେ କଣ୍ଠ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଯୁଗଳବନ୍ଦୀ, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ଶାସ୍ତ୍ରୀୟ ନୃତ୍ୟ ଏବଂ ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ଲୋକକଳା ମହୋତ୍ସବରେ ବିରଳ ଲୋକନୃତ୍ୟ ତଥା ଆଦିବାସୀମେଳାରେ ଜନଜାତିମାନଙ୍କ ଜୀବନଶୈଳୀ ସହିତ ଓଡ଼ିଶାର ବିବିଧତାଭରା ସଂସ୍କୃତିକୁ ପ୍ରତ୍ୟକ୍ଷ କରି ବିମୋହିତ ହୋଇଥିବେ ବୋଲି ମୋର ଦୃଢ଼ ବିଶ୍ୱାସ।

ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଉଦ୍‌ଘାଟନ କରି ଏହାର ଗରିମା ବୃଦ୍ଧି କରିଛନ୍ତି। ଏହି ଅବସରରେ ସେ ପ୍ରବାସୀମାନଙ୍କୁ ଯେଭଳି ଆତ୍ମୀୟତାର ସହିତ ସ୍ୱାଗତ କରି ସମ୍ବୋଧନ କଲେ, ତାହା ସଭାସ୍ଥଳରେ ଉପସ୍ଥିତ ପ୍ରବାସୀ ଭାରତୀୟ ତଥା ଗଣମାଧ୍ୟମ ସହାୟତାରେ ବିଦେଶରେ ରହି କାର୍ଯ୍ୟକ୍ରମ ସହିତ ଯୋଡ଼ି ହୋଇ ରହିଥିବା ସମସ୍ତ ଭାରତୀୟ ବଂଶୋଦ୍ଭବଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମହାପ୍ରଭୁ ଲିଙ୍ଗରାଜଙ୍କ ଭୂମିରେ ଉପସ୍ଥିତ ଥିବାଭଳି ମନେହେଲା । ସେ ଯେତେବେଳେ ପବିତ୍ର ଓଡ଼ିଶା ମାଟିକୁ ଭାରତର ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ କହିଲେ ଏବଂ ଖଣ୍ଡଗିରି, ଉଦୟଗିରିର ଐତିହାସିକ ଗୁମ୍ଫା, କୋଣାର୍କର ସୂର୍ଯ୍ୟ ମନ୍ଦିର, ଶାନ୍ତିର ପ୍ରତୀକ ଧଉଳି ଏବଂ ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା, ଏସବୁର ନାମ ଉଲ୍ଲେଖ କଲେ ଏବଂ ଏସବୁକୁ ଦେଖିଲେ ଗର୍ବ ଅନୁଭବ ହୁଏ ବୋଲି କହିଲେ, ସେତେବେଳେ ପ୍ରବାସୀ ବନ୍ଧୁମାନେ କରତାଳି ଦେଇ ସମର୍ଥନ କରିବା, ପ୍ରତ୍ୟେକ ଓଡ଼ିଆଙ୍କ ଭଳି ମୋତେ ମଧ୍ୟ ଉଲ୍ଲସିତ ତଥା ଉତ୍ସାହିତ କରିଥିଲା।

ମୋଦିଜୀ କହିଥିଲେ ଯେ, ଓଡ଼ିଶା କଳା ଓ ସଂସ୍କୃତିର ଗନ୍ତାଘର। ଓଡ଼ିଶାର ପାଦେ ପାଦେ ରହିଛି ଐତିହ୍ୟର ଝଲକ । ଖଣ୍ଡଗିରି, ଉଦୟଗିରି, କୋଣାର୍କକୁ ଦେଖିଲେ ଗର୍ବ ଅନୁଭବ ହୁଏ। କାହିଁ କେତେ ବର୍ଷ ପୂର୍ବରୁ ବେପାର ବଣିଜ କରିବାକୁ ଓଡ଼ିଶାର ସାଧବପୁଅମାନେ ସମୁଦ୍ର ପଥରେ ବାଲି, ସୁମାତ୍ରା, ଜାଭା ଯାତ୍ରା କରୁଥିଲେ। ତାହାର ସ୍ମୃତିରେ ବାଲିଯାତ୍ରା ଆୟୋଜନ କରାଯାଉଛି। ରାଜ୍ୟର ଧଉଳି ଶାନ୍ତିସ୍ତୂପ ପ୍ରମାଣିତ କରେ ଯେ, ତରବାରି ଦ୍ୱାରା ହୃଦୟ ଜୟ ଅବା ଶାନ୍ତି ପ୍ରତିଷ୍ଠା କରାଯାଇପାରେ ନାହିଁ। ଦୁନିଆରେ ଯେତେବେଳେ ଅସ୍ତ୍ର ବଳରେ ସାମ୍ରାଜ୍ୟ ବୃଦ୍ଧି କରିବାର ଅହଂକାର ଜୋର ଧରିଥିଲା, ସେତେବେଳେ ସମ୍ରାଟ ଅଶୋକ ଶାନ୍ତିର ରାସ୍ତା ବାଛିଥିଲେ। ସେଥିପାଇଁ ଆଜି ଭାରତ ଦୃପ୍ତ କଣ୍ଠରେ ଘୋଷଣା କରୁଛି ଭବିଷ୍ୟତ ଯୁଦ୍ଧରେ ନୁହେଁ ବୁଦ୍ଧରେ ଅଛି।

ମୋଦିଜୀ କହିଥିଲେ ଯେ, ଭାରତୀୟମାନେ ପୃଥିବୀର ଯେଉଁ ସ୍ଥାନକୁ ଯାଆନ୍ତି, ସେଠାକାର ଉନ୍ନତି ପାଇଁ ପ୍ରୟାସ କରିଥାନ୍ତି। ତଥାପି ପୃଥିବୀର ଯେଉଁଠି ରହିଲେ ମଧ୍ୟ ଭାରତୀୟଙ୍କ ହୃଦୟ ସବୁବେଳେ ଭାରତ ପାଇଁ ହିଁ ସ୍ପନ୍ଦିତ ହୋଇଥାଏ। ଏହା କହିଲାବେଳେ ଭାବପ୍ରବଣ ହୋଇଯାଇଥିଲେ ପ୍ରଧାନମନ୍ତ୍ରୀ। ଓଡ଼ିଶାବାସୀଙ୍କ ଆତ୍ମୀୟତାଭରା ଆତିଥ୍ୟ, ଭୁବନେଶ୍ୱରକୁ ସୁନ୍ଦର ଭାବେ ସଜାଇ, ନୃତ୍ୟ, ଗୀତ, ଉତ୍ସବ ପାଳନ ମାଧ୍ୟମରେ ପ୍ରବାସୀଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ଦେଖି ଆହ୍ଲାଦିତ ମୋଦିଜୀ କହିଥିଲେ ଯେ, କିଛି ଦିନ ମଧ୍ୟରେ ପ୍ରୟାଗରାଜରୁ ମହାକୁମ୍ଭ ମେଳା ଆରମ୍ଭ ହେବ। ଆଗକୁ ମକର ସଂକ୍ରାନ୍ତି, ମାଘ ବିହୁର ପର୍ବ ମଧ୍ୟ ଆସୁଛି। ସବୁ ସ୍ଥାନରେ ଆନନ୍ଦମୟ ପରିବେଶ ଅଛି। ଏଭଳି ଚମତ୍କାର ଉତ୍ସବମୟ ପରିବେଶରେ ପ୍ରବାସୀ ଭାରତୀୟଙ୍କ ଭବ୍ୟ ଉପସ୍ଥିତି ଭାରତୀୟଙ୍କ ଆତ୍ମା ସହିତ ଯୋଡ଼ିହୋଇଯାଏ।

ମୋଦିଜୀ ନିଜର ଖୁସି ବ୍ୟକ୍ତକରି ନିଜର ଅଭିଭାଷଣରେ କହିଥିଲେ ଯେ, ଆପଣମାନଙ୍କୁ ଭେଟିଲେ ମୁଁ ବହୁତ ଖୁସି ଅନୁଭବ କରେ। ମୁଁ କେବେବି ଆପଣଙ୍କଠାରୁ ପାଇଥିବା ପ୍ରେମ ଏବଂ ଆଶୀର୍ବାଦକୁ ଭୁଲି ନାହିଁ। ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଆଗ୍ରହ ପ୍ରକାଶ କରିବାର ଅନ୍ୟ ଏକ କାରଣ ହେଲା ମୋତେ ଆପଣମାନେ ହିଁ ବିଦେଶରେ ମଥାକୁ ଉଚ୍ଚା ରଖିପାରିବାର ସୁଯୋଗ ଦେଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ମୁଁ ଅନେକ ବିଶ୍ୱନେତାଙ୍କୁ ଭେଟିଛି ଏବଂ ସେମାନେ ସମସ୍ତେ ନିଜ ଦେଶରେ ବାସ କରୁଥିବା ଭାରତବଂଶୀଙ୍କ ପ୍ରଶଂସା କରିଛନ୍ତି। ଆମେ ଆପଣମାନଙ୍କର ସୁବିଧା ପ୍ରତି ଯତ୍ନବାନ ତଥା ସୁରକ୍ଷା ଏବଂ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉ। ସଙ୍କଟ ସମୟରେ ଆମର ଭାରତୀୟ ବଂଶୋଦ୍ଭବ ଓ ପ୍ରବାସୀମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି, ସେମାନଙ୍କୁ ସାହାଯ୍ୟ କରିବା ଆମର ଦାୟିତ୍ୱ ଭାବେ ପ୍ରାଥମିକତା ଦେଇଛୁ। ଆମେ ଆପଣମାନଙ୍କ ସୁବିଧା ପାଇଁ ଭାରତର ବୈଦେଶିକ ନୀତିରେ ମଧ୍ୟ ବହୁ ପରିବର୍ତ୍ତନ କରିଛୁ। ମୋଦିଜୀ ଆଶା ପ୍ରକଟ କରି କହିଥିଲେ ଯେ, ଆଗାମୀ ଅନେକ ଦଶନ୍ଧି ଧରି ଭାରତ ବିଶ୍ୱର ସବୁଠାରୁ ଯୁବ ଓ କୁଶଳୀ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇ ରହିବା ସହିତ କୁଶଳୀ ପ୍ରତିଭାମାନଙ୍କ କାରଣରୁ ବୈଶ୍ୱିକ ଚାହିଦା ପୂରଣ କରି ଗୁରୁତ୍ୱ ବଢ଼ାଇ ପାରିବ। ମୋର ମନେହୁଏ, ମୋଦିଜୀ ଯାହା କହିଛନ୍ତି, ତାହା ଆମ ଓଡ଼ିଶାର କୁଶଳୀ ପ୍ରତିଭାମାନଙ୍କ ପାଇଁ ହିଁ ଅଧିକ ପ୍ରଯୁଜ୍ୟ।

ଦେଶର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ପ୍ରବାସୀ ଭାରତୀୟ ଦିବସ ସମାବେଶକୁ କେବଳ ଏକ ସମ୍ମିଳନୀ ନ କହି, ଯଥାର୍ଥରେ ପାରିବାରିକ ପୁନର୍ମିଳନ କହିବା ଅତ୍ୟନ୍ତ ସମୀଚୀନ। ସେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅନନ୍ୟ ବୋଲି କହିବା ସହିତ ପ୍ରକାଶ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା ଓ ପର୍ଯ୍ୟଟନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଶିଳ୍ପ, ବାଣିଜ୍ୟ, ପରିବହନ, ନିଯୁକ୍ତି ଆଦି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ପାଇଁ ଏପରି ସମାବେଶ ଆୟୋଜନ ନିଶ୍ଚିତ ସହାୟକ ହେବ ବୋଲି କହିବା ସହିତ ଆଶାବ୍ୟକ୍ତ କରିଥିଲେ ଯେ, ଓଡ଼ିଶାର ଯୁବଶକ୍ତିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଦକ୍ଷ ମାନବସମ୍ବଳ ସୃଷ୍ଟି କରାଯାଇପାରିବ। ପ୍ରବାସୀ ଭାରତୀୟଙ୍କ ସହଯୋଗରେ ବିକଶିତ ଭାରତ ଗଢ଼ିବାକୁ ଆମେ ଚାହୁଁଛୁ ବୋଲି ଜୟଶଙ୍କର କହିଥିଲେ ।

ଗତକାଲି ଏହି ଭବ୍ୟ ସମାରୋହ ସଫଳତାର ସହ ସରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଆମ ଓଡ଼ିଶାରେ ରହିଛି ଏସିଆ ମହାଦେଶର ସର୍ବବୃହତ୍ କ୍ଷାରଜଳ ନୀଳାମ୍ବୁ ଚିଲିକା ହ୍ରଦ, ପୁରୀ-ଚାନ୍ଦିପୁର-ଗୋପାଳପୁରର ଶାନ୍ତ ସ୍ନିଗ୍ଧ ବେଳାଭୂମି, ଶିମିଳିପାଳ-କୋରାପୁଟ-କେନ୍ଦୁଝରର ବଣଜଙ୍ଗଲ ଓ ମନୋରମ ଜଳପ୍ରପାତ। ଓଡ଼ିଶା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ପୀଠ। ଏଠାରେ ରହିଛି ଭକ୍ତି ଓ ବିବିଧତାର ମଧୁର ସମ୍ମିଶ୍ରଣ। କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟଠାରୁ ଆରମ୍ଭକରି ପୁରୀଧାମର ଶ୍ରୀଜଗନ୍ନାଥ ମନ୍ଦିରର ଆଧ୍ୟାତ୍ମିକତା ଯାଏ ସବୁଠି ଅନୁଭବ କରିହେବ ଆମର କାଳଜୟୀ ପରମ୍ପରାର ଉପସ୍ଥିତି। ଭାରତର ସର୍ବପ୍ରାଚୀନ ନୃତ୍ୟକଳା ମଧ୍ୟରୁ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଏବଂ ଶାସ୍ତ୍ରୀୟ ସଙ୍ଗୀତ ମଧ୍ୟରେ ଓଡ଼ିଶୀ ସଙ୍ଗୀତ ଅନ୍ୟତମ। ଓଡ଼ିଶାର ପଟ୍ଟଚିତ୍ର ଅନନ୍ୟ। ସମ୍ବଲପୁରର ବିଶ୍ୱ ପ୍ରସିଦ୍ଧ ହସ୍ତତନ୍ତ ଶାଢ଼ି, ମାଣିଆବନ୍ଧର ସୁନ୍ଦର ତନ୍ତଲୁଗା ଓ କୋଟପାଡ଼ ଆଦିବାସୀଙ୍କ ତନ୍ତବୁଣା ବସ୍ତ୍ର ଆମର ସାଂସ୍କୃତିକ ପରିଚୟକୁ ଦେଇଛି ଅନେକ ପ୍ରତିଷ୍ଠା ଓ ସ୍ୱାତନ୍ତ୍ର୍ୟ। ଏସବୁ ଓଡ଼ିଆମାନଙ୍କ ସୃଜନଶୀଳ କଳାକୃତିର ଅଳ୍ପକିଛି ଉଦାହରଣ ମାତ୍ର।

ଶ୍ରୀଜଗନ୍ନାଥଙ୍କ ପାବନ କ୍ଷେତ୍ର ଓଡ଼ିଶା କାଳେକାଳେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ଦେଖି ଆସିଛି। ଆଜି ଆମ ରାଜ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ତଥା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସଦିଚ୍ଛା କାରଣରୁ ଭାରତର ନିବେଶକ-ଅନୁକୂଳ ରାଜ୍ୟ ମଧ୍ୟରେ ଅଗ୍ରଣୀ ରାଜ୍ୟ ଭାବେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଆମର ଖଣିଜ ସମ୍ପଦଭରା ରାଜ୍ୟ ଏବେ ବହୁଦେଶୀୟ ଶିଳ୍ପଗୋଷ୍ଠୀଙ୍କ ଲକ୍ଷ୍ୟସ୍ଥଳ। ତାହା ଛଡ଼ା ସୂଚନା ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ-ପ୍ରକ୍ରିୟାକରଣ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ଘଟିବାକୁ ଆମେ ପ୍ରାଧାନ୍ୟ ଦେଉଛୁ। ସେମି କଣ୍ଡକ୍ଟର ଉତ୍ପାଦନ ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗକରି ଉଚ୍ଚ ଗୁଣମାନ ସମ୍ପନ୍ନ ଉତ୍ପାଦଗୁଡ଼ିକୁ ଓଡ଼ିଶାରେ ପ୍ରସ୍ତୁତ ଓ ରପ୍ତାନି କରିବା ପାଇଁ ଆମେ ପ୍ରୟତ୍ନ କରୁଛେ। ରାଜ୍ୟରେ ଜଳବାୟୁ ସହନଶୀଳ କୃଷିକର୍ମ କରିବାକୁ ଯୁବତୀଯୁବକଙ୍କ ଦକ୍ଷତା ବଢ଼ାଇବା ପାଇଁ ପ୍ରଚେଷ୍ଟା କରୁଛେ। ଆମେ ଯୋଗ, ପ୍ରାଣାୟାମ ଉପରେ ଗୁରୁତ୍ୱ ଦେବା ସହିତ ଘରୋଇ-ସହଭାଗିତା ଆଧାରରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରି ଓଡ଼ିଆ କ୍ରୀଡ଼ାବିତଙ୍କ ତାଲିମ ଏବଂ ଉତ୍କର୍ଷ ପ୍ରତିପାଦନ ଉପରେ ଧ୍ୟାନ ଦେଉଛୁ। ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ସହିତ ସାମୁଦ୍ରିକ ବାଣିଜ୍ୟକୁ ପୁନର୍ଜୀବନ ଦେବା ପାଇଁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଓ ସାଗରମାଳା ଯୋଜନା ସହାୟତାରେ ଏକାଧିକ ସାମୁଦ୍ରିକ ବନ୍ଦର ନିର୍ମାଣ କରିବାକୁ ଯାଉଛୁ। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ କହିଥିଲେ, ଆମେ ଶୟନ କାଳରେ ଦେଖୁଥିବା ସ୍ୱପ୍ନ ସ୍ୱପ୍ନନୁହେଁ, ଆମକୁ ଶୋଇବାକୁ ଦେଉ ନଥିବା ପରିକଳ୍ପନା ହିଁ ସ୍ୱପ୍ନ। ଆମର ଅନେକ ସ୍ୱପ୍ନ ସେହିଭଳି ପରିକଳ୍ପନା, ଯାହା ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଦୃଢ଼ ଇଚ୍ଛାଶକ୍ତି କାରଣରୁ ସମ୍ଭବ ହେବାକୁ ଯାଉଛି। ତାଙ୍କର ମାର୍ଗଦର୍ଶନରେ ଓଡ଼ିଶାର ବିକାଶ ଯାତ୍ରାର ସୁବର୍ଣ୍ଣ ସମୟ ଆରମ୍ଭ ହୋଇ ସାରିଛି। ଏଥିରେ ପ୍ରବାସୀ ଭାରତୀୟ ସମ୍ପ୍ରଦାୟ ସହଯୋଗର ହାତ ବଢ଼ାଇଲେ ମୋ ସରକାର ଲାଲ କାର୍ପେଟ ଉପରେ ସେମାନଙ୍କ ଆଗମନକୁ ସ୍ୱାଗତ କରିବୁ।

ଓଡ଼ିଆ ଜାତି କୃତଜ୍ଞତା ପ୍ରକାଶ କରିବାରେ ସଦା ତତ୍ପର। ଏହା ଆମର ସଂସ୍କୃତି ଓ ପରମ୍ପରା। ପ୍ରବାସୀ ଭାରତୀୟ ଦିବସ ସମାରୋହରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଯୋଗଦେଇଥିବା ସମସ୍ତ ପ୍ରବାସୀ ଓ ବଂଶୋଦ୍ଭବ, ରାଷ୍ଟ୍ରପତି ସମ୍ମାନନୀୟା ଦ୍ରୌପଦୀ ମୁର୍ମୁ, କେନ୍ଦ୍ରମନ୍ତ୍ରୀମାନଙ୍କୁ ଓ ବିଶେଷଭାବେ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାବାସୀଙ୍କ ତରଫରୁ ଆଜିର ଏହି ଅବସରରେ ହୃଦୟରୁ କୃତଜ୍ଞତା ଜଣାଉଛି।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର**

# ଝିଅ ବିଦା ହେବା ପରେ



### ଡଃ. ଭାରତ ଭୂଷଣ ରଥ

ଝିଅଟିଏ ବିବାହ କରି ବାପାକୁ ଛାଡ଼ି ଶାଶୁଘରକୁ ଚାଲିଯାଏ । ସେହି କ୍ଷଣର ବ୍ୟଥା ଝିଅକୁ ବିଦାୟ ଦେଇଥିବା ବାପା ହିଁ ଅନୁଭବୀ। ତେବେ ଝିଅଟିଏ ଯଦି ଶାଶୁ, ଶ୍ୱଶୁର ଏବଂ ସ୍ୱାମୀ ପାଖରେ ସୁଖରେ ରୁହେ ତେବେ ବାପା ତା'ର ସବୁ ଦୁଃଖ ଭୁଲିଯାଏ। କିନ୍ତୁ କୌଣସି କାରଣବଶତଃ ଝିଅ ଯଦି ଦୁଃଖରେ ରୁହେ ତେବେ ବାପା ମା'ଙ୍କର ଦୁଃଖ ବୋଝ ଉପରେ ନଳିତା ବିଡ଼ା ପରି ବଢ଼ିଯାଏ। ଏଭଳି ଏକ ସାମାଜିକ ସମସ୍ୟାରେ ଆଜିର ଅନେକ ପରିବାର ପୀଡ଼ିତ। ଦୁନିଆର ସବୁ ବନ୍ଧନରେ ଦୁଃଖ ଥାଏ କିନ୍ତୁ ବିବାହ ହେଉଛି ସୁଖର ବନ୍ଧନ। ହେଲେ ବିବାହରେ ବର ଏବଂ କନ୍ୟା ଚୟନରେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡ଼େ। ବିଶେଷତଃ ପୁଅଝିଅ ନିଜ ଇଚ୍ଛାରେ ଯେବେ ଗାନ୍ଧର୍ବ ବିବାହ କରନ୍ତି ସେତେବେଳେ ଏହି ଚୟନରେ ସତର୍କତାର ଆବଶ୍ୟକତା ରହିଛି। କାରଣ ବର୍ତ୍ତମାନ ଦେଖାଯାଉଛି ଅନେକ ସ୍ଥାନରେ ନାରୀ ନିର୍ଯାତିତ ହେଉଛି ; ଯଦ୍ୱାରା ନିଜ ଇଚ୍ଛାରେ ବିବାହ କରିଥିବା ନାରୀଟିଏ ବେଳେବେଳେ ଉପାୟଶୂନ୍ୟ ହୋଇଯାଉଛି। ଏହିଭଳି ଏକ ଘଟଣାକୁ ମହାକବି କାଳିଦାସ ନିଜର ଅଭିଜ୍ଞାନଶାକୁନ୍ତଳମ୍ ନାଟକରେ ଦର୍ଶେଇଛନ୍ତି ଏବଂ ପ୍ରାୟ ଦୁଇହଜାର ବର୍ଷ ପୂର୍ବରୁ କାଳିଦାସ ଯାହା ଲେଖିଯାଇଛନ୍ତି ଆଜି ସମାଜରେ ସେହି ସମାନ ଘଟଣାବଳୀ ଦୃଷ୍ଟିଗୋଚର ହେଉଛି। ତେଣୁ ବିବାହ ବନ୍ଧନ କେତେ ଗୁରୁତ୍ୱ ବହନ କରେ ଏହା କାଳିଦାସ ଭବିଷ୍ୟ ପିଢ଼ିକୁ ସତର୍କ କରେଇଛନ୍ତି।

ଏକଦା ହସ୍ତିନାପୁରର ରାଜା ଦୁଷ୍ୟନ୍ତ ଅରଣ୍ୟ ଭ୍ରମଣରେ ଯାଇ କଣ୍ୱ ମୁନିଙ୍କର ଆଶ୍ରମରେ ପ୍ରବେଶ କରିଛନ୍ତି। ସେଠାରେ କଣଙ୍କର ପାଳିତ କନ୍ୟା ଶକୁନ୍ତଳାଙ୍କ ସହିତ ତାଙ୍କର ସାକ୍ଷାତ ହୋଇଛି। ଉଭୟ ଉଭୟଙ୍କର ରୂପଲାବଣ୍ୟରେ ବିମୋହିତ ହୋଇ ପ୍ରେମ ବିବାହ କରିଛନ୍ତି, କିନ୍ତୁ ଏହା କଣ୍ୱଙ୍କର ଅଗୋଚରରେ। ଦୁଷ୍ୟନ୍ତ ବିବାହ କରି ନିଜ ରାଜ୍ୟକୁ ଶାସନ କାର୍ଯ୍ୟରେ ଚାଲିଯିବାକୁ ପ୍ରସ୍ତୁତ। କିନ୍ତୁ ଏହା ଭିତରେ ଶକୁନ୍ତଳା ଗର୍ଭବତୀ। ଶକୁନ୍ତଳା ଭୟଭୀତ ହୋଇଛନ୍ତି। କିନ୍ତୁ ଦୁଷ୍ୟନ୍ତ ଆଶ୍ୱାସନା ଦେଇ ଗଲେ ଯେ, ସେ ଯଥାଶୀଘ୍ର ରାଜ୍ୟ କାର୍ଯ୍ୟ ସମାପନ କରି ରାଣୀ ଶକୁନ୍ତଳାଙ୍କର ସ୍ୱାଗତ ପାଇଁ ସମସ୍ତ ବ୍ୟବସ୍ଥା କରି ଆସିବେ ଏବଂ ନିଜ ରାଜ୍ୟକୁ ନେଇଯିବେ। ସମୟ ବିତି ଯାଇଛି। କିନ୍ତୁ ଦୁଷ୍ୟନ୍ତ ଆସିଲେ ନାହିଁ। ଏହା ଭିତରେ କଣ୍ୱମୁନି ଜାଣିପାରିଲେ ନିଜର ଝିଅ ଶକୁନ୍ତଳା ଦୁଷ୍ୟନ୍ତଙ୍କୁ ବିବାହ କରିଛନ୍ତି ଏବଂ ଝିଅ ଗର୍ଭଧାରଣ କରିଛନ୍ତି। ଦୁଷ୍ୟନ୍ତଙ୍କର ଆଗମନରେ ବିଳମ୍ବ ଏବଂ ବିବାହିତ ଝିଅଟିଏ ନିଜ ସ୍ୱାମୀ ଘରେ ରହିବା ଅସୁନ୍ଦର ବୋଲି ଭାବି ଶକୁନ୍ତଳାଙ୍କୁ ଦୁଷ୍ୟନ୍ତଙ୍କ ଘରକୁ ପଠାଇବା ପାଇଁ ବ୍ୟବସ୍ଥା



କଲେ। ଯେତେବେଳେ ଶକୁନ୍ତଳା ଆଶ୍ରମରୁ ବିଦାୟ ନେଇ କଣ୍ୱଙ୍କର ଶିଷ୍ୟମାନଙ୍କ ସହିତ ଦୁଷ୍ୟନ୍ତଙ୍କର ରାଜ୍ୟକୁ ଯାଉଛନ୍ତି କଣ୍ୱ ଦୁଃଖରେ ମ୍ରିୟମାଣ ହୋଇଛନ୍ତି। କଣ୍ୱ ଏକ ସୁନ୍ଦର କଥା କହିଛନ୍ତି ଯଥା ମୁଁ ବଣର ଜଣେ ତପସ୍ୱୀ। ଶକୁନ୍ତଳା ମୋର ନିଜ ଜନ୍ମିତ ଝିଅ ନୁହନ୍ତି, ସେ ମୋର ପାଳିତ ପୁତ୍ରୀ। ତଥାପି ମୁଁ ଜଣେ ତପସ୍ୱୀ ହୋଇ ଝିଅର ବିଦାୟରେ ଯଦି ଏତେ କଷ୍ଟ ପାଉଛି ସାଂସାରିକ ବ୍ୟକ୍ତିଟିଏ ଝିଅର ବିଦାୟରେ କେତେ କଷ୍ଟ ପାଉ ନ ଥିବେ।

କଣ୍ୱଙ୍କର ଶିଷ୍ୟମାନେ ଶକୁନ୍ତଳାଙ୍କୁ ନେଇ ଦୁଷ୍ୟନ୍ତଙ୍କର ରାଜଧାନୀ ହସ୍ତିନାପୁରରେ ପହଞ୍ଚିଲେ। ରାଜା ଦୁଷ୍ୟନ୍ତଙ୍କୁ ତାଙ୍କର ପତ୍ନୀ ଶକୁନ୍ତଳାଙ୍କୁ ସମର୍ପଣ କରିବା ଉଦ୍ଦେଶ୍ୟରେ ଯେତେବେଳେ ଅନୁମତି ମାଗିଲେ, ରାଜା ଦୁଷ୍ୟନ୍ତ କହିଲେ ମୁଁ ଏ ଝିଅକୁ କେବେ ବିବାହ କରିଥିବାର ମୋର ତ ମନେପଡୁନାହିଁ। ଅନେକ ଯୁକ୍ତିତର୍କ ହେଲା କିନ୍ତୁ ଶକୁନ୍ତଳା ପ୍ରମାଣିତ କରିପାରିଲେ ନାହିଁ ସେ ଦୁଷ୍ୟନ୍ତଙ୍କର ପତ୍ନୀ। ବର୍ତ୍ତମାନ ଏକବିଂଶ ଶତକର ଅତ୍ୟାଧୁନିକ ସମୟରେ ବି ଯଦି ଜଣେ ନାରୀ ଏହି ସମସ୍ୟାର ସମ୍ମୁଖୀନ ହେଉଛି ଦୁଇହଜାର ବର୍ଷ ପୂର୍ବେ କାଳିଦାସଙ୍କ ସମୟରେ ଏହାର ପ୍ରଭାବ ନିଶ୍ଚୟ ଅତ୍ୟଧିକ କଷ୍ଟକର ଥିବ। ପ୍ରମାଣଶୂନ୍ୟା ଶକୁନ୍ତଳା ଦୁଷ୍ୟନ୍ତଙ୍କୁ ଆପ୍ରାଣ ନିବେଦନ କରିଛନ୍ତି କିନ୍ତୁ ପ୍ରତିବଦଳରେ ଶୁଣିଛନ୍ତି ଭର୍ତ୍ସନା। ବାପ ଘରକୁ ଫେରିଗଲେ ଲଜ୍ଜା, ସ୍ୱାମୀ ଘରେ ମୁଣ୍ଡଗୁଞ୍ଜିବାକୁ ପ୍ରମାଣର ଅଭାବ। ଶକୁନ୍ତଳା ଆତ୍ମହତ୍ୟା କରିବା ପାଇଁ ଯେତେବେଳେ ଯାଇଛନ୍ତି ସ୍ୱର୍ଗର ଏକ ଅପ୍ସରା ତାଙ୍କୁ ସମବେଦନାର ସହିତ ନିଜ ସାଙ୍ଗରେ ନେଇଯାଇଛନ୍ତି।

ଏଠାରେ ଅନେକ ପ୍ରଶ୍ନ ସାମାଜିକର ହୃଦୟରେ ଜାଗରିତ ହୁଏ। ଯଦି ପ୍ରଶ୍ନ ଉଠିବ ଶକୁନ୍ତଳା ନିଜ ବାପାଙ୍କର ଅଜ୍ଞାତରେ ଦୁଷ୍ୟନ୍ତଙ୍କୁ ବିବାହ କରିବା କେତେଦୂର ଯୁକ୍ତିଯୁକ୍ତ ସେଠାରେ ଏକ ପ୍ରତିପକ୍ଷ ଉତ୍ତର ନିଶ୍ଚୟ ଆସିବ ତେବେ ପ୍ରେମ ରୂପକ ସୁନ୍ଦର ତତ୍ତ୍ୱ କେମିତି ସାକାର ହେବ। କ'ଣ ପ୍ରେମ କରିବା ଭୁଲ୍ ? ଏଠି ପ୍ରଶ୍ନ ପ୍ରେମର ନୁହେଁ, ପ୍ରଶ୍ନ ହେଉଛି ଯାହାକୁ ବିବାହ କରାଯାଏ ତାହାର ସମସ୍ତ ବିବରଣୀ ଗୃହର ସମସ୍ତ ସଦସ୍ୟ ତଥା ବିବାହ କରିବାକୁ ଯାଉଥିବା ଝିଅଟି ସ୍ୱୟଂ ବିବାହ ପୂର୍ବରୁ ଜାଣିବା ଏକାନ୍ତ ଆବଶ୍ୟକ। କାରଣ ଆଜିର ସମାଜରେ ଅନେକ ନାରୀ ପ୍ରତାରକ ମାନଙ୍କ ଦ୍ୱାରା ପ୍ରତାଡ଼ିତ ହୋଇ ପୋଲିସ ଷ୍ଟେଶନଠାରୁ ନ୍ୟାୟାଳୟ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଲଢ଼େଇ କରୁଛନ୍ତି। ପରିବାରର ବାପା ଏବଂ ମା' ପୁଅଝିଅଙ୍କର ହୃଦୟକୁ ବୁଝିବା ପାଇଁ ଚେଷ୍ଟା କରିବା ସହିତ ପୁଅଝିଅମାନେ ମଧ୍ୟ ବାପାମା'ଙ୍କର ହୃଦୟକୁ ବୁଝିବାର ଆବଶ୍ୟକତା ରହିଛି।

**ଉପନିର୍ଦ୍ଦେଶକ, ଦୂରଶିକ୍ଷା ନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**
**ତିରୁପତି (ଆ.ପ୍ର.)**
**ମୋ:୮୮୯୭୪୨୬୨୪୩**

## ଏଇ ଭାରତରେ

ମଣିପୁରରେ ହିଂସା ଥମିନାହିଁ। ତଥାପି ସେଠାକାର କିଛି ଭଲ ଖବର ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି। ଖବରଟି ହେଉଛି ଜଣେ ମହିଳା ଫୁଲ ଚାଷୀଙ୍କର। ଏହି ଚାଷୀଙ୍କ ନାମ ଛୋଖୋନେ କ୍ରିଚେନା । ତାଙ୍କୁ ବୟସ ଏବେ ୩୨। ମଣିପୁର ମାଓ ଅଞ୍ଚଳରେ ଏହି ମହିଳା ଦିଆନ୍ତେ ପ୍ରାଇଭେଟ ଲିମିଟେଡ୍ ଗଠନ କରି ତା' ମାଧ୍ୟମରେ କୃଷକମାନଙ୍କୁ ଫୁଲଚାଷ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ପାହାଡ଼ିଆ ଅଞ୍ଚଳରେ ପନିପରିବା ଚାଷ କରି କ୍ଷତି ସହୁଥିବା କୃଷକମାନେ ଏବେ ଫୁଲ ଚାଷରେ ସଫଳତା ପାଉଛନ୍ତି । ସେମାନଙ୍କ ଆୟ ମଧ୍ୟ ବଢ଼ିପାରିଛି। ଫଳରେ ମାଓରେ ଉତ୍ପାଦିତ ଫୁଲ ଏବେ ସାରା ଭାରତରେ ପହଞ୍ଚିପାରିଛି। ଛୋଖୋନେଙ୍କ ଚେଷ୍ଟା ଯୋଗୁ ଗ୍ରାମୀଣ ଫୁଲ ଚାଷୀମାନେ ସହରର ବଜାର ସହ ସିଧାସଳଖ ଯୋଡ଼ି ହୋଇପାରିଛନ୍ତି। ଛୋଖୋନେ ବାୟୋଟେକ୍‌ନୋଲୋଜିରେ ଡିଗ୍ରୀ ହାସଲ କରି ବେଙ୍ଗାଲୁରୁରେ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀରେ କାମ କରୁଥିଲେ। ପରେ ଚାକିରି ଛାଡ଼ି ଫୁଲଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଜାନୁଆରୀ ୧୯୭୬

- ରାଜ୍ୟସଭାର ସଭ୍ୟ ନିର୍ବାଚନ ପ୍ରଥା ପରିବର୍ତ୍ତନ ଲାଗି ସମ୍ବିଧାନ ସଂଶୋଧନ ନିମନ୍ତେ ଅଣାଯାଇଥିବା ଏକ ବେସରକାରୀ ବିଲ୍ ପ୍ରତ୍ୟାହାର କରିନିଆଯାଇଛି।
- ପାର୍ଲାମେଣ୍ଟ ଆନେକ୍ସିରେ ଥିବା ଚିକିତ୍ସା କେନ୍ଦ୍ରକୁ ଲୋକ ପ୍ରତିନିଧିମାନଙ୍କ ସେବା ପାଇଁ ଲୋକସଭା ବାଚସ୍ପତି ବି.ଆର୍. ଭଗତ ଉତ୍ସର୍ଗ କରିଛନ୍ତି।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ଡୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ !
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଧାରୀଙ୍କ ଗୁହାରି

ମହାଶୟ,

ସରକାରୀ କର୍ମଚାରୀ ଓ ପେନ୍‌ସନ ପାଉଥିବା ଲୋକଙ୍କର ୧୮ ମାସର ଏଭିଏର ପାଉଣା କରୋନା ସମୟରୁ ବାକି ରହିଛି। ସେଥିରୁ କେତେ ମଲେଣି ତ ଆଉ କେତେକେ ଔଷଧ ଖର୍ଚ୍ଚ ଓ ପିଲାଙ୍କ ପେଟକୁ ଦାନା ପାଇଁ ଚାହିଁ ବସିଛନ୍ତି। ତେଣୁ ଅନୁଗ୍ରହ ସହକାରେ ବାକିଥିବା ପାଉଣା ଦିଆଗଲେ ଉପକୃତ ହେବୁ। ଅନେକ ଯୋଜନାରେ କେତେ କ'ଣ ଖର୍ଚ୍ଚ ହେଉଛି , ହେଲେ ସରକାର ଭୋକିଲା ଲୋକଙ୍କୁ ସନ୍ତୁଷ୍ଟ କରନ୍ତୁ। ଅନେକ ଯୋଜନାକୁ ଲୋକେ ଧନ୍ୟ ଧନ୍ୟ କରୁଛନ୍ତି। ଏଣୁ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ଗୁହାରି ସରକାର ଶୁଣନ୍ତୁ।

**-କାଳିଚରଣ ରଥ, ବ୍ରହ୍ମପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନୂତନ କାର୍ଯ୍ୟାଳୟ, ସ୍ମାର୍ଟ ପାର୍କ ନିର୍ମାଣ ଉପରେ ଆଲୋଚନା

### ଧାମନଗର ଏନ୍‌ଏସିର ୯ମ ଅଧିବେଶନ

ଧାମନଗର,୧୦।୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସିର ୯ମ ଅଧିବେଶନ ଶୁକ୍ରବାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ଅଧ୍ୟକ୍ଷା ନିବେଦିତା ଜେନା, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର, ଉପାଧ୍ୟକ୍ଷ ୱାସିମ ଏଜଦାନି କାଦ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସିର ନୂତନ କାର୍ଯ୍ୟାଳୟ, ସ୍ମାର୍ଟ ପାର୍କ ନିର୍ମାଣ, ହୋଲ୍ଡିଂ ଟ୍ୟାକ୍ସ ଆଦାୟ, ଧାମନଗର ଦୋବଲ ବାଇପାସ୍ ରାସ୍ତା ନିର୍ମାଣ, ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଧାମନଗର ଛକଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ନବୀକରଣ ପାଇଁ ଟେଣ୍ଡର ହୋଇସାରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ନ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୧୧ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ।

# ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲରେ ତାଲା



ସ୍କୁଲ ଆଗରେ ଅଭିଭାବକମାନେ ଧାରଣାରେ ବସିଛନ୍ତି।

### ଶୁକ୍ରବାର ବିଦ୍ୟାଳୟ ଖୋଲିବା ନିର୍ଦ୍ଦେଶକୁ ସଂଖ୍ୟାଲଘୁ ଅଭିଭାବକଙ୍କ ବିରୋଧ

ବାସୁଦେବପୁର,୧୦।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ସାବରପୁର ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲ ଶୁକ୍ରବାର ଖୋଲାଯିବା ନିଷ୍ପତ୍ତିକୁ ବିରୋଧ କରି ସଂଖ୍ୟାଲଘୁ ଅଭିଭାବକ ଓ ଗ୍ରାମବାସୀ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟ ବିଦ୍ୟାଳୟ ପରି ଏହି ସ୍କୁଲ ମଧ୍ୟ ଶୁକ୍ରବାର ଖୋଲିବ ଓ ଶନିବାର ସକାଳୁଆ ସ୍କୁଲ ହେବ ବୋଲି ବିଇଓ ଜଗବନ୍ଧୁ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶେଖ୍ ମହମ୍ମଦ ଅନ୍‌ସାର ବିଦ୍ୟାଳୟ ଖୋଲିବାକୁ ଉଦ୍ୟମ କରିବା ସମୟରେ ଗ୍ରାମବାସୀ ବିରୋଧ କରି ତାଲା ପକାଇଛନ୍ତି। ଏହା ଏକ ସଂଖ୍ୟାଲଘୁ ବହୁଳ ଗ୍ରାମ ହୋଇଥିବାରୁ ପୂର୍ବରୁ ଏହି ବିଦ୍ୟାଳୟ ଶୁକ୍ରବାର ବନ୍ଦ ରହିଥାଏ। ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍କୁଲ ଚାଲିଥାଏ। ଶନିବାର ଓ ରବିବାର ସ୍କୁଲ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଏବେ ବିଇଓଙ୍କ ନିଷ୍ପତ୍ତି ମୁତାବକ ଅନ୍ୟ ସ୍କୁଲଗୁଡ଼ିକ ପରି ଏହି ବିଦ୍ୟାଳୟ ଚାଲୁ ରହିବ ବୋଲି ନିର୍ଦ୍ଦେଶ ଆସିବା ପରେ ଏହାକୁ ନେଇ ବିବାଦ ଉପୁଜିଛି। ଶୁକ୍ରବାର ସ୍କୁଲ ଖୋଲା ରହିବ। ଶନିବାର ସକାଳୁଆ ସ୍କୁଲ ହେବ ଏବଂ ରବିବାର ସ୍କୁଲ ଛୁଟି ରହିବ ବୋଲି ବିଇଓଙ୍କ ନିର୍ଦ୍ଦେଶ ରହିଛି।

ଏହି ବିଦ୍ୟାଳୟରେ ୧ମରୁ ୮ମ ଯାଏ ୪୫୦ଜଣ ପିଲା ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୪୩୦ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ ୨୦ଜଣ ହିନ୍ଦୁ ସମ୍ପ୍ରଦାୟର ଛାତ୍ରୀଛାତ୍ର। ବିଦ୍ୟାଳୟରେ କାର୍ଯ୍ୟରତ ୧୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ୧୨ଜଣ ହିନ୍ଦୁ ସମ୍ପ୍ରଦାୟର ଓ ୪ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଛନ୍ତି। ଏ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶେଖ୍ ମହମ୍ମଦ ଅନ୍‌ସାର ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବିଦ୍ୟାଳୟ ଖୋଲିବାରୁ ଗ୍ରାମବାସୀ ସ୍କୁଲରେ ତାଲା ପକାଇଥିବା କହିଛନ୍ତି।

## ‘ଭାରତର ଐତିହ୍ୟ, ସଂସ୍କୃତି ବିଷୟରେ ପଡ଼ୋଶୀଙ୍କୁ ଜଣାନ୍ତୁ ପ୍ରତ୍ୟେକ ପ୍ରବାସୀ’




ଧାମନଗର ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ଧାମନଗର,୧୦।୧(ଦେବେନ୍ଦ୍ର ଆଳିଆ)

ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ବିଶ୍ୱାଳ ଯୋଗଦେଇ ପ୍ରତ୍ୟେକ ପ୍ରବାସୀ ସେମାନଙ୍କ ପଡ଼ୋଶୀଙ୍କୁ ଭାରତର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ କରାଇବାକୁ ଆହ୍ୱାନ ଦେଇଥିଲେ। ସହସଂଯୋଜକ ଡ. ଦେବାଶିଷ ମଲ୍ଲିକ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସ୍ୱାଗତ ସମ୍ଭାଷଣ ସହ ଆଭିମୁଖ୍ୟ ପ୍ରଦାନ ଓ ଅଧ୍ୟାପକ ଚିନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା, ଆଶୀର୍ବାଦ ମହାନ୍ତି ଓ ସତ୍ୟମ କୁମାର ଜେନା ବକ୍ତବ୍ୟ ରଖିଥିଲେ। ପ୍ରବାସୀ ବିଭୁ କଲ୍ୟାଣ ଦାସ ଓ ଇପ୍ସିତା ଦୀକ୍ଷିତ୍ ଆଭାସୀ ଜରିଆରେ ତାଙ୍କର ବୈଦେଶିକ ଅନୁଭବ ଓ ଅନୁଭୂତି ସହ ନିଜର ମାତୃଭୂମି ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନକୁ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ପ୍ରତିଭା ପଣ୍ଡା, ଜ୍ୟୋତିକ୍ରିଷ୍ଣା ମହାପାତ୍ର ଓ ଅଲିଭାରାଣୀ ବାରିକ ଜାତୀୟ ସଙ୍ଗୀତ ଗାଇଥିଲେ।

ଏହି ଅବସରରେ ଓଡ଼ିଆ ପ୍ରବନ୍ଧ, ରଙ୍ଗୋଲି, ଓଡ଼ିଆ ବକ୍ତୃତା, କୁଇଜ୍ ଓ ସାଇକ୍ଲୋଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ସାଇକ୍ଲୋଥନ ଜରିଆରେ ଛାତ୍ରୀଛାତ୍ର ‘ଆମ ଭାରତ ଆମ ଗୌରବ’ ସ୍ଲୋଗାନ ଦେଇ ମହାବିଦ୍ୟାଳୟଠାରୁ ଧାମନଗର ବ୍ଲକ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରୋଜ ପଣ୍ଡା, ସନ୍ଦୀପ ଘୋଷ, ସୁଶ୍ରୀ ସଂଗୀତା ନାୟକ, ସାଜିଆ ତମକୀନ, କଲ୍ୟାଣୀ ଦାଶ, ଶତୋ ସାମିନି, ଇତିଶ୍ରୀ ବାରିକ, ଜିଜ୍ଞାସୁ ଦାଶ, ଧୀରେନ୍ଦ୍ର ରାଉତ, ଦିଲୀପ ମଲ୍ଲିକ, ଡ. ବିଶ୍ୱଜିତା ବାରିକ, ଦୁର୍ଗା ଚରଣ ମଲ୍ଲିକ, ବାବାଜୀ ଚରଣ ପରିଡ଼ା, ଜୟ ପ୍ରକାଶ ନାୟକ ପ୍ରମୁଖ ଆଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ବାସ୍ତବିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଧାନକଟା ମେଶିନ ଚାଳକ, ସହାୟକ ଗୁରୁତର

ବନ୍ତ,୧୦।୧(ହରିନାରାୟଣ ମହାନ୍ତି)

### ଜମି ଉପରେ ଝୁଲି ରହିଥିଲା ତାର

ବନ୍ତ ଥାନା ଅଧୀନ ପଧାନପଡ଼ା-ଓଳମ ରାସ୍ତାର ନିମପଲ୍ଲୀଠାରେ ଶୁକ୍ରବାର ପୂର୍ବାହ୍ନରେ ଏକ ମେଶିନ ଧାନ କାଟୁଥିବା ବେଳେ ତଳକୁ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଳକ ଓ ସହାୟକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ବାହାର ରାଜ୍ୟର ଲୋକ ବୋଲି ଜଣାଯାଇଛି।

ପ୍ରକାଶ ଯେ, ପଧାନପଡ଼ା ଗ୍ରାମର ଚାଷୀ ପୀତାମ୍ବର କରଙ୍କ ଜମିରେ ମେଶିନ ଧାନ କାଟୁଥିଲା। ଏହି ସମୟରେ ଜମି ଉପରେ ଯାଇଥିବା ଥିବା ୧୧କେଭି ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିବା ବେଳେ ମେଶିନର ସାଇଲେନ୍ସର ପାଇପ୍ ସଂସ୍ପର୍ଶରେ ଆସିଥିଲା। ଫଳରେ ମେଶିନ ଚାଳକ ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କ ହାତ ଓ ଗୋଡ଼ ପୋଡ଼ି ଯାଇଥିଲା। ଏଥିସହ ଚାଳକଙ୍କ ପାଖରେ ଥିବା ସହାୟକ ଗୁରୁତର ହୋଇଥିଲେ। ମେଶିନଟି ଚାଲୁଥିବାରୁ ବିଦ୍ୟୁତ୍ ତାରଠାରୁ ଦୂରେଇ ଯାଇଥିଲା। ଫଳରେ ଦୁଇଜଣଙ୍କ ଜୀବନ ରକ୍ଷା ହୋଇ ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ଘଟଣା ଘଟିଥିବା ସ୍ଥାନଟି ବନ୍ତ ବିଦ୍ୟୁତ୍ ସେକ୍ସନ ଅଧୀନ ଓଳମ ଫିଡର ବୋଲି ଜଣାଯାଇଛି। ଏହି ସ୍ଥାନରେ ଦୀର୍ଘ ମାସ ହେବ ୧୧ କେଭି ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିବା ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ବିଭାଗ ପକ୍ଷରୁ ସେଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗୁରୁତର ଦୁଇଜଣଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ସହ ସରକାରୀ ସହାୟତା ଏବଂ ବିଦ୍ୟୁତ୍ ତାର ତୁରନ୍ତ ମରାମତି କରାଯିବାକୁ ସେମାନେ ଦାବି କରିଛନ୍ତି।

## ୨୧ରୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର

ଭଦ୍ରକ,୧୦।୧(ସନାତନ ରାଉତ)

ଭଦ୍ରକ ଜିଲାରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍‌ୱାନ ହଲ୍‌ରେ ଆଭାସୀ ଜରିଆରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାର ସମସ୍ତ ବ୍ଲକର ବିଡିଓ ଅଭାସୀ ଜରିଆରେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ। ଚଳିତ ମାସ ୨୧ ତାରିଖରୁ ଫେବୃଆରୀ ୧ ମଧ୍ୟରେ ନିର୍ଦ୍ଧାରିତ ଦିନଗୁଡ଼ିକରେ ସବୁ ବ୍ଲକରେ ଏହି ଶିବିର ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ୨୧ ତାରିଖରେ ଚାନ୍ଦବାଲି, ୨୨ରେ ତିହିଡ଼ି, ୨୮ରେ ବନ୍ତ, ୨୯ରେ ଭଣ୍ଡାରିପୋଖରୀ, ୩୦ରେ ଧାମନଗର, ୩୧ରେ ବାସୁଦେବପୁର ଓ ଫେବୃଆରୀ ୧ରେ ଭଦ୍ରକ ବ୍ଲକରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅନୀତା ନାୟକ, ଜିଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଓର୍‌ମାସ ଡେପୁଟୀ ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦୀପକ କୁମାର ମୁଦୁଲି, ସରକାରୀ ପଲିଟେକ୍ନିକର ଅଧ୍ୟାପକ ସଞ୍ଜୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଏକାଦଶାହରେ ସ୍ମୃତିଚାରଣ

ଧୂଷୁରୀ, ୧୦।୧ (ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ଓଳଗ ପଞ୍ଚାୟତ ଅଧୀନ ସାଠିବାଙ୍କୁଡ଼ା ଗ୍ରାମର ସ୍ୱର୍ଗତ ସୁବାସ ଚନ୍ଦ୍ର ମହାକୁଳଙ୍କ ଏକାଦଶାହରେ ଶୁକ୍ରବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କିଶୋର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ସେନା କର୍ମଚାରୀ ଅମିୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ନାୟକ, ସନ୍ଦୀପ ନାୟକ, ସରପଞ୍ଚ ପ୍ରଫୁଲ୍ଲ ବେହେରା, ରତିକାନ୍ତ ନାୟକ, ସତ୍ୟଜିତ ପଲାଇ, ଦୀପକ ରଞ୍ଜନ ବିଶ୍ୱାଳ, ସଦାନନ୍ଦ ମଲିକ, ରବୀନ୍ଦ୍ର ମହାକୁଳ ପ୍ରମୁଖ ଉପସ୍ଥିତ ରହି ସୁବାସ ଜଣେ ପରୋପକାରୀ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ସୁବାସ ଦୁର୍ଘଟଣାର ଶିକାର ହୋଇ କଟକ ବଡ଼ ଡାକ୍ତରଖାନରେ ଚିକିତ୍ସିତ ହେଉଥିବା ବେଳେ ଗତ ୩୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ,୧୦।୧(ସନାତନ ରାଉତ)

### ମାଲିକଙ୍କ ଘରୁ ଭଡ଼ାଟିଆ ଚୋରି କରିବା ଘଟଣା

ଭଦ୍ରକ ଟାଉନ ଥାନା ଅଧୀନ କୁଆଁସ ଗ୍ରାମର କଲ୍ୟାଣୀ ସାହୁଙ୍କ ଘରୁ ଭଡ଼ାଟିଆ ସୁନା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଟାଉନ ଥାନାରେ ମାମଲା(ନଂ.୧/୨୫) ରୁଜୁ ହୋଇଛି। କିନ୍ତୁ ଭଡ଼ାଟିଆଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ପରେ ଛାଡ଼ି ଦେଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଲ୍ୟାଣୀ ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଲ୍ୟାଣୀ ଦର୍ଶାଇଛନ୍ତି ଯେ, ପରିବାର ସହ ଘରେ ଅନୁପସ୍ଥିତ ଥିବାବେଳେ ଗତ ୩୧ ତାରିଖ ରାତିରେ ତାଙ୍କ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଘରେ ଭଡ଼ାରେ ରହୁଥିବା ଏକ ଦମ୍ପତି ଚୋରି କରିଥିବା ସନ୍ଦେହ ହେଉଛି ବୋଲି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଦମ୍ପତିଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଛାଡ଼ି ଦେଇଥିଲା। ସେମାନେ ଘରୁ ତାଙ୍କ ଜିନିଷପତ୍ର ନେଇ ବିଦା ହେବା ବେଳେ ପୋଲିସ ଉପସ୍ଥିତିରେ ବ୍ୟାଗ୍ ଯାଞ୍ଚ କରିବାରୁ ଚୋରି ହୋଇଥିବା ଅଳଙ୍କାରର ଖୋଳ ମିଳିଥିଲା। ଏସବୁ ପ୍ରମାଣ ମିଳିବା ପରେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରିନାହିଁ।

## ସଂଯୁକ୍ତ କୃଷକ ମୋର୍ଚ୍ଚାର ବିକ୍ଷୋଭ

ଭଦ୍ରକ,୧୦।୧(ସନାତନ ରାଉତ)

ସଂଯୁକ୍ତ କୃଷକ ମୋର୍ଚ୍ଚାର ଭଦ୍ରକ ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଦିନିଆ ବର୍ଷା ଯୋଗୁ ଧାନ ଓ ସବୁ କୃଷି ଫସଲ କ୍ଷତିର ତୁରନ୍ତ କ୍ଷତିପୂରଣ ପ୍ରଦାନ, କୃଷି ଋଣ ଶୁଝି ନ ପାରି ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ଋଣ ଛାଡ଼, ସମସ୍ତ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟଯୁକ୍ତ ଆଇନ ସଂସଦରେ ପ୍ରଣୟନ, ଭଦ୍ରକ ଜିଲାର ସବୁ ପଞ୍ଚାୟତରେ ସରକାରୀ ଧାନ ମଣ୍ଡି ଖୋଲିବା, ଧାନ କ୍ରୟ ସମୟରେ କଟ୍‌ନୀ ଛଟ୍‌ନୀ ବନ୍ଦ, ସମସ୍ତ ଭାଗଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଧାନ କିଣିବା ଆଦି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ଦିଲୀପ ରାଉତରାଏଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସଂଯୁକ୍ତ କୃଷକ ମୋର୍ଚ୍ଚାର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଓଡ଼ିଶା କୃଷକ ସଭାର ଜିଲା ସମ୍ପାଦକ ପ୍ରଭାସ ମହାପାତ୍ର, ସିଆଇଟିୟୁ ଜିଲା ସଭାପତି ଦିବ୍ୟସିଂହ ନାୟକ, ଉପସଭାପତି ରାଧାନାଥ ଦାସ, ଚାଷୀ ମୂଲିଆ ସଂଘର ଜିଲା ସଭାପତି ସୁଶାନ୍ତ ଜେନା, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଚାଷୀ ନେତା ମହେଶ୍ୱର ନାୟକ, ବିମଳ ସାହା, ଦେବେନ୍ଦ୍ର ନାୟକ, ବିଜୟ ସାହା, ମିର ଆଜମେର ଅଲ୍ଲୀ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO BHAVAN, KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878, e-mail Id-pdt.juidco@gmail.com
CIN: U45200JH2013SGC001752

NIT No.: JUIDCO/NIT/I&D and STPs Kolhan PMC/644 Date:- 10.01.2024

**Notice Inviting Tender 1st Call**

| | | |
|---|---|---|
| 1. | Name of the Work | Request for Proposal for Selection of Consultant for preparation of Detailed Project Report (DPR) and providing Project Management Consultancy (PMC) services for Interception & Diversion and STPs along with related infrastructure in 8 towns in Kolhan Cluster in Jharkhand. |
| 2. | Mode of submission of bids | e-tendering (http://jharkhandtenders.gov.in ) |
| 3. | Tender Fee & Earnest Money Deposit (EMD) (In INR) | Tender document fee: Rs.10,000/- (Rupees Ten Thousand) only [Non-Refundable] EMD : Rs. 2,00,000/- (Rupees Two Lakh) only. (to be paid Online) |
| 4. | Date of publication of Tender online | 10.01.2025, 1700 Hrs |
| 5. | Date of Pre-Bid meeting | 20.01.2025, 1600 Hrs |
| 6. | Last Date/Time for submission of online bids | 03.02.2025, 1700 Hrs |
| 7. | Last Date of submission of EMD and Tender fees | 04.02.2025, 1700 Hrs |
| 8. | Date of Bid Opening | 04.02.2025, 1730 Hrs |
| 9. | Tender fee and EMD submission address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road, Ranchi – 834001 |
| 10. | Helpline no. | +91 651 2225878 |

Note: Only e-tenders will be accepted.
Further details are available on Jharkhand Government e-procurement website http//:jharkhandtenders.gov.in
Sd/-
Project Director (Tech)
JUIDCO Ltd.
PR 344011 (Urban Development and Housing) 24-25 (D)

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଏଏଲ୍_ୟୁଇ2825ଟି_ଟିପ୍ପର୍_ବିଏସ୍‌ଭିଆଇ
ଗାଡ଼ି ନଂ. OD19Y1414
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2749500.00

2) ମଡେଲ ନଂ. ସିବି_ଏଏଲ୍_ୟୁଇ2825ଟି_ଟିପ୍ପର୍_ବିଏସ୍‌ଭିଆଇ
ଗାଡ଼ି ନଂ. OD19Y0114
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2749500.00

3) ମଡେଲ ନଂ. ମହିନ୍ଦ୍ରା ବୋଲେରୋ ପିକ୍-ଅପ୍
ଗାଡ଼ି ନଂ. OD07AS9599
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 579150.00

4) ମଡେଲ ନଂ. ଏଏଲ୍_ବଡ଼ା_ଦୋସ୍ତ
ଗାଡ଼ି ନଂ. OD05BK9049
ନିର୍ମାଣ ବର୍ଷ - ଉପଲବ୍ଧ ନାହିଁ
ସଂରକ୍ଷିତ ମୂଲ୍ୟ - 525973.50

5) ମଡେଲ ନଂ. ସିବି_ସୁପ୍ରୋ_ମିନି_ଟ୍ରକ୍
ଗାଡ଼ି ନଂ. OD29M4859
ନିର୍ମାଣ ବର୍ଷ - 2024
ସଂରକ୍ଷିତ ମୂଲ୍ୟ - 422069.70

6) ମଡେଲ ନଂ. ସିବି_ଆଇଚର୍_ପ୍ରୋ_6055_ସିବିସି_ବିଏସ୍6_ସିଏବି_ଚେସିସ୍
ଗାଡ଼ି ନଂ. OD09P9871
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 2416871.93

**ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ"** ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

## ‘ଆସନ୍ତାକାଲିକୁ ଗଢ଼ି ତୋଳିଥାଏ ସୁବର୍ଣ୍ଣ ଜୟନ୍ତୀ’



ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

### ଆରସା ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ତିହିଡ଼ି,୧୦।୧(ସଞ୍ଜିତ ବଳ)

ଛାତ୍ରୀଛାତ୍ର ସ୍କୁଲରେ ଶିକ୍ଷାଲାଭ କରିବା ସହ ସଂସ୍କାରୀ ହୁଅନ୍ତି। ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇଥାନ୍ତି। ସୁବର୍ଣ୍ଣ ଜୟନ୍ତୀ ଆସନ୍ତାକାଲିକୁ ଗଢ଼ି ତୋଳିଥାଏ ବୋଲି ଶୁକ୍ରବାର ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଆରସା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ବକ୍ତବ୍ୟ ରଖିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ବରେଣ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ, ସରପଞ୍ଚ ସସ୍ମିତା ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ସମିତିସଭ୍ୟ ଶୁକଦେବ ମଲିକ, ସାଧନକେନ୍ଦ୍ର ସଂଯୋଜକ କେଶବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବାଦଲ କିଶୋର ମହାପାତ୍ର, ସର୍ବେଶ୍ୱର ସାହୁ, ଶୈଳେନ୍ଦ୍ର ବାରିକ, ସନାତନ ସାହୁ, ଇନ୍ଦ୍ରମଣି ବେହେରା, ଜୟକୃଷ୍ଣ ସେଠୀ, ଅକ୍ଷୟ କୁମାର ବ୍ରହ୍ମ, ଯାମିନୀ ମୋହନ ପାଢ଼ୀ, ଶୈଳେନ୍ଦ୍ର ନାୟକ, ସଚ୍ଚିଦାନନ୍ଦ ସାହୁ, ଉଦ୍ଧବ ଚରଣ ମିଶ୍ର, ସରୋଜ କୁମାର ମିଶ୍ର, ଲୋକନାଥ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀମାନେ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ପରିବେଷଣ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ୨ୟ ଅଧିବେଶନରେ ବରେଣ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ବିଦ୍ୟୁତଲତା ନାୟକ, ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା, ଗୀତିକାର ଡ. ପଞ୍ଚାନନ ନାୟକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଭାବବିନିମୟ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। କମିଟି ସମ୍ପାଦକ ସୁଶାନ୍ତ କୁମାର ବାରିକ, ମିଡିଆ ସଂଯୋଜକ ତ୍ରିଲୋଚନ ଗୌତମ, ସୁଧାଂଶୁ ନାୟକ, କ୍ଷମାମୟ ପାଣ୍ଡବ, ହେମନ୍ତ ମହାନ୍ତି, ମଳୟ ନାୟକ, ଉମାକାନ୍ତ ଦାଶ, ଅଜୟ ରାଉତ, ରତିକାନ୍ତ ଦାଶ, ଧୀରେନ୍ଦ୍ର ସାହୁ, ସୁମନ୍ତ କୁମାର ମହାନ୍ତି, ରାଜେନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**चाकुलिया नगर पंचायत का कार्यालय ,चाकुलिया**

अति अल्पकालीन ई–निविदा आमंत्रण सूचना
( Through E-Procurement Mode only – www.jharkhandtenders.gov.in)
E-Tender N0 – NPC/12/ 2024-25 (3rd Call)
केन्द्र प्रायोजित अटल नवीकरण एवं शहरी परिवर्तन मिशन 2.0 (AMRUT 2.0) के तहत :–

| क्र0 सं0 | योजना का नाम | प्राक्कलित राशि | अग्रधन की राशि (रूपये में ) | परिमाण विपत्र कामूल्य (रूपये में ) | कार्य समाप्ति की अवधि |
|---|---|---|---|---|---|
| 01 | 02 | 03 | 04 | 05 | 06 |
| 01 | चाकुलिया नगर पंचायत अर्न्तगत नगर पंचायत क्षेत्र (वार्ड सं0 01) में कमारीगोड़ा पार्क निर्माण कार्य । | 1,14,57,883.00 | 229200.00 | 10000.00 | 09 माह |

1. वेबसाईट में निविदा प्रकाशन की तिथि :– 13.01.2025 अपराह्न 3.00 बजे।
2. ई–निविदा प्राप्ति की तिथि एवं समय :– 24.01.2025 अपराह्न 2.00 बजे।
3. ई–निविदा खोलने का स्थान :–कार्यालय चाकुलिया नगर पंचायत।
4. ई–निविदा तकनीकि बीड खोलने की तिथि एवं समय :– 25.01.2024 को अपराह्न 3.00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :–प्रशासक, चाकुलिया नगर पंचायत।
6. ई–निविदा प्रकोश्ठ का दूरभाश सं0 :–7488224409
7. प्राक्कलित राशि घट–बढ़ सकती है तद्नुसार अग्रधन की राशि देय होगी ।
8. निविदा शुल्क एव अग्रधन की राशि केवल Online Mode द्वारा स्वीकार्य होगी ।
9. निविदा शुल्क की राशि ई–भुगतान के माध्यम से किया जाना है, जिस बैंक खाता से भुगतान किया जायेगा, उसी खाता में अग्रधन / सुरक्षित जमा की राशि वापस होगी । अगर खाता बंद कर दिया जाता है तो उसकी सारी जवाब देही आपकी होगी।

विस्तृत जानकारी के लिए वेबसाईट WWW.jharkhandtenders.gov.in एवं कार्य दिवस में कार्यालय अवधि में नगर पंचायत चाकुलिया के सूचना पट्ट पर देखा जा सकता है ।
नोट :– यह निविदा 02 (दो) लिफाफा पद्धति की होगी ।
प्रशासक
चाकुलिया नगर पंचायत
PR 343958 (Urban Development)24-25*D

## ମକର ମେଳା ପ୍ରସ୍ତୁତି

ବଉଳା,(ଦୁର୍ଗା ପ୍ରସାଦ ଆୟଚ): ହାଟଡ଼ିହୀ ବ୍ଲକ୍‌ର ପଢ଼ିଆରୀପଲ୍ଲି ପଞ୍ଚାୟତ ଗିରି ଗୋବର୍ଦ୍ଧନ ପର୍ବତରେ ଥିବା ସିଦ୍ଧଗୁମ୍ଫାରେ ଜାନୁଆରୀ ୧୪, ୧୫ ଓ ୧୬ ମକର ମେଳା ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ବୈଠକ ସରପଞ୍ଚ ଅଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ମକର ମେଳା କମିଟିର ବୃନ୍ଦାବନ ରାଉତ, ମାର୍କଣ୍ଡ ସାହୁ, ଜଗନ୍ନାଥ ପାତ୍ର, ଭିକାରି ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରମୋଦ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**କେନ୍ଦୁଝର**

# ଶେଷ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼

## ଯୋଡ଼ାରେ ଠାକୁରାଣୀ ଉଷା ପର୍ବ

**ଯୋଡ଼ା,୧୦।୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରର ଭୂୟାଁ ବସ୍ତିରେ ଶୁକ୍ରବାର ଠାକୁରାଣୀ ଉଷା ପର୍ବ ପାଳିତ ହୋଇଯାଇଛି। ପର୍ବ ଦେଖିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତିବର୍ଷ ପରି ପୌଷ ମାସରେ ମା' ଠାକୁରାଣୀଙ୍କ ଉଷା ପର୍ବ ପାରମ୍ପରିକ ରୀତିରେ ପାଳନ କରାଯାଇଥିଲା। ପାରମ୍ପରିକ ରୀତି ଅନୁଯାୟୀ, ମା'ଙ୍କ ବସ୍ତ୍ର, ଅଳଙ୍କାର, ସିନ୍ଦୂର, ଅଳତା, ମୟୂର ପକ୍ଷୀ ପ୍ରଭୃତି ପୂଜା ସାମଗ୍ରୀ ନେଇ ସାହି ବସ୍ତିର ଲୋକେ ମେଳି ବାନ୍ଧି ଆସେଇଁ କଳାରୁ ମା'ଙ୍କୁ ଆଣିଥିଲେ। କୋଠୀଶାଳରେ ୯ ଦିନ ପୂଜା କରାଯିବା ପରେ ଶୁକ୍ରବାର ମା'ଙ୍କ ଉଷା ପର୍ବ ପାଳନ କରାଯାଇଥିବା ମା'ଙ୍କ କୋଠୀଶାଳର ଦେହୁରୀ ସୂଚନା ଦେଇଛନ୍ତି। ପୂଜାରେ ମାନସିକଧାରୀ ତଥା ଶ୍ରଦ୍ଧାଳୁମାନେ ଉପବାସ ରହି କଣ୍ଟା ଦୋଳିରେ ଝୁଲିବା ସହିତ ନିଆଁରେ ଚାଲିଥିଲେ। ଯାହାକୁ ଦେଖିବା ପାଇଁ ଅନେକ ଶହ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶେଷରେ ମା'ଙ୍କ ବିସର୍ଜନ କରାଯାଇଥିଲା।



ମାନସିକଧାରୀମାନେ ନିଆଁରେ ଚାଲୁଛନ୍ତି।

## ବଜବଜିଆରେ ୯ ବାଛୁରୀ ମୃତ

ଆନନ୍ଦପୁର,୧୦।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ବଜବଜିଆ ରୋଗରେ ୯ରୁ ଊର୍ଦ୍ଧ୍ୱ ବାଛୁରୀଙ୍କ ମୃତ୍ୟୁ ଘଟିଛି। କଇଁସିଆରୀ ଗ୍ରାମର ରବିନ୍ଦ୍ର ରାଉତଙ୍କ ୨ ବାଛୁରୀ, ପ୍ରାଣବନ୍ଧୁ ରାଉତଙ୍କ ୨, ଜଗବନ୍ଧୁ ସ୍ୱାଇଁଙ୍କ ଗୋଟାଏ, ଜନାର୍ଦ୍ଦନ ଦାସଙ୍କ ଗୋଟିଏ, ସନାତନ ଦାସଙ୍କ ଗୋଟିଏ, କଣ୍ଟାବଣିଆର ଆତୁଳ ଚରଣ ଜେନାଙ୍କ ଗୋଟିଏ, ମଙ୍ଗଳାଗଡ଼ିଆର ସନ୍ତୋଷ ମଲ୍ଲିକଙ୍କ ଗୋଟିଏ ବାଛୁରୀ ମୃତ୍ୟୁବରଣ କରିଛି। ବିଭାଗ ପକ୍ଷରୁ ମାଗଣା ଔଷଧ ଓ ସଚେତନତା ଶିବିର ଜରିଆରେ ସଚେତନ କରାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସରୋଜ କୁମାର ମହାନ୍ତି କହିଛନ୍ତି, ଗୋଟେ ଗାଁରେ ଟୀକାକରଣ କରାଯାଇନାହିଁ। କେତେ ଗୋରୁ ମୃତ୍ୟୁବରଣ କରିଛନ୍ତି, ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଆବାସ, ରାଶନ କାର୍ଡରୁ ବଞ୍ଚିତ ଦିବ୍ୟାଙ୍ଗ ଶ୍ରୀକାନ୍ତ



## ସହାୟତା ପାଇଁ ପରିବାରର ନିବେଦନ

**ଆନନ୍ଦପୁର,୧୦।୧(ଉମେଶ ଚନ୍ଦ୍ର ପାଢ଼ୀ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ପଞ୍ଚାୟତ ଅନ୍ତର୍ଗତ ପୁରୁଣିଆ ଗ୍ରାମର ଦିବ୍ୟାଙ୍ଗ ଶ୍ରୀକାନ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି। ଗରିବ ଶ୍ରେଣୀର ହୋଇଥିଲେ ବି ତାଙ୍କର ରାଶନକାର୍ଡ ନ ଥିବା ବେଳେ ଭଙ୍ଗା ଘରେ ବାସ କରୁଛନ୍ତି। ଆବାସ ଖଣ୍ଡିଏ ପାଇଁ ଅଧିକାରୀଙ୍କୁ ଗୁହାରି କରି ଆସୁଥିଲେ ବି ମିଳିପାରୁନାହିଁ। ଫଳରେ ପୁରା ପରିବାର ଏକ ଚାଳ ଘରେ ପଲଥିନ ଟାଣି ଜୀବନ ବିତାଉଛନ୍ତି।

ସୂଚନା ଅନୁଯାୟୀ, ପୁରୁଣିଆ ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ଶ୍ରୀକାନ୍ତ ଜେନା (୩୯)ଙ୍କ ୨୦୧୭ରେ ଶରୀରରେ ପରିବର୍ତ୍ତନ ଦେଖାଦେଲା। ଗୋଡ଼ ଅଚଳ ହୋଇପଡ଼ିଥିବା ବେଳେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଶ୍ରୀକାନ୍ତ ଘରେ ଏକମାତ୍ର ରୋଜଗାରିଆ ହୋଇଥିବାରୁ ଅର୍ଥ ଅଭାବରୁ ଉତ୍ତମ ଚିକିତ୍ସା ହୋଇପାରି ନ ଥିଲେ। ଫଳରେ ସବୁଦିନ ପାଇଁ ଦିବ୍ୟାଙ୍ଗ ହୋଇଗଲେ। ଶ୍ରୀକାନ୍ତଙ୍କ ରାଶନକାର୍ଡ ନ ଥିବାରୁ ଚାଉଳ ମିଳୁ ନ ଥିବା ବେଳେ ଆବାସ ପାଇଁ ଅଧିକାରୀଙ୍କୁ ଗୁହାରି କରିଥିଲେ ବି ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ପତ୍ନୀ ଓ ୨ କୋମଳମତୀ ଶିଶୁଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ଅନ୍ୟପଟେ ସୁଭଦ୍ରା ଯୋଜନାର ୩ ଟି ଲେଖାଏ କିସ୍ତିରେ ହିତାଧିକାରୀ ଟଙ୍କା ପାଇଥିବା ବେଳେ ଶ୍ରୀକାନ୍ତଙ୍କ ସ୍ତ୍ରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ରାସନକାର୍ଡ, ଆବାସ ଏବଂ ସୁଭଦ୍ରା ଯୋଜନା ଯୋଗାଇ ଦେବାକୁ ଶ୍ରୀକାନ୍ତଙ୍କ ପରିବାର ଆକୁଳ ନିବେଦନ କରିଛନ୍ତି। ଆନନ୍ଦପୁର ବିଡିଓ ଜୋଗରଞ୍ଜନ ନାଏକ କହିଛନ୍ତି, ସର୍ଭେ ପାଇଁ ତାଙ୍କ ଘରକୁ ଟିମ୍ ଯିବ। ଯାଞ୍ଚ ପରେ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରାଯିବ।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ପାଟଣା,୧୦।୧(ବୀରକିଶୋର ଦାଶ): କେନ୍ଦୁଝର ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମହାବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଡ. ଦେବାଶିଷ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ଯତୀନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ସାହୁ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ, ସମିତି ସଭ୍ୟା ଅଂଶୁଲତା ସାହୁ, ନିର୍ମଳ ଚନ୍ଦ୍ର ସାହୁ, କୁଳମଣି ସାହୁ, ସନ୍ତୋଷ ସାହୁ ଉପସ୍ଥିତ ଥିଲେ। ପୂର୍ବତନ ପରିଚାଳନା ସମିତି ସଦସ୍ୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ର ସତ୍ୟବତୀ ପାତ୍ର, ଅନୁପମା ମହାନ୍ତ, ସ୍ୱୟଂ ପଟ୍ଟନାୟକ, ରଜତ ମହନ୍ତ, ମିଲନ ବେହେରା, ରାନି ନାଏକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଭଞ୍ଜନ ନାଏକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସତ୍ୟପ୍ରକାଶ ମହାନ୍ତ, ସୁବ୍ରତ ମହାକୁଡ, ବିକାଶ ବେହେରା, ସୁଧାଂଶୁ ଶେଖର ସାହୁ, ରାଜେନ୍ଦ୍ର ମହାନ୍ତ, ପଦ୍ମଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## 'ଶିକ୍ଷକ ମଣିଷ ତିଆରି କାରଖାନାର ବିଶ୍ୱକର୍ମା'

**କେନ୍ଦୁଝର,୧୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ନରଣପୁରଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓଙ୍କ ସଭାପତିତ୍ୱରେ କେନ୍ଦୁଝର ଏମ୍‌ପି ତଥା ବିଦ୍ୟାଳୟର ପୁରାତନ ଛାତ୍ର ଅନନ୍ତ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକମାନେ ହେଉଛନ୍ତି ମଣିଷ ତିଆରି କାରଖାନାର ବିଶ୍ୱକର୍ମା। ତେଣୁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଡିମ୍ବୋସ୍ଥିତ କେଏସ୍‌ଇର ପ୍ରତିଷ୍ଠାତା ଇଂ. ବସନ୍ତ ଦାନୀ, ସମ୍ମାନିତ ଅତିଥିଭାବେ କେନ୍ଦୁଝର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରବିନ୍ଦ୍ର ନାଏକ, ଜିଲା ଶିକ୍ଷା ନିରୀକ୍ଷକ ସଞ୍ଜୟ ଧଳ, ନରଣପୁର ସରପଞ୍ଚ ରୀନା ନାୟକ, ସାମାଜିକକର୍ମୀ ଦିଲ୍ଲୀପ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଯୋଗଦେଇଥିଲେ। ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅପରମିତା ବେହେରା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ୧୨ରୁ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ

ଚମ୍ପୁଆ,୧୦।୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପରିବହନ ବିବାଦରେ ଜେଏସ୍‌ପିଏଲର ଟାଲୁଟୁଲ ନୀତିକୁ ବିରୋଧ କରାଯାଇଛି। ଆସନ୍ତା ୧୨ରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ନେଇ ଶୁକ୍ରବାର ସଂଘ ପକ୍ଷରୁ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କୁ ଭେଟି ସଂଘ ପକ୍ଷରୁ ଅବଗତ କରାଯାଇଛି। ଅଭିଯୋଗ ମୁତାବକ, ସଡ଼କ ପଥରେ ୪୦ ପ୍ରତିଶତ ଖଣିଜ ପରିବହନ ପାଇଁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଡିସେମ୍ବର ୧୫ରେ ଏକ ଦାବିପତ୍ର ଜେଏସ୍‌ପିଏଲ, ଦେଉଝରକୁ ଦିଆଯାଇଥିଲା। ୨୦୨୫ ଜାନୁଆରୀ ୧୧ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ସମୟସୀମା ପୂରିବାକୁ ଯାଉଥିବାରୁ ସେମାନେ ଜାନୁଆରୀ ୧୨ ରୁ ଜିନ୍ଦଲ ଗେଟ୍ ସମ୍ମୁଖରେ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। କମ୍ପାନୀ ଭିତରକୁ କିମ୍ବା ବାହାରକୁ କୌଣସି ଜିନିଷ ପରିବହନକୁ ସମ୍ପୂର୍ଣ୍ଣ ଠପ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କର କହିବା କଥା, ସଡ଼କ ପଥରେ ୪୦ ପ୍ରତିଶତ ପରିବହନ ଏବଂ ଟ୍ରେନ୍, ପାଇପ ଓ ଟ୍ରଲର ମାଧ୍ୟମରେ ବାକି ୬୦ ପ୍ରତିଶତ ପରିବହନ କରାଯାଉ। କମ୍ପାନୀ ପ୍ରତାରଣ କରୁଥିବାରୁ ଅନେକ ହଜାର ଟ୍ରକ୍ ମାଲିକଙ୍କ ସହ ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ ଅନେକ ବ୍ୟବସାୟ ଓ ସେମାନଙ୍କ ପରିବାର ବର୍ଗ ହାତାସ ଜୀବନ କାଟୁଛନ୍ତି। ଏ ନେଇ ସଂଘ ପୂର୍ବରୁ ଜିଲାପାଳ, ଏସ୍‌ପି, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ବେଳେ ଶୁକ୍ରବାର ଟ୍ରକ ମାଲି ସଂଘ ପକ୍ଷରୁ ଉପ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

# ବିଶ୍ୱ ହିନ୍ଦୀ ଦିବସ




**ରାଇରଙ୍ଗପୁର,୧୦।୧(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ରବିଶଙ୍କର ଶତପଥୀ ଅଧ୍ୟକ୍ଷତା କରି ବିଶ୍ୱସ୍ତରରେ ହିନ୍ଦୀ ଭାଷାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଜୟ କୁମାର ରାମ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ରାଜଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ କର୍ମଚାରୀ ଏବଂ ଛାତ୍ରୀମାନେ ଉପସ୍ଥିତ ଥିଲେ।

**ମୟୂରଭଞ୍ଜ**

## ଜଳିଗଲା ୩ ବଖରା



ବେତନଟୀ,୧୦।୧(ଧରଣୀଧର ମହାନ୍ତି): ବେତନଟୀ ତହସିଲ ଅଧୀନ ସଠିଲୋ ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ୩ ବଖରା ବିଶିଷ୍ଟ ଚାଳ ଘର ନିଆଁରେ ପୋଡ଼ି ସମ୍ପୂର୍ଣ୍ଣ ଭସ୍ମ ହୋଇଯାଇଛି। ପରିବାର ବର୍ଗ ରାତିରେ ଶୋଇଥିବା ବେଳେ ଘର ପୋଡ଼ିଯାଉଥିବା ଦେଖି ଜୀବନ ବଞ୍ଚାଇ ବାହାରକୁ ପଳାଇ ଆସିଥିଲେ। ଖବରପାଇ ବେତନଟୀ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଲକ୍ଷ୍ମଣଙ୍କ ଘରେଥିବା ୩୦ କୁଇଣ୍ଟାଲ ଧାନ ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବେତନଟୀ ୩୫ନଂ. ମଣ୍ଡଳ ସଭାପତି ଜୀବନ ପରିଡ଼ା ଅସହାୟ ପରିବାର ବର୍ଗଙ୍କୁ ଚାଉଳ, ମୁଢ଼ି ଓ ଆସବାବପତ୍ର ଯୋଗାଇ ଦେଇଛନ୍ତି। ବେତନଟୀ ତହସିଲ ପକ୍ଷରୁ ତଦନ୍ତ କରାଯାଇ ପଲିଥିନ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶାଳପତ୍ରରୁ ପ୍ରସ୍ତୁତ ସାମଗ୍ରୀର ବ୍ୟବହାର ବୃଦ୍ଧି ପାଇଁ ଦାବିପତ୍ର

**ବାରିପଦା,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶାଳପତ୍ରରୁ ପ୍ରସ୍ତୁତ ସାମଗ୍ରୀର ବ୍ୟବହାର ବୃଦ୍ଧି ନିମନ୍ତେ ଅଗ୍ରଣୀ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଜିଲାର ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ, ରିସର୍ଟ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଛାତ୍ର ସଙ୍ଗଠନ ଭଞ୍ଜସେନାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଜିଲାରେ ଶାଳପତ୍ରର ଖଲି, ଦୋନା ଓ ଅନ୍ୟାନ୍ୟ ସାମଗ୍ରୀର ବ୍ୟବହାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଜଙ୍ଗଲ ପରିବେଷ୍ଟିତ ମୟୂରଭଞ୍ଜ ଜିଲାରେ ଶାଳପତ୍ରରୁ ନିର୍ମିତ ସାମଗ୍ରୀର ଚାହିଦା ରହିଛି । ମାତ୍ର ହୋଟେଲଗୁଡ଼ିକରେ ଏହାର ବ୍ୟବହାର କରାଯାଉ ନ ଥିବାରୁ ଆଦିବାସୀଙ୍କ ରୋଜଗାରରେ ପ୍ରତିବନ୍ଧକ ସାଜିଛି। ବ୍ୟଞ୍ଜନ ସହିତ ଶାଳପତ୍ରର ବାସ୍ନା ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । ଏହି ପତ୍ରରୁ ବିଭିନ୍ନ ପ୍ରକାର ଖଲିଦୋନା ପ୍ରସ୍ତୁତ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଯାଇଥାଏ। ମାତ୍ର ଜିଲାରେ ଥିବା ଶାଳ ଜଙ୍ଗଲରେ ପତ୍ର ପର୍ଯ୍ୟାପ୍ତ ପରିମାଣର ରହୁଥିବା ବେଳେ ହୋଟେଲଗୁଡ଼ିକରେ ବ୍ୟବହାର କରାଯାଉ ନାହିଁ। ସେହିପରି ବନ ବିଭାଗ ପକ୍ଷରୁ କଡ଼ା ଆଇନ ପ୍ରଣୟନ ହୋଇଥିବାରୁ ଲୋକେ ପତ୍ର ତୋଳିବା ବନ୍ଦ କରିବାକୁ ବସିଛନ୍ତି। ଏପରି ସ୍ଥଳେ ଶିଳ୍ପ ବିହୀନ ଜିଲାରେ ଶାଳପତ୍ରର ଚାହିଦାକୁ ବୃଦ୍ଧି କରାଗଲେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ସଙ୍ଗଠନର ଜିଲା ସଭାପତି ପିଣ୍ଟୁ ମାଇତି ପ୍ରକାଶ କରିଛନ୍ତି। ଏପରିକି ଶାଳପତ୍ର ବ୍ୟବହାରକୁ ଲୋକାଭିମୁଖୀ କରିବା ପାଇଁ ସଙ୍ଗଠନ ପକ୍ଷରୁ ଜିଲାର ସମସ୍ତ ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ହୋର୍ଡିଂ ଓ ବ୍ୟାନର ଲଗାଯିବା ସହିତ ଜିଲାର ଛୋଟବଡ଼ ହୋଟେଲ ମାଲିକମାନଙ୍କୁ ନିବେଦନ କରାଯାଉଛି। ଏ ନେଇ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି, ଶାଳପତ୍ର ସାମଗ୍ରୀକୁ ଅଗ୍ରାଧିକାର ଦିଆଗଲେ ଜଙ୍ଗଲ ନିଆଁରେ ରୋକ୍ ଲାଗିପାରିବ। ଏପରିକି ନିଆଁ ଲାଗିଲେ ଛୋଟ ଶାଳ ଗଛରୁ ସଂଗ୍ରହ ହେଉଥିବା ପତ୍ର ଜଳିପୋଡ଼ି ପାଉଁଶ ହୋଇଯିବ। ଏଣୁ ଲୋକମାନେ ରୋଜଗାର ପାଉଥିବା ସାମଗ୍ରୀକୁ ବଞ୍ଚାଇ ରଖିବା ପାଇଁ ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବେ।



ଦାବିପତ୍ର ଦେବାକୁ ଆସିଥିବା ଭଞ୍ଜସେନାର କାର୍ଯ୍ୟକର୍ତ୍ତାମାନେ।

## ଦେଢ଼ ବର୍ଷରେ ୩ ବିଡିଓଙ୍କ ବଦଳି

ବୈଶିଙ୍ଗା,୧୦।୧(ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖାଙ୍କ ବଦଳି ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଏକ ନିର୍ଦ୍ଦେଶନାମା ଅନୁଯାୟୀ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକକୁ ତାଙ୍କର ବଦଳି ହୋଇଛି। ସେହିପରି କରଞ୍ଜିଆ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ବେତନଟୀ ବ୍ଲକରେ ଅବସ୍ଥାପିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଦେଢ଼ ବର୍ଷ ଭିତରେ ବେତନଟୀ ବ୍ଲକରେ ୩ ଜଣ ବିଡିଓଙ୍କ ବଦଳି ହୋଇ ସାରିଲାଣି।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO BHAVAN, KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878, e-mail Id-pdt.juidco@gmail.com
CIN: U45200JH2013SGC001752

NIT No.: JUIDCO/NIT/I&D and STPs Kolhan PMC/644 Date:- 10.01.2024

**Notice Inviting Tender 1st Call**

| | | |
|---|---|---|
| 1. | Name of the Work | Request for Proposal for Selection of Consultant for preparation of Detailed Project Report (DPR) and providing Project Management Consultancy (PMC) services for Interception & Diversion and STPs along with related infrastructure in 8 towns in Kolhan Cluster in Jharkhand. |
| 2. | Mode of submission of bids | e-tendering (http://jharkhandtenders.gov.in ) |
| 3. | Tender Fee & Earnest Money Deposit (EMD) (In INR) | Tender document fee: Rs.10,000/- (Rupees Ten Thousand) only [Non-Refundable] EMD : Rs. 2,00,000/- (Rupees Two Lakh) only. (to be paid Online) |
| 4. | Date of publication of Tender online | 10.01.2025, 1700 Hrs |
| 5. | Date of Pre-Bid meeting | 20.01.2025, 1600 Hrs |
| 6. | Last Date/Time for submission of online bids | 03.02.2025, 1700 Hrs |
| 7. | Last Date of submission of EMD and Tender fees | 04.02.2025, 1700 Hrs |
| 8. | Date of Bid Opening | 04.02.2025, 1730 Hrs |
| 9. | Tender fee and EMD submission address | Jharkhand Urban Infrastructure Development Company Limited, JUIDCO Bhawan, Kutchery Road, Ranchi – 834001 |
| 10. | Helpline no. | +91 651 2225878 |

Note: Only e-tenders will be accepted.
Further details are available on Jharkhand Government e-procurement website http//:jharkhandtenders.gov.in

Sd/-
Project Director (Tech)
JUIDCO Ltd.

PR 344011 (Urban Development and Housing) 24-25 (D)



**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ଵାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଏଲ୍_ୟୁଇ2825ଟି_ଟିପ୍ପର୍_ବିଏସ୍‌ଭିଆଇ
ଗାଡ଼ି ନଂ. OD19Y1414
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2749500.00

2) ମଡେଲ ନଂ. ସିବି_ଏଲ୍_ୟୁଇ2825ଟି_ଟିପ୍ପର୍_ବିଏସ୍‌ଭିଆଇ
ଗାଡ଼ି ନଂ. OD19Y0114
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2749500.00

3) ମଡେଲ ନଂ. ମହିନ୍ଦ୍ରା ବୋଲେରୋ ପିକ୍-ଅପ୍
ଗାଡ଼ି ନଂ. OD07AS9599
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 579150.00

4) ମଡେଲ ନଂ. ଏଏଲ୍_ବଡ଼ା_ଦୋସ୍ତ
ଗାଡ଼ି ନଂ. OD05BK9049
ନିର୍ମାଣ ବର୍ଷ - ଉପଲବ୍ଧ ନାହିଁ
ସଂରକ୍ଷିତ ମୂଲ୍ୟ - 525973.50

5) ମଡେଲ ନଂ. ସିବି_ସୁପ୍ରୋ_ମିନି_ଟ୍ରକ୍
ଗାଡ଼ି ନଂ. OD29M4859
ନିର୍ମାଣ ବର୍ଷ - 2024
ସଂରକ୍ଷିତ ମୂଲ୍ୟ - 422069.70

6) ମଡେଲ ନଂ. ସିବି_ଆଇଚର୍_ପ୍ରୋ_6055_ସିବିସି_ବିଏସ୍6_ସିଏବି_ଚେସିସ୍
ଗାଡ଼ି ନଂ. OD09P9871
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 2416871.93

ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ"** ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ
କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


## ଉଦଳାରେ ଖୋଲିଲା ଏଡିଜେ କୋର୍ଟ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଉଦଳା,୧୦।୧(ସନ୍ତୋଷ କୁମାର ବାଛିନୀ)**

ଦୀର୍ଘ ଦିନର ଦାବି ପରେ ଉଦଳାରେ ଏଡିଜେ କୋର୍ଟ ଖୋଲିଛି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ବେଳେ ଭର୍ଚ୍ଚୁଆଲ ମୋଡ୍‌ରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଏହି ନୂତନ କୋର୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଦୀପ କୁମାର ବେହେରା ବିଚାରପତି ଭାବେ ଏହି କୋର୍ଟରେ ନିଯୁକ୍ତ ହୋଇଥିବା ହାଇକୋର୍ଟ ମୁଖ୍ୟ ବିଚାରପତି ସୂଚନା ପ୍ରଦାନ କରିଥିଲେ। ୮୦ ସିଭିଲ୍ ଏବଂ ୨୮୪ଟି କ୍ରିମିନାଲ କେଶ ବାରିପଦାରୁ ଟ୍ରାନ୍ସଫର ହୋଇ ଉଦଳା ଏଡିଜେ କୋର୍ଟରେ ବିଚାର ହେବ ବୋଲି ସୂଚନା ମିଳିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଜଜ ଅରବିନ୍ଦ ପଟ୍ଟନାୟକ, ଉଦଳା ଏସ୍‌ଡିଜେଏମ୍ ଅରୁଣ ପଟ୍ଟନାୟକ, ଏସ୍‌ଡିଜେଏମ ଅନୁରାଗ ଦେହୁରୀ, ଜିଲାପାଳ ହେମକାନ୍ତ ସାଏ, ଜିଲା ଆରକ୍ଷୀ ଅଧୀକ୍ଷକ, ଉପଜଲାପାଳ ସୁଶାନ୍ତ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଉଦଳା ଓକିଲ ସଂଘ ଏବଂ ଉପଖଣ୍ଡ ଓକିଲ ସଂଘରେ କାର୍ଯ୍ୟରତ ଆଇନଜୀବୀ ସାମିଲ ହୋଇଥିଲେ।

## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

ବେତନଟୀ,୧୦।୧(ଧରଣୀଧର ମହାନ୍ତି): ବେତନଟୀ ଡାକ୍ତରଖାନା ଛକ ୧୮ନଂ. ଜାତୀୟ ରାଜପଥରେ ବନ ବିଭାଗ ଚଢ଼ାଉକରି ଏକ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ସୂଚନା ଅନୁଯାୟୀ, ଚୋରାକାଠ ଚାଲାଣ ନେଇ ଖବର ପାଇବାପରେ ବେତନଟୀ ବନ ବିଭାଗ ଚଢ଼ାଉ କରିଥିଲା। ବନ ବିଭାଗର ଟିମକୁ ଦେଖି ଚାଳକ ଜଣକ ରାସ୍ତାରେ ଗାଡ଼ି ଛାଡ଼ି ଦେଇ ଚମ୍ପଟ ମାରିଥିଲେ। ବନ ବିଭାଗ ଉକ୍ତ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା। ଜବତ ଭ୍ୟାନରେ ୫ଟି ବିଭିନ୍ନ ମୋଟେଇର ଅର୍ଜୁନ କାଠଗଣ୍ଡି ରହିଥିବା ବନ ବିଭାଗ ସୂଚନା ଦେଇଛି।

## ଟ୍ରେନ ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ଗୋଡ଼ କଟିଲା

ମୋରଡ଼ା,୧୦।୧(ସ୍ମାରକ ମାଜୀ)- ରାଜସ୍ଥାନର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ଟ୍ରେନରେ ଗୋଡ଼ କଟିଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ କୋହି ପଞ୍ଚାୟତ ଅଧୀନ ହାଣ୍ଡିଭଙ୍ଗା ଗ୍ରାମର ରଣଜିତ ପାଟବନ୍ଧା। ଗତ ୩୧ ତାରିଖରେ ସେ ଟ୍ରେନ ଯୋଗେ ଘରକୁ ଫେରୁଥିବା ସମୟରେ ରାଜସ୍ଥାନର ନଖା ଷ୍ଟେଶନ ନିକଟରେ କୌଣସି କାରଣରୁ ଟ୍ରେନରୁ ଖସି ପଡ଼ିଥିଲେ। ଫଳରେ ରଣଜିତଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ କଟି ଯାଇଥିବା ବେଳେ ଡାହାଣ ଗୋଡ଼ଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ପୋଲିସ ରଣଜିତଙ୍କୁ ବିକାନୀରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା ବୋଲି ରଣଜିତଙ୍କ ପୁଅ ଗୁରୁପ୍ରସାଦ କହିଛନ୍ତି। ରଣଜିତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଘରକୁ ଫେରାଇ ଆଣିବାକୁ ପରିବାର ପକ୍ଷେ ସମ୍ଭବ ହୋଇ ପାରୁନାହିଁ। ତେଣୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।


**चाकुलिया नगर पंचायत का कार्यालय ,चाकुलिया**

अति अल्पकालीन ई–निविदा आमंत्रण सूचना
( Through E-Procurement Mode only – www.jharkhandtenders.gov.in)
E-Tender N0 – NPC/12/ 2024-25 (3rd Call)
केन्द्र प्रायोजित अटल नवीकरण एवं शहरी परिवर्तन मिशन 2.0 (AMRUT 2.0) के तहत् :–

| क्र0 सं0 | योजना का नाम | प्राक्कलित राशि | अग्रधन की राशि (रूपये में ) | परिमाण विपत्र कामूल्य (रूपये में ) | कार्य समाप्ति की अवधि |
|---|---|---|---|---|---|
| 01 | 02 | 03 | 04 | 05 | 06 |
| 01 | चाकुलिया नगर पंचायत अन्तर्गत नगर पंचायत क्षेत्र (वार्ड सं0 01) में कमारीगोड़ा पार्क निर्माण कार्य । | 1,14,57,883.00 | 229200.00 | 10000.00 | 09 माह |

1. वेबसाईट में निविदा प्रकाशन की तिथि :– 13.01.2025 अपराह्न 3.00 बजे।
2. ई–निविदा प्राप्ति की तिथि एवं समय :– 24.01.2025 अपराह्न 2.00 बजे।
3. ई–निविदा खोलने का स्थान :–कार्यालय चाकुलिया नगर पंचायत।
4. ई–निविदा तकनीकि बीड खोलने की तिथि एवं समय :– 25.01.2024 को अपराह्न 3.00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :–प्रशासक, चाकुलिया नगर पंचायत।
6. ई–निविदा प्रकोश्ठ का दूरभाश सं0 :–7488224409
7. प्राक्कलित राशि घट–बढ़ सकती है तद्नुसार अग्रधन की राशि देय होगी ।
8. निविदा शुल्क एव अग्रधन की राशि केवल Online Mode द्वारा स्वीकार्य होगी ।
9. निविदा शुल्क की राशि ई–भुगतान के माध्यम से किया जाना है, जिस बैंक खाता से भुगतान किया जायेगा, उसी खाता में अग्रधन / सुरक्षित जमा की राशि वापस होगी । अगर खाता बंद कर दिया जाता है तो उसकी सारी जवाब देही आपकी होगी।


विस्तृत जानकारी के लिए वेबसाईट WWW.jharkhandtenders.gov.in एवं कार्य दिवस में कार्यालय अवधि में नगर पंचायत चाकुलिया के सूचना पट्ट पर देखा जा सकता है ।

नोट :– यह निविदा 02 (दो) लिफाफा पद्धति की होगी ।

प्रशासक
चाकुलिया नगर पंचायत

PR 343958 (Urban Development)24-25*D




ପୋଷ୍ଟର ୱାର: ଦିଲ୍ଲୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆପ୍ ପକ୍ଷରୁ 'ଭାଜପା କା ଗାଲିବାଜ' ଏବଂ ଭାଜପା ପକ୍ଷରୁ 'ପୂର୍ବାଞ୍ଚଳିୟୋ କା ଦୁଷ୍ମନ' ଶୀର୍ଷକ ପୋଷ୍ଟର ଲଗାଯାଇଛି।

# ଥିଲେ ଯେଉଁଠି, ଫେରିଲେ ସେଇଠିକି

ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)


ରଘୁବର ଦାସ

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସ ଯେଉଁଠି ଥିଲେ ସେଇଠିକି ଫେରିଯାଇଛନ୍ତି। ପୂର୍ବରୁ ଭାଜପା ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବା ରଘୁବର ଦାସ ଓଡ଼ିଶା ରାଜ୍ୟପାଳ ପଦରୁ ହଟିବା ପରେ ପୁଣି ଥରେ ଶୁକ୍ରବାର ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଝାଡ଼ଖଣ୍ଡର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ସଭାପତି ବାବୁଲାଲ ମାରାଣ୍ଡିଙ୍କ ଉପସ୍ଥିତିରେ ଭାଜପା ସଦସ୍ୟତା ଗ୍ରହଣ କରିଛନ୍ତି। ନିକଟରେ ଓଡ଼ିଶା ରାଜ୍ୟପାଳ ପଦରୁ ରଘୁବରଙ୍କୁ ହଟାଇ ତାଙ୍କ ସ୍ଥାନରେ ହରିବାବୁ କମ୍ଭମପଟିଙ୍କୁ ଦାୟିତ୍ୱ ଦିଆଯାଇଛି। ରଘୁବର ଓଡ଼ିଶା ରାଜ୍ୟପାଳ ପଦରୁ ହଟିବା ବେଳେ ସେ ରାଜନୀତିକୁ ଫେରିବେ ବୋଲି ରାଜ୍ୟର ଅନେକ ଭାଜପା ନେତା ମତ ରଖିଥିଲେ। ରଘୁବର ମଧ୍ୟ ସେତେବେଳେ ଦାୟିତ୍ୱରୁ ହଟିବା ପରେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାହା ନିର୍ବାହ କରିବେ ବୋଲି କହିଥିଲେ। ସେହିଭଳି ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ମଧ୍ୟ ରଘୁବର ରାଜନୀତିରେ ଯୋଗଦେବାକୁ ଇଚ୍ଛୁକ ଥିବା କଥା ପ୍ରତିକ୍ରିୟାରେ କହିଥିଲେ। ତେବେ ରଘୁବର ରାଜ୍ୟପାଳ ପଦରୁ ହଟିବାର କିଛିଦିନ ପରେ ଭାଜପା ସଦସ୍ୟତା ଗ୍ରହଣକରି ପୁଣି ଥରେ ସକ୍ରିୟ ରାଜନୀତିକୁ ଫେରିଛନ୍ତି। ହେଲେ କେନ୍ଦ୍ର ତାଙ୍କୁ ସେପରି କିଛି ବଡ ଦାୟିତ୍ୱ ଏ ପର୍ଯ୍ୟନ୍ତ ପ୍ରଦାନ କରିନାହିଁ। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ନିର୍ବାଚନ ସମୟରେ ରଘୁବର ନିର୍ବାଚନ ଲଢିବା ଲାଗି ଆଶା ରଖିଥିଲେ। ହେଲେ ଭାଜପା ତାଙ୍କୁ ସେହି ସୁଯୋଗ ଦେଇ ନ ଥିଲା। ନିର୍ବାଚନ ସରିବା ପରେ ତାଙ୍କୁ ଓଡ଼ିଶା ରାଜ୍ୟପାଳ ପଦରୁ ହଟାଗଲା। ଏବେ ସେ ଝାଡ଼ଖଣ୍ଡ ରାଜନୀତିକୁ ଫେରିଛନ୍ତି। ଗତ ଝାଡ଼ଖଣ୍ଡ ନିର୍ବାଚନରେ ଭାଜପା ସରକାର ଗଠନ କରିବାରେ ବିଫଳ ହୋଇଛି।

# ବିଶାଳ ଦାସଙ୍କୁ ଅଟକ ରଖି ପରେ ଛାଡ଼ିଲା ଛତିଶଗଡ଼ ପୋଲିସ

## କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅନାସ୍ଥା ବାତିଲ

ଝାରସୁଗୁଡ଼ା,୧୦।୧
(ଆଶିଷ ରଞ୍ଜନ ଦାଶ)


ଛତିଶଗଡ଼ ସରେଇପାଲି ଥାନାରେ ଅଟକ ବିଶାଳ ଦାସଙ୍କ ସହିତ ଅନ୍ୟମାନେ।


ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ କର୍ମୀ ଜିଲାପାଳ ଅଫିସ ଘେରାଉ କରିଛନ୍ତି।

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଶୁକ୍ରବାର ହେବାକୁ ଥିବା ଅନାସ୍ଥା ପ୍ରସ୍ତାବ ଭୋଟ ବାତିଲ ହୋଇଯାଇଛି। କିର୍ମିରା ପଞ୍ଚାୟତ ସମିତିରେ ଜିଲା ପ୍ରଶାସନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଭୋଟ ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ବେଳେ କୌଣସି ସଭ୍ୟାସଭ୍ୟ ନ ପହଞ୍ଚିବାରୁ ଦାୟିତ୍ୱରେ ଥିବା ପିଏଆଇଟିଡିଏ ଭୋଟ ବାତିଲ କରିଥିଲେ। ଏହାର ପ୍ରତିବାଦ କରି ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ କର୍ମୀ ଜିଲାପାଳ ଅଫିସ ଘେରାଉ କରିଥିଲେ। ଏହା ସହିତ ଅନାସ୍ଥା ପ୍ରସ୍ତାବ ଭୋଟ ପୁନଃ ବିଚାର କରିବା ପାଇଁ ଦାବିପତ୍ର ଦେଇଥିଲେ। ଦାବିପତ୍ର ଅତିରିକ୍ତ ଜିଲାପାଳ ଗ୍ରହଣ କରି ପଞ୍ଚାୟତ ଆଇନ ଅନୁସାରେ ବିଚାର କରି ଏହାର ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଜିଲା ଭାଜପା ସଭାପତି ସୁନୀଲ ପଣ୍ଡା କହିଛନ୍ତି ଯେ, କିର୍ମିରା ପଞ୍ଚାୟତ ସମିତିର କିଛି ସମିତି ସଭ୍ୟ ତାଙ୍କ ପରିବାର ସଦସ୍ୟ ନିଖୋଜ ହୋଇଥିବା ନେଇ ଲଇକେରା ଥାନାରେ ୮ ତାରିଖ ଏକ ମାମଲା ରୁଜୁ ହୋଇଥିବାରୁ ପୋଲିସ ତଦନ୍ତ କରି ସେମାନଙ୍କୁ ଧରଛି। ଧର୍ମର ଜୟ ହୋଇ ଅନ୍ୟାୟର ପରାଜୟ ହୋଇଛି ବୋଲି କହିଛନ୍ତି। ପୂର୍ବତନ ବିଧାୟିକା ଦୀପାଳି ଦାସ କହିଛନ୍ତି ଯେ, ଏହା ଭାଜପା ସରକାର ଓ ପୋଲିସ କିର୍ମିରା ପଞ୍ଚାୟତ ଅନାସ୍ଥା ଭୋଟ ବନ୍ଦ କରିବାର ଏକ ସୁଚିନ୍ତିତ ଯୋଜନା, ଏହାର ଆଗକୁ ଜବାବ ଦିଆଯିବା ସହିତ ହାଇକୋର୍ଟର ଦ୍ୱାରସ୍ଥ ହେବୁ ବୋଲି କହିଛନ୍ତି। ପଞ୍ଚାୟତ ଆଇନ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ଭୋଟ ଆଗକୁ ଏକ ବର୍ଷ ପର୍ଯ୍ୟନ୍ତ ହୋଇପାରିବ ନାହିଁ ବୋଲି ଉପଜିଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ବିଶାଳ ଦାସଙ୍କ ମାଝିପାଲିସ୍ଥିତ ହୋଟେଲରେ ଗୁରୁବାର ଝାରସୁଗୁଡ଼ା ପୋଲିସର ଚଢ଼ାଉ ପରେ ବିଶାଳ ଆଇଜି ହିମାଂଶୁ ଲାଲଙ୍କୁ ଭେଟି ଏହାର ତଦନ୍ତ କରିବାକୁ ଦାବି କରିଥିଲେ। ପରେ ବିଶାଳ ଦାସ ତାଙ୍କ ସହଯୋଗୀଙ୍କ ସହିତ ଅଜ୍ଞାତ ବାସରେ ଥିବା ବିଜେଡି ସମର୍ଥିତ ୧୪ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଆଣିବା ପାଇଁ ପ୍ରାୟ ଗୁରୁବାର ରାତି ୧ଟାରେ ଛତିଶଗଡ଼ ଯାଇଥିଲେ। ଛତିଶଗଡ଼ ମହାସମୁଦ୍ର ଜିଲା ସରେଇପାଲି ଏକ ହୋଟେଲରେ କିର୍ମିରା ପଞ୍ଚାୟତ ସମିତିର ୧୪ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଝାରସୁଗୁଡ଼ା ପୋଲିସ ଗିରଫ କରି ସରେଇପାଲି ପୋଲିସ ଜିମାରେ ଦେଇଥିଲା। ଏହି ଖବର ପାଇ ବିଶାଳ ଦାସ ଓ ତାଙ୍କ ସହଯୋଗୀଙ୍କ ସହିତ ଛତିଶଗଡ଼ ଅଭିମୁଖେ ଯିବା ସୂଚନା ପାଇ ବିଶାଳ ଓ ତାଙ୍କ ସହଯୋଗୀଙ୍କ ଫୋନକୁ ଝାରସୁଗୁଡ଼ା ପୋଲିସ ଟ୍ରାକ କରିବା ସହିତ ସେମାନଙ୍କୁ ଅନୁସରଣ ମଧ୍ୟ କରୁଥିଲା। ସେଠାରେ ସ୍ଥାନୀୟ ହୋଟେଲରେ ଭଙ୍ଗାରୁଜୁ ଏବଂ ଜୋରଜବରସ୍ତ ପଶିବା ନେଇ ହୋଟେଲ ମାଲିକ ଅଭିଯୋଗ କରିଥିଲେ। ସେମାନେ ସରେଇପାଲି ପହଞ୍ଚିଥି ବେଳେ ଝାରସୁଗୁଡ଼ା ଓ ଛତିଶଗଡ଼ ପୋଲିସ ମିଳିତ ଭାବେ ବିଶାଳ ଓ ତାଙ୍କ ସହଯୋଗୀଙ୍କୁ ଧରି ସରେଇପାଲି ଥାନାରେ ଅଟକ ରଖିଥିଲା। ଦଙ୍ଗା କରି ଭଙ୍ଗାରୁଜା କରିବାକୁ ନେଇ ଭାରତୀୟ ନ୍ୟାୟ ସହିଁତା ଧାରା ୩୩୧(୪), ୧୯୧(୨)ରେ ବିଶାଳ ଦାସ, ବିଶ୍ୱନାଥ ତ୍ରିପାଠୀ, ରାକେଶ ସିଂହାଙ୍କ ସହିତ ୧୫ଜଣଙ୍କ ନାରେ ମାମଲା ରୁଜୁ କରିଥିଲା। ପରେ ସମସ୍ତଙ୍କୁ ବେଲ୍ ମଣ୍ଡରେ ଛାଡ଼ିଥିଲା।

# ସହଦେବଙ୍କ ସ୍ତ୍ରୀଙ୍କୁ ଚାକିରି ମିଳିବ: ଭାଜପା


ଖବରଦାତା ସମ୍ମିଳନୀରେ ଏକାମ୍ର ବିଧାୟକ ବାବୁ ସିଂ( ମଝି) ଓ ଦଳୀୟ ନେତା।

ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)

ସହଦେବଙ୍କ ହତ୍ୟା ଘଟଣାକୁ ନେଇ ଏକାମ୍ର ବିଧାୟକ ବାବୁ ସିଂ ବିଜେଡିକୁ ଟାର୍ଗେଟ କରିଛନ୍ତି। ଏହି ଘଟଣାରେ ଗୁରୁବାର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଥିଲା। ଏହାର ପାଲଟା ଜବାବରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବାବୁ ସିଂ କହିଛନ୍ତି, ସହଦେବଙ୍କ ହତ୍ୟା ସମସ୍ତଙ୍କ ପାଇଁ ଦୁଃଖଦ ଘଟଣା। ତାଙ୍କ ପରିବାର ପ୍ରତି ଆମର ସମବେଦନା ରହିଛି। ଖୁଣ୍ଟ ପରି ତାଙ୍କ ପରିବାର ସହ ରହିଛୁ। ଦୀର୍ଘ ୩ ଦିନ ହେବ ତାଙ୍କ ପରିବାର ସହ ଆମ ନେତା ଯୋଗାଯୋଗରେ ରହିଛନ୍ତି। ପୋଲିସ ତାଙ୍କ ପରିବାର ଓ ତାଙ୍କ ସହ ଜଡ଼ିତ ଥିବା ବ୍ୟକ୍ତିଙ୍କ ଦାବି ନେଇ କାର୍ଯ୍ୟାନୁଷ୍ଠାନ ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିସ ବିଭାଗକୁ ଦୋଷୀଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ମଧ୍ୟ ୧୨ ଘଣ୍ଟା ମଧ୍ୟରେ ୫ ଜଣକୁ ଗିରଫକରି ତଦନ୍ତ ଚଳାଇଛି। ଘଟଣାରେ ଯେତେ ବଡ ବ୍ୟକ୍ତି ଥିବେ ତାକୁ ଧରାଯିବ। ଯିଏ ଅପରାଧ କରିବେ ତାଙ୍କୁ ଦଣ୍ଡ ସୁନିଶ୍ଚିତ। ସହଦେବଙ୍କ ସ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଆଗାମୀ ଦିନରେ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ବର୍ତ୍ତମାନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଘଟଣାକୁ ନେଇ କଥା ହୋଇଛନ୍ତି ବୋଲି ବାବୁ କହିଛନ୍ତି। ସେ ଆହୁରି କହିଛନ୍ତି, ସହଦେବଙ୍କ ପରିବାର ସହ ମୁଖ୍ୟମନ୍ତ୍ରୀ ଅଛନ୍ତି। ପ୍ରବାସୀ ଭାରତୀୟ ସମ୍ମିଳନୀ ଶେଷ ପରେ ମୁଖ୍ୟମନ୍ତ୍ରୀ ସହଦେବଙ୍କ ପରିବାରକୁ ଭେଟିବେ। ଦୋଷୀକୁ ଦଣ୍ଡଦେବା ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ରାଜନୈତିକ ରୁଟି ସେକିବା ପାଇଁ ବିଜେଡି ଚାହୁଁଛି। ବିଜେଡି ଡବଲ ଷ୍ଟାଣ୍ଡାର୍ଡ କଥା କହୁଛି। ଗୋଟେ କୋଟି କ'ଣ ୧୦କୋଟି ଦେଲେ ବି ସହଦେବଙ୍କ ପରିବାରକୁ ତାହା କମ୍ ହେବ। କିନ୍ତୁ ଗୋଟେ ସରକାର ୨୪ ବର୍ଷ ରହିଥିବା ବେଳେ ହୋଇଥିବା ହତ୍ୟା ଓ ଡ୍ରେନ୍‌ରେ ପଡ଼ି ମରିଥିବା ବ୍ୟକ୍ତିଙ୍କ ପରିବାରଙ୍କୁ କେତେ ଅର୍ଥ ଦିଆଯାଇଛି ବୋଲି କହି ବାବୁ ସିଂ ବିଜେଡିକୁ ଟାର୍ଗେଟ କରିଛନ୍ତି।


Government of Odisha, "e"-Procurement Notice
**WORKS DEPARTMENT**
E-mail : eiccivil.nirmansoudha@gmail.com
**SHORT TENDER CALL NOTICE FOR INVITING REQUEST FOR PROPOSAL (RFP)**
RFP identification No. : 02/2024-25
No.B-824

| | | | |
|---|---|---|---|
| 1. | The Engineer-in-Chief (Civil-cum-Roads), Odisha on behalf of Governor of Odisha invites Request for proposal (RFP) in double cover for consultancy firm as mentioned below : | | |
| 2. | Nature of work | : | RFP |
| 3. | No. of work | : | 1 No. |
| 4. | Cost of RFP document | : | Rs. 10,000.00 |
| 5. | Available of RFP document in the website | : | From 05.00 P.M. of 10.01.2025 to 5.00 P.M. of 27.01.2025 |
| 6. | Date of opening of RFP | : | Dt. 27.01.2025 at 5.30 P.M. |
| 7. | The applicants have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of RFP can also be seen in the said website. | | |

Sd./- Engineer-In-Chief
(Civil-Cum-Roads), Odisha
OIPR-34181/11/0006/2425



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗିର - ୭୬୭୦୦୧
**OFFICE OF THE COLLECTOR & DISTRICT MAGISTRATE, BALANGIR**
(SOCIAL WELFARE SECTION)
No. 74/DSWO. Date:08/01/2025
**TENDER CALL NOTICE FOR HIRING OF VEHICLE FOR OFFICIAL USE**

**No.g-153** : Sealed Quotations are invited from intending reputed travel agency/tour operator/ service provider having valid GST Registration for providing 01 (One) no. of AC vehicle preferably BS-VI compliant petrol vehicle which shall confirm to the terms and condition (Given in Annexure-I) for official use of District Social Welfare Officer, Balangir on monthly rental basis. As per Finance Department O.M. No.22924/F Dt. 14.08.2023. The intending participants must apply in the prescribed format attached herewith as Annexure-II. The bid documents complete in all respect should reach to the undersigned on or before 22.01.2025 by 05.30 P.M. through speed/register post, courier and shall be opened on 24.01.2025 at 11:00 A.M. in the office chamber of the undersigned in presence of the bidders or their authorized representatives. The authority reserves the right to cancel the tender at any time without assigning any reason thereof. The type of vehicles required are as detailed below.

| Sl. No. | Office use for | Type of Vehicles Permissible to be hired | Nos. of vehicle required | Maximum Hire Charges per month (excluding taxes) | Minimum average Mileage (in KMS per litre) |
|---|---|---|---|---|---|
| 01 | DSWO, Balangir | Tiago / Bolt / Celerio (Petrol) etc | 01 | 20,000/- | 17 |
| Total | | | | | |

Sd./-
District Social Welfare Officer,
Balangir
OIPR-24130/11/0005/2425



**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1
**NOTICE**
No.203/ P.S.C., Dt.09.01.25

**No.D-228:** In supersession to this Office Notice No.7341/ PSC, Dt.18.12.2024, it is for information of all concerned that the written examination for the recruitment to the post of Finance & Accounts Officer in Urban Local Bodies of Odisha Municipal Finance Service cadre under Housing & Urban Development Department, pursuant to Advt.No. 39 of 2023-24 scheduled to be held on 19.01.2025 is hereby rescheduled to 05.02.2025 (Wednesday). The detailed programme of the said examination shall be notified later.
2. The candidates are advised to visit the website of the Commission at http://opsc.gov.in for further information in this regard.

Sd./- Secretary
OIPR-12002/11/0126/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, JAJPUR**
No.O-1201 rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-09/2024-25, DTD.

1. Name of Work : Special Repair to Building Works in the District of Jajpur for the year 2024-25
2. Total No. of Work : 06 Nos. of Works
3. Estimated Cost (Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of Contractors : As indicated against each work in the NIT

**Other details as follows:**
a) Procurement Officer : Superintending Engineer, Rural Works Division-II, Jajpur at Jaraka
b) Availability of tender online & submission of bid : 16.01.2025 at 11.00 AM to 22.01.2025 upto 4.00 PM
c) Last date & time of seeking of tender clarification : 21.01.2025 upto 4.00 PM
d) Opening of Tender : 22.01.2025 at 4.30 P.M.
Further details can be seen from the Govt. website www.tendersodisha.gov.in.

Sd./- Executive Engineer
Rural Works Division-II,
Jajpur at Jaraka
OIPR-25080/11/0016/2425



ପୌରପାଳିକା, ନବରଙ୍ଗପୁର
**OFFICE OF THE MUNICIPALITY, NABARANGPUR**
NABARANGPUR, ODISHA, PIN : 764059
Tel. / Fax No. - 06858-222031, E-mail : municipalityngpr@gmail.com
Quotation Call Notice
No. 35 Date : 09.01.2025

No.C-1435 : Nabarangpur Municipality is seeking sealed quotations from reputable suppliers, dealers, firms and contractors for the supply and installation of various materials, including a **Trackless Toy Train, Haunted House, LED Strip Lights, Laser Show, Barbed Wire, Hexagonal / Octagonal Cast Iron Gazebo, Koi Fish, FRP Animal and more**. All details are listed in the quotation document. The quotations must be submitted to the office of the Executive Officer of Nabarangpur Municipality during office hours on all working days until **20.01.2025 at 1:00 P.M.** from the date of publication. Any quotations received after the due date will not be considered. The quotations will be opened on **20.01.2025 at 4:00 P.M.** in the presence of the quoters or their authorized agents. A refundable **Earnest Money Deposit (EMD) of Rs. 50,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.
The quotation/tender document contains essential bid Technical and Financial information, along with terms and conditions for the procurement of **various materials such as a Trackless Toy Train, Haunted House, LED Strip Lights, Laser Show, Barbed Wire, Hexagonal / Octagonal Cast Iron Gazebo, Koi Fish, FRP Animal and more**. All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **January 10, 2025 to January 20, 2025**, at Nabarangpur Municipality. The cost of the document is **Rs. 10,000.00**.
The authority reserves the right to accept or reject any or all the tender without assigning any reason thereof.
OIPR-13065/11/0014/2425 Sd./- Executive Officer, Nabarangpur Municipality



ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
**OFFICE OF THE MUNICIPAL COUNCIL, TITILAGARH**
(Deptt. of Housing & Urban Development, Govt. of Odisha)
At/PO. Ps. : Titilagarh, Dist : Balangir - 767033, e-mail : titilagarhmunicipality@gmail.com, www.titilagarhmunicipality
Letter No. 122 Quotation Call Notice Date 09.01.2025

No.C-1440 : Sealed tenders are invited from the intending suppliers / Manufacturer / druggist for supply of Homoeopathic Medicine having IT Clearance Certificate/GST Registration Certificate & PAN Cards to Municipality Office Titilagarh for the year 2024-2025 as per the term & condition of the tender & it will be available Office of the Titilagarh Municipality during the office hour from 13.01.2025 at 10.00 A.M. to 24.01.2025 at 5.00 P.M. (Excluding Govt. Holiday). The Tender will be received on or before 24.01.2025 Up to 05.00 P.M. by Regd. Post/ Speed Post/Courier service or by in persons & the same will be opened on dt. 27.01.2025 at 12.00 Noon in presence of the tenderers or their authorized representatives. The Bidders have to deposit Rs. 300/- (Rupees Three Hundred) only each towards the cost of Tenders paper and Rs. 5000/- (Rupees Five Thousand) only towards Security Deposit. The undersigned reserves the right to reject/ cancel any or all the quotations without assigning any reason thereof.

Sd./- Executive Officer,
Municipality, Titilagarh
OIPR-13095/11/0016/2425



**OFFICE OF THE MUNICIPAL COUNCIL, BRAJRAJNAGAR**
E-Procurement Notice
Bid Identification No. : BRJNRM-06/2024-25.
No.C-1434

Total No. of Works : 12Nos.
Tender ID : 2025_ORULB_109228
Tender Value : Rs.19.90 Lakhs to 59.96 Lakhs
Bid security : Rs.19,900.00 to Rs.59,960.00
Tender opening date : 22nd January 2025, 11:00 A.M.
Bidders are requested to participate in advance with their Class-II, Class-III and Class-IV Contractor DSC before the closing date.
Further details please visit : www.tendersodisha.gov.in

Sd./- Executive Officer
Brajrajnagar Municipality
OIPR-13099/11/0023/2425



**କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୪-୨୫ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୪-୨୫ ନିମନ୍ତେ ତା.୧୦.୦୧.୨୦୨୫ ରିଖ ଠାରୁ ତା.୩୧.୦୩.୨୦୨୫ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି । ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜୀକରଣ କରିଥିବା ଆବଶ୍ୟକ । ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା । ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ । ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ) ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ । ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ । (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା ।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା | |
|---|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% | |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% | |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% | |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% | |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬.୦% | |
| ❖ ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% | |
| ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ | | |
| ❖ ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କ୍ୱିଣ୍ଟାଲ୍ ପ୍ରତି ଦର | ଟ.୨୩୦୦.୦୦ | ମୋଟ ୩୧୦୦.୦୦ ଟଙ୍କା |
| ❖ ଓ ଅତିରିକ୍ତ ଇନପୁଟ୍ ସହାୟତା କ୍ୱିଣ୍ଟାଲ୍ ପ୍ରତି | ଟ. ୮୦୦.୦୦ | |
| ❖ ଗ୍ରେଡ 'ଏ' ଧାନ କ୍ୱିଣ୍ଟାଲ୍ ପ୍ରତି ଦର | ଟ.୨୩୨୦.୦୦ | |

**ଧାନ କ୍ରୟ ଦିବସ:** ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ । ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

୧) ଜିଲ୍ଲା କଣ୍ଟ୍ରୋଲ ରୁମ୍ – ୨୨୦୫୪୪ (୦୬୭୨୭)
୨) ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ – ୨୩୨୬୦୧ (୦୬୭୨୭)
୩) ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା – ୯୪୩୮୨୦୦୦୪୭
୪) ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା – ୨୩୨୨୨୬ (୦୬୭୨୭)
୫) ଏ.ଆର.ସି.ଏସ୍., କେନ୍ଦ୍ରାପଡ଼ା – ୨୩୨୦୫୮ (୦୬୭୨୭) ୯୮୬୧୭୭୮୫୧୪ /୭୯୭୮୮୨୭୧୨୭
୬) ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା – ୯୪୩୭୭୮୪୦୧୮

ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ ।
ସ୍ୱା./– ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା
ସୌଜନ୍ୟ- ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

# ଅତ୍ୟଧିକ କଟ୍‌ନି ଛଟ୍‌ନିକୁ ନେଇ ବଢୁଛି ଚାଷୀ ଅସନ୍ତୋଷ

ଖଇରା,୧୦।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୧୪ଟି ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ମିଲର, ବ୍ୟବସାୟୀ ଓ ଚାଷୀଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ଦେଖିବାକୁ ମିଳିଛି। ଏଭଳି ଏକ ଘଟଣାରେ ଖଇରା ବ୍ଲକ ଡୁଙ୍ଗୁରା ସମିତି ଅଧୀନ କିଶୋରନଗର ଗ୍ରାମର ଚାଷୀ ପ୍ରଦୀପ ଜେନା ଜଣେ ଧାନ ବ୍ୟବସାୟୀଙ୍କ ଆକ୍ରମଣରେ ଲହୁଲୁହାଣ ହୋଇ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ୧୦ ସେବା ସମବାୟ ସମିତିରେ ଡିସେମ୍ବର ୨୭ତାରିଖରେ ମଣ୍ଡି ଖୋଲାଯାଇଥିବା ବେଳେ ୪ଟି ସମିତିରେ ଜାନୁଆରୀ ୬ତାରିଖରେ ମଣ୍ଡି ଖୋଲାଯାଇଥିଲା। ସେତେବେଳେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବା ଅବସରରେ କଟ୍‌ନୀଛଟ୍‌ନୀକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଥିବା ପ୍ରକାଶ କରିଥିଲେ। ହେଲେ ବିଭିନ୍ନ ସମିତିରେ ୬ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ବିଭିନ୍ନ ମଣ୍ଡିରୁ ଧାନ ଉଠାଇବାକୁ ଅନୁମତି ପାଇଥିବା ମିଲଗୁଡିକ କଥାବାର୍ତ୍ତା ହେଲା ଭଳି ଯେତେ ଭଲ ଏଫଏକ୍ୟୁ ଧାନ ହୋଇଥାଉନା କାହିଁ ୮ରୁ ୧୦ପ୍ରତିଶତ କଟ୍‌ନୀଛଟ୍‌ନୀ କରୁଥିବା ଚାଷୀମାନେ ଅଭିଯୋଗ କରିଆସୁଛନ୍ତି। ବିଶେଷକରି ଖଇରା, ଡୁଙ୍ଗୁରା, ବର୍ତ୍ତନା, କୁରୁଣ୍ଟା ଓ ଗଡପୋଖରୀରେ ଚାଷୀମାନଙ୍କୁ କଟ୍‌ନୀଛଟ୍‌ନୀ ନାମରେ ମିଲରଙ୍କ ଦ୍ୱାରା ବ୍ୟାପକ ଶୋଷଣ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲରମାନେ ଜାଣିଶୁଣି ଅଧିକ ମୁନାଫା ପାଇଁ ଏଭଳି କଟ୍‌ନୀଛଟ୍‌ନୀ କରୁଥିବା ଏବଂ ସରକାରଙ୍କର ଏହା ଭିତିରି ଏଜେଣ୍ଡା ବୋଲି ଚାଷୀ ବଳରାମ ବେହେରା ଅଭିଯୋଗ କରିଛନ୍ତି। ଡୁଙ୍ଗୁରା ସେବା ସମିତିରେ ଶୁକ୍ରବାର ଘଟଣା ବିଭିନ୍ନ ସମିତିରେ ଚାଲିଥିବା ବ୍ୟବସାୟୀରାଜକୁ ପଦାରେ ପକାଇଛି। ଘଟଣାକ୍ରମେ ଜଣେ ବ୍ୟବସାୟୀ ଚାଷୀ ପ୍ରଦୀପଙ୍କୁ ପ୍ରଲୋଭିତ କରି ଚାଷୀଙ୍କ ନାମରେ ଥିବା ୫୫ କୁଇଣ୍ଟାଲର ଟୋକନ ନେଇଯାଇଥିଲେ। ମିଲର ୧୦ପ୍ରତିଶତ କଟ୍‌ନୀଛଟ୍‌ନୀ କରୁଥିବାରୁ ସେ ଚୁକ୍ତି ମୁତାବକ ଟଙ୍କା ଦେଇପାରିବେ ନାହିଁ ବୋଲି ବ୍ୟବସାୟୀ ଜଣକ କହିବା ପରେ ପ୍ରଦୀପ ଏହାକୁ ବିରୋଧ କରିଥିଲେ। ଉକ୍ତ ବ୍ୟବସାୟୀ ଓ ତାଙ୍କ ପରିବାର ଲୋକେ ଏକଜୁଟ ହୋଇ ପ୍ରଦୀପଙ୍କୁ ମାଡ଼ ମାରି ଗୋଡ଼, ହାତ ଆଙ୍ଗୁଠି ଭାଙ୍ଗି ଦେଇଥିବା ପରିବାର ଲୋକଙ୍କ ତରଫରୁ ଅଭିଯୋଗ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଜିଲା ଯୋଗାଣ ବିଭାଗ ଅଧିକାରୀ ଆଲାଉଦ୍ଦିନ ଖାଁଙ୍କୁ ଯୋଗାଯୋଗ କରିବାରେ ସେ ଏକ ଟିମ୍ ଗଠନ କରି ବିଭିନ୍ନ ମଣ୍ଡିକୁ ପଠାଇ ଧାନକିଣାକୁ କିଭଳି ଶୃଙ୍ଖଳିତ କରାଯିବ ତାହାର ବ୍ୟବସ୍ଥା କରୁଥିବା କହିଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ

ବାଲିଆପାଳ, ୧୦।୧(ଗୋପାଳ ଚନ୍ଦ୍ର ସାହୁ)




ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ୯୮ ଛାତ୍ରୀଙ୍କୁ ନେଇ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ସଂସ୍କୃତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ବରେନ୍ଦ୍ର ବେହେରା, ଇତିହାସ ଅଧ୍ୟାପକ ରାଜେନ୍ଦ୍ର ବାରିକ, ଇଂଲିଶ ଅଧ୍ୟାପକ ଉତ୍ତମ ମାହାନା, ଅପର୍ଣ୍ଣା ମାଜି ପ୍ରମୁଖ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବାରେ ସକ୍ଷମ ହେଲେ ନିଶ୍ଚିତ ଭାବେ ଏକ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବେ। ଅରୁଣ ମାଣି, ସନ୍ନ୍ୟାସୀ ବେହେରା, ବିନୋଦ ବେହେରାଙ୍କ ସହିତ ଦିଗମ୍ବର ରଣା ସହଯୋଗ କରିଥିଲେ।


ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ ଓ ପୁନଃନିର୍ମାଣ (ସିଭିଲ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଜାନୁଆରୀ ୨୮, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର


# ଭାଜପାର ସାଙ୍ଗଠନିକ ସମ୍ବର୍ଦ୍ଧନା ଉତ୍ସବ




ବାଲେଶ୍ୱର, ୧୦।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବାଲିଆସ୍ଥିତ ରେମୁଣା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ସାଙ୍ଗଠନିକ ସମ୍ବର୍ଦ୍ଧନା ଉତ୍ସବ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ଅଧୀନ ମଣିନାଗେଶ୍ୱର ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ବାଘାଯତୀନ ମଣ୍ଡଳର ଉମାକାନ୍ତ ଜେନା, କ୍ଷୀରଚୋରା ମଣ୍ଡଳର ରଘୁନାଥ ପରିଡ଼ା, ଲବଣତୀର୍ଥ ମଣ୍ଡଳର ମାନସ କୁମାର ମହାନ୍ତି, କନକଦୁର୍ଗା ମଣ୍ଡଳର ବିବେକ ବିକାଶ ରାଉତ ଓ ଏନ୍‌ଏସି ମଣ୍ଡଳ ସଭାପତି ମାୟାଧର ପ୍ରଧାନଙ୍କ ସମେତ ନବନିର୍ବାଚିତ ବିଭିନ୍ନ ପଞ୍ଚାୟତର ୨୨୯ ଜଣ ବୁଥ୍ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ଦଳ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ବୁଥ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଲମ୍ବୋଦର ପ୍ରଧାନ, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା ମଞ୍ଚ ଆହ୍ୱାନ କରିଥିବାବେଳେ ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ସଭା ପରିଚାଳନା କରିଥିଲେ। ଏହି ଅବସରରେ ରେମୁଣା ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର ବେହେରା ଏବଂ ଖାନନଗର ସରପଞ୍ଚ ଅଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ଦାସଙ୍କ ଜନ୍ମଦିନ ଉପଲକ୍ଷେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୨୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକର୍ତ୍ତା ଗିରିଧାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଉଟି ଅଦାଲତର ରାୟ
# ୪୫ ଦିନ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ସୋର, ୧୦।୧(ଜନ୍ମେଜୟ ମିଶ୍ର)–ବ୍ୟାଙ୍କସେବାରେ ଅବହେଳା ମାମଲାରେ ବାଲେଶ୍ୱର ଜିଲା ଖାଉଟି ଅଦାଲତ ବିଚାର କରି ଅଭିଯୋଗକାରୀ ସୋର ୟୁକୋ ବ୍ୟାଙ୍କର ଜଣେ ଜମାକାରୀ ନେତ୍ରାନନ୍ଦ ରାଉତଙ୍କ ସପକ୍ଷରେ ରାୟ ଦେଇଛନ୍ତି। ୨୦୧୨ ଅଗଷ୍ଟ ୨୩ ତାରିଖରୁ ମୂଳ ଜମା ସହ ୯ ପ୍ରତିଶତ ବାର୍ଷିକ ସୁଧ ସହ କ୍ଷତିପୂରଣ ବାବଦରେ ୫ ହଜାର ଟଙ୍କା ଆଦେଶପ୍ରାପ୍ତିର ୪୫ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ପ୍ରଦାନ କରିବା ପାଇଁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ନେତ୍ରାନନ୍ଦ ୨୦୧୨ ଅଗଷ୍ଟରେ ସୋର ୟୁକୋ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଣ ବେଳେ ଟଙ୍କା ବାହାରି ନ ଥିଲା। ମାତ୍ର ଜମାଖାତାରୁ ୫ହଜାର ଟଙ୍କା କଟିଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଶାଖା ପ୍ରବନ୍ଧକ ଓ ପରେ ରିଜର୍ଭ ବ୍ୟାଙ୍କର ଅମ୍ବୁଡସ ମ୍ୟାନଙ୍କୁ ଲିଖିତ ଜଣାଇ ନିରାଶ ହୋଇଥିଲେ। ପରେ ୨୦୧୩ରେ ବାଲେଶ୍ୱର ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୪ ଡିସେମ୍ବର ୧୬ରେ ଜମାକାରୀଙ୍କ ସପକ୍ଷରେ ଅଦାଲତ ଆଦେଶ ପ୍ରଦାନ କରିଛନ୍ତି। ବ୍ୟାଙ୍କ ଜମାକାରୀଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେବା ସହ ବିଳମ୍ବିତ ନ୍ୟାୟ ପାଇଁ ୫ହଜାର ଟଙ୍କା ଦଣ୍ଡବିଧାନ କରିଛନ୍ତି।

# ଗୋରୁ ବୋଝେଇ ପିକଅପ ଜବତ, ୮ ଗୋରୁ ଉଦ୍ଧାର

ସୋର, ୧୦।୧(ଜନ୍ମେଜୟ ମିଶ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ହାଟରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ଏକ ଗୋରୁ ବୋଝେଇ ପିକଅପ ଜବତ କରିଛି। ଏଥିସହିତ ୮ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ରାତିରେ ବାରିକପୁର ହାଟରୁ ଗୋରୁ ଚାଲାଣ ନେଇ ଖବରପାଇ ସୋର ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲେ। ପୋଲିସ ପିକ୍‌ଅପ୍ ଜବତ କରିଛି। ଏଥିରେ ବନ୍ଧାଯାଇଥିବା ୮ ଟି ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ରଖାଯାଇଛି। ଏଥିସହିତ ଗାଡିକୁ ଥାନାରେ ରଖିଛି।

# 'ପଲିଥିନମୁକ୍ତ ବିଦ୍ୟାଳୟ'

ବାହାନଗା, ୧୦।୧(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଅଭଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା 'ପଲିଥିନମୁକ୍ତ ବିଦ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନେଇ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ରାଙ୍କନ, ଶ୍ରୁତଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରୀ ଓ ଭୁବନେଶ୍ୱରରୁ ଆସିଥିବା ପ୍ରୋଜେକ୍ଟ ଅଫିସର ରାଜେଶ କୁମାର ମହନ୍ତଙ୍କ ସମେତ ପରିବେଶବିତ୍ ଶିକ୍ଷକ କୃତିବାସ ଚନ୍ଦ୍ର ବେଜ, କୋଡିନେଟର ସୁଶାନ୍ତ କୁମାର ଲେଙ୍କା ପ୍ରମୁଖଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟକୁ କିପରି ପଲିଥିନ୍‌ମୁକ୍ତ କରାଯାଇପାରିବ ସେ ବାବଦରେ ସଭାରେ ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ପରିବେଶବିତ୍ କୃତିବାସ ଚନ୍ଦ୍ର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରୋଜେକ୍ଟ ଅଫିସର ରାଜେଶ କୁମାର ମହନ୍ତ, ଶିକ୍ଷୟିତ୍ରୀ କଳ୍ପନା ବାରିକ, ସିଆରସିସି ବିଘ୍ନେଶ୍ୱର କର, କୋଡିନେଟର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଭାତ କୁମାର ମହାପାତ୍ର ସଂଯୋଜନା କରିଥିଲେ।

# ଅଖିଳ ଭାରତ କୃଷକ ସଭା ପକ୍ଷରୁ ରାସ୍ତା ଅବରୋଧ

ଜଳେଶ୍ୱର(ନବୀନ ସାହୁ/ରବିନାରାୟଣ ପାତ୍ର), ୧୦।୧

ପ୍ରତିକ୍ରିୟାଶୀଳ ଓ କର୍ପୋରେଟ ସପକ୍ଷବାଦୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ପ୍ରତିବାଦ କରି ଅଖିଳ ଭାରତ କୃଷକ ସଭା ପକ୍ଷରୁ ସୁଗୋ ହାଟ ଛକଠାରେ ଶୁକ୍ରବାର ରାସ୍ତା ଅବରୋଧ ଆନ୍ଦୋଳନ ଆରମ୍ଭ ହୋଇଛି। ଅଦିନିଆ ଓ ଲଘୁଚାପ ବର୍ଷାରେ ଚାଷୀ କ୍ଷତି ସହ ଋଣ ଭାରକୁ ସହି ନ ପାରି ରାଜ୍ୟରେ ୩୦ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଏଣୁ ଚାଷୀଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ସମସ୍ତ ଚାଷୀଙ୍କର କୃଷି ଋଣ ଛାଡ଼, ପଞ୍ଜିକରଣ କରିଥିବା ଚାଷୀଙ୍କଠାରୁ ସମସ୍ତ ଧାନ କ୍ରୟ ବ୍ୟବସ୍ଥା କରିବା, କୀଟନାଶକ, ବିହନ ଯୋଗାଇ ଦେବା ଏବଂ ରାଇବଣିଆକୁ ଆଦିବାସୀ ବ୍ଲକ ଭାବେ ଘୋଷଣା, କମର୍ଦ୍ଦାକୁ ବ୍ଲକ ଘୋଷଣା ଦାବିରେ ଶହ ଶହ ଚାଷୀ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ତରଫରୁ ତହସିଲଦାର ସତ୍ୟଜିତ ମହାନ୍ତି, ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ରାସ୍ତା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଆଗାମୀ ଦିନରେ ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ଦାବିପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୃଷକ ସଭା ଚେତାବନୀ ଦେଇଛି। ଦିଲୀପ ଗିରିଙ୍କ ସଭାପତିତ୍ୱରେ ଦୀପ୍ତିମାନ ଆଚାର୍ଯ୍ୟ, ସୀତାଂଶୁ ସେନାପତି, ପଲଟୁ ଦାସ, ରବୀନ୍ଦ୍ର ବାରିକ, ଗୋପାଳକୃଷ୍ଣ ଜେନା, ଦିଲୀପ ପରିଡା, ମମି ପଣ୍ଡା, ଜୀବନ ପରିଡା, ପଦ୍ମଲୋଚନ ବେହେରା, ବିଧୁଭୂଷଣ ଦାସ, ଭାସ୍କର ମିଶ୍ର, ଦିଲୀପ ଶତପଥୀ, ସୁକୁମାର ଗିରି, ଏସ୍‌ଏଫଆଇର ଚନ୍ଦନ କାମିଳା, ମଦନ ମାହାଲି, ଝରଣା ଘୋଡାଇ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ମୃତଦେହ ଜବତ

ମୋରଡ଼ା,୧୦।୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତ ମହିଳା ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ମୂଷାମାରୀ ଗ୍ରାମର ହେମଲତା ହେମ୍ବ୍ରମ। ସୂଚନା ଅନୁଯାୟୀ, ହେମଲତା ମୂଷାମାରୀ ଗ୍ରାମରେ ବିବାହ କରିଥିବା ବେଳେ କୌଣସି କାରଣକୁ ନେଇ ଦୀର୍ଘ ବର୍ଷ ହେବ ସ୍ୱାମୀଙ୍କଠାରୁ ଅଲଗା ଥିଲେ। ବାପଘର ଝିଙ୍କିରିଆ ଗ୍ରାମରେ ଏକ ଘର କରି ନିଜର ଆଠ ବର୍ଷର ପୁଅ ସହିତ ରହି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଘରେ ଝୁଲୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ମୋରଡା ଥାନା ଏଏସ୍‌ଆଇ ଦୀନବନ୍ଧୁ ଦେହୁରୀ ଏବଂ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ୧୮ରେ ହେବ ପକ୍ଷୀ ଗଣନା

ବାରିପଦା,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଓ ସମସ୍ତ ବନଖଣ୍ଡରେ ହେବାକୁ ଥିବା ପକ୍ଷୀଗଣନା କାର୍ଯ୍ୟକ୍ରମ ଘୁଞ୍ଚିଯାଇଛି। କୁହୁଡ଼ିଆ ପାଗ ଯୋଗୁ ୧୦ ଓ ୧୧ ତାରିଖ ପରିବର୍ତ୍ତେ ଆସନ୍ତା ୧୮ତାରିଖରେ ପକ୍ଷୀ ଗଣନା ହେବା ନେଇ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ପ୍ରତିବର୍ଷ ଶୀତ ଋତୁ ପ୍ରାରମ୍ଭରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲାରେ ଥିବା ଶିମିଳିପାଳ ଅଭୟାରଣ୍ୟ ସମେତ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆଦ୍ରଭୂମି ସହ ପାଖାପାଖି ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ପକ୍ଷୀ ଗଣନା କରାଯାଇଥାଏ। ତେବେ ଶୀତର ଲହରି ବୃଦ୍ଧି ପାଉଥିବା ବେଳେ କୁହୁଡ଼ିଆ ପାଗ ଯୋଗୁ ପକ୍ଷୀ ଗଣନାକୁ ଘୁଞ୍ଚାଇ ଦିଆଯାଇଛି। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ଥିବାରୁ ପକ୍ଷୀମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଛି। ବିଭାଗର ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀମାନେ ପକ୍ଷୀ ଗଣନାରେ ସାମିଲ ହେବେ। ଶୀତ ଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫପାତ ହେଉଥିବା ଯୋଗୁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଜଳଭଣ୍ଡାରକୁ ଆସିଥାନ୍ତି। ବିଦେଶୀ ପକ୍ଷୀମାନେ ଜିଲାର ଜମ୍ବୀରା, ହଳଦିଆ, ବଡ଼ଯୋଗଡ, ରାଜାବନ୍ଧ, କାଳ, ନେସା, ବାଙ୍କବଳ, ସୁଲେଇପାଟ ଭଳି ବୃହତ ଜଳାଶୟମାନଙ୍କରେ ଆଶ୍ରୟ ନେଇଥାନ୍ତି। ପକ୍ଷୀମାନଙ୍କ ପ୍ରଜାତି ଓ ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କ ସଂଖ୍ୟାର ଆକଳନ କରାଯାଇଥାଏ। ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକମାନେ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ବାଇନାକୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନ ବିଭାଗର କର୍ମଚାରୀମାନେ ପକ୍ଷୀ ଗଣନା କରିବେ। ଜିଲାରେ ଶୀତର ଲହରି ବୃଦ୍ଧି ପାଉଥିବାରୁ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ଅନୁମାନ କରିଛି।


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ | pnb punjab national bank (Together for the better) | Oriental | United

ମଣ୍ଡଳ କାର୍ଯ୍ୟାଳୟ : ପଶ୍ଚିମ ମେଦିନାପୁର
ସହୀଦ କ୍ଷୁଦିରାମ ବୋଷ ରୋଡ୍, ବର୍ଦ୍ଧଜ ଟାଉନ, ମେଦିନାପୁର, ପିନ୍-୭୨୧ ୧୦୧, ପଶ୍ଚିମ ବଙ୍ଗ, ଯୋଗାଯୋଗ ନଂ.: ୯୭୩୩୧ ୦୩୫୫୧ / ୯୯୩୮୦ ୦୯୯୬୦ / ୦୩୨୨୨-୨୬୩୮୦୮, ଇମେଲ: cs8294@pnb.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
୨୭.୦୧.୨୦୨୫

ଆନେକ୍ସଚର-ଖ
ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର.ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତି ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ<br>ଖ) ବକେୟା ପରିମାଣ<br>ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ<br>ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ<br>ଖ) ଅମାନତ ରାଶି (ଲକ୍ଷରେ)<br>ଗ) ବିଡ୍ ବୃଦ୍ଧି ପରିମାଣ (ଲକ୍ଷରେ) | ଇ-ନିଲାମ ତାରିଖ ଏବଂ ସମୟ<br>ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|
| ୧. | ମେଦିନାପୁର (ସୋଲ ଆଇଡି : ୦୩୫୦୦୦)<br>ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ.<br>ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ., କୋଲ୍ଡ ଷ୍ଟୋରେଜ ଠିକଣା- ପ୍ଲଟ୍ ନଂ.: ୧୧୪୭, ମୌଜା: ଜଳସହରିଆ, ପୋ.: ସହରିଆ, ଥାନା: ଭୋଗରାଇ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର<br>ମୁଖ୍ୟ କାର୍ଯ୍ୟାଳୟ ଠିକଣା- ଗ୍ରାମ: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ତନୁଶ୍ରୀ ଭୂୟାଁ, ୨) ଶ୍ରୀ ସନ୍ତୋଷ ଭୂୟାଁ, ସମସ୍ତଙ୍କ ଠିକଣା- କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>ଗ୍ୟାରେଣ୍ଟିଦାତା: ଅଶୋକ କୁମାର ଭୂୟାଁ, ଗ୍ରା: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯<br>ଆକାଉଣ୍ଟ ନଂ.: ୦୬୭୪୯୮୧୧୦୦୦୦୧୭ (ଓଡି)<br>ସମ୍ପତ୍ତି ଆଇଡି: PUNBMIDNAHIRANMO | ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. (ଋଣଗ୍ରହୀତା) ଓରଫ ମେସର୍ସ ଶୁଭ୍ରକେଶୀ ଗଙ୍ଗାଧର କୋଲ୍ଡ ଷ୍ଟୋରେଜ, ନିର୍ଦ୍ଦେଶକମାନେ: ଶ୍ରୀ ତନୁଶ୍ରୀ ଭୂୟାଁ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଭୂୟାଁ ଏବଂ ଶ୍ରୀ ସନ୍ତୋଷ କୁମାର ଭୂୟାଁ, ପିତା: ବରୋଦା କାନ୍ତ ଭୂୟାଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କୋଲ୍ଡ ଷ୍ଟୋରେଜର ଜମି ଏବଂ ଗୃହ ଯାହାର ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ମୌଜା: ଜଳସହରିଆ, ଥାନା: ଭୋଗରାଇ, ଖାତା ନଂ.: ୧୪୬, ମ୍ୟୁଟେଟେଡ ଖାତା ନଂ.: ୫୪୭/୧୨୯, ପ୍ଲଟ୍ ନଂ.: ୧୧୪୭/୨୬୮୯, ଦଲିଲ୍ ନଂ.: ୧୦୦୬୧୨୦୨୪୦୨, ବର୍ଷ: ୨୦୧୨, ପରିମିତ କ୍ଷେତ୍ର: ୮୭ ଡିସିମିଲି ଶିଳ୍ପାଞ୍ଚଳ ଜମି ଏବଂ ଗୃହ<br>(ଏହି ସମ୍ପତ୍ତି ଭୌତିକ ଦଖଲରେ ଅଛି) | କ) ୩୧.୦୧.୨୦୧୩<br>ଖ) ଟ.୪,୪୮,୧୨,୩୧୯.୦୦ (ଚାରି କୋଟି ଅଠଚାଳିଶ ଲକ୍ଷ ବାର ହଜାର ତିନି ଶହ ଉଣେଇଶି ଟଙ୍କା) + ତା.୦୧.୦୧.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (–) ଆଦାୟ ରାଶି<br>ଗ) ୧୮.୦୪.୨୦୧୩ (ସାଙ୍କେତିକ) ୦୫.୦୫.୨୦୧୮ (ଭୌତିକ)<br>ଘ) ଭୌତିକ ଦଖଲ | ଟ.୧,୧୩,୪୧,୦୫୩.୦୦<br>ଟ.୧୧.୩୪ ଲକ୍ଷ<br>ଟ.୦.୦୨ ଲକ୍ଷ | ୨୭.୦୧.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା<br>ଡିଆରଟି-୨, କୋଲକାତାରେ ପଡି ରହିଥିବା ଏସ୍‌ଏ କେସ୍ ନଂ.: ୬୪୧/୧୩ |

ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।

୧) ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ନିଲାମ ବିକ୍ରୟ ଇ-ନିଲାମ ମାଧ୍ୟମରେ ଅନଲାଇନରେ ପୋର୍ଟାଲ https://baanknet.com ରେ ଅନୁଷ୍ଠିତ ହେବ।
୨) ଇଚ୍ଛୁକ ନିଲାମଧାରୀ / କ୍ରେତାମାନେ ସେମାନଙ୍କର ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନଂ ବ୍ୟବହାର କରି ପୋର୍ଟାଲ (https://baanknet.com)ରେ ପଞ୍ଜିକରଣ କରିବେ। ଇ-କେୱାଇସି ପ୍ରକ୍ରିୟା ଡିଜିଲକର ମାଧ୍ୟମରେ କରାଯିବ। ଥରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ଇଚ୍ଛୁକ ନିଲାମଧାରୀ/କ୍ରେତାମାନେ ଚାଲାଣ ମାଧ୍ୟରେ ଅନଲାଇନରେ ସେମାନଙ୍କର ଇ-ୱାଲେଟକୁ ଅମାନତ ରାଶି ସ୍ଥାନାନ୍ତର କରିବେ। ପୋର୍ଟାଲରେ ଅମାନତ ରାଶି ଜମା କରିବା ତାରିଖ ଏବଂ ସମୟ ପୂର୍ବରୁ ସମ୍ପତ୍ତି ସହିତ ଅମାନତ ଜମାକୁ ଲିଙ୍କ୍ କରିବାକୁ ପଡିବ। ଅମାନତ ରାଶି ଦାଖଲ କରିବା ତାରିଖ, ସମୟ/ ନିଲାମର ଯଥେଷ୍ଟ ପୂର୍ବରୁ ପଞ୍ଜିକରଣ, ଇ-କେୱାଇସି ଯାଞ୍ଚ, ୱାଲେଟ୍‌ରେ ଅମାନତ ରାଶି ସ୍ଥାନାନ୍ତର, ସମ୍ପତ୍ତି ସହିତ ୱାଲେଟ୍ ପରିମାଣ ସମ୍ପୂର୍ଣ୍ଣ ହେବା ଆବଶ୍ୟକ।
୩) ଉପର ଦର୍ଶିତ ଅମାନତ ରାଶି ଇ-ୱାଲେଟ୍‌ରେ ଜମା କରିବା ପରେ ସମ୍ପତ୍ତି ସହିତ ଲିଙ୍କ କରାଯିବା ଆବଶ୍ୟକ। ଯେଉଁ ନିଲାମଧାରୀମାନେ ଆବଶ୍ୟକୀୟ ଅମାନତ ରାଶି ଅମାନତ ଦାଖଲ କରିବା ଶେଷ ତାରିଖ ଓ ସମୟ ପୂର୍ବରୁ ଅନଲାଇନରେ ଲିଙ୍କ କରିନଥିବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଅମାନତ ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।
୪) ଇ-ନିଲାମ ସେବାପ୍ରଦାନକାରୀ: M/s. PSB Alliance Pvt. Ltd., ପଞ୍ଜିକୃତ କାର୍ଯ୍ୟାଳୟ ୟୁନିଟ୍-୧, ୩ୟ ମହଲା, ଭିଆଇଓଏସ୍ କମର୍ସିଆଲ ଟାୱାର, ୱାଡଲା ଟ୍ରକ ଟର୍ମିନାଲ ନିକଟ, ୱାଡଲା ଇଷ୍ଟ, ମୁମ୍ବାଇ-୪୦୦ ୦୩୭ (ସହାୟତା ନଂ.: +91 8291220220, Email Id: support.ebkray@psballiance.com) ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ (https://baanknet.com) ପ୍ରଦାନ କରାଯିବ। ଇଚ୍ଛୁକ ନିଲାମଧାରୀ / ବିକ୍ରେତା ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବ୍‌ସାଇଟ୍ https://baanknet.com ରେ ପ୍ରଦତ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପଡିବ। ଏହି ସେବାପ୍ରଦାନକାରୀ ଇ-ନିଲାମ ତାରିଖ / ଡେମୋନଷ୍ଟ୍ରେସନ ପୋର୍ଟାଲରେ ପ୍ରଦାନ କରିବେ।
୫) ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: (1) https://baanknet.com, (2) www.pnbindia.in.ରେ ଉପଲବ୍ଧ।
୬) ଇ-ନିଲାମରେ ଇଚ୍ଛୁକ ଅଂଶଗ୍ରହଣକାରୀ ଇ-ନିଲାମର ନିୟମ ଓ ସର୍ତ୍ତାବଳୀ, ବିକ୍ରୟ ନୋଟିସର କପି, ଇ-ନିଲାମ ସମ୍ପର୍କିତ ପରିଚାଳନାର ସହାୟକ ପୁସ୍ତିକା ଇ-ନିଲାମ ପୋର୍ଟାଲ https://baanknet.com ରୁ ନିଶୁଳ୍କ ଡାଉନଲୋଡ କରିପାରିବେ।
୭) ନିଲାମ ସମୟରେ ନିଲାମଧାରୀଙ୍କ ଇ-ୱାଲେଟରେ ଯଥେଷ୍ଟ ବାଲାନ୍ସ ରାଶି (> = EMD) ରହିବା ଆବଶ୍ୟକ।
୮) ଇ-ନିଲାମ ସମୟରେ ଶେଷ ନିଲାମ ଡାକ ଉପରେ ଅଧିକ ବିଡ୍ କରିବାକୁ ନିଲାମଧାରୀମାନଙ୍କୁ ଅନୁମତି ଦିଆଯିବ ଏବଂ ସେମାନେ ଦର୍ଶିତ ବିଡ୍ ବୃଦ୍ଧି ରାଶିର ଗୁଣିତକ ବିଡ୍ ରାଶି ବୃଦ୍ଧି କରିପାରିବେ। ପରବର୍ତ୍ତୀ ଅଧିକ ବିଡ୍ ଡାକିବା ପାଇଁ ନିଲାମଧାରୀମାନଙ୍କୁ ୨ ମିନିଟ୍ ସମୟ ଦିଆଯିବ। ଶେଷ ନିଲାମ ଡାକପରେ ୫ ମିନିଟ୍ ଅତିକ୍ରାନ୍ତ ସମୟ ମଧ୍ୟରେ ଅଧିକତର ବିଡ୍ ରାଶି ଡାକ କରାନଗଲେ ନିଲାମକୁ ସମାପ୍ତ କରାଯିବ।
୯) ଇଚ୍ଛୁକ ନିଲାମଧାରୀ(ମାନ)ଙ୍କ ଦାୟିତ୍ୱ କି ସେ ଇ-ନିଲାମ ନିୟମ ଏବଂ ସର୍ତ୍ତାବଳୀ, ବିକ୍ରୟ ନୋଟିସ୍, ଇ-ନିଲାମ ପରିଚାଳନା ସହାୟକ ମାନୁଆଲ ଭଲଭାବେ ପଢ଼ିବା ଅବଶ୍ୟକ ଏବଂ ସଠିକ୍ ଭାବେ ଅନୁସରଣ କରିବା ଆବଶ୍ୟକ।
୧୦) ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବା ପ୍ରଦାନକାରୀ (https://baanknet.com) ଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲ ରେ ଉପଲବ୍ଧ।
୧୧) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ଚୂଡାନ୍ତ ହେବା ପରେ ସଫଳ ନିଲାମଧାରୀଙ୍କୁ ଆମର ସେବାପ୍ରଦାନକାରୀଙ୍କ ଦ୍ୱାରା ଏସ୍‌ଏମ୍‌ଏସ୍ / ଇ-ମେଲ୍ (ସେବାପ୍ରଦାନକାରୀଙ୍କୁ ଦେଇଥିବା / ପଞ୍ଜିକୃତ କରିଥିବା ଇମେଲ୍ ଠିକଣା / ମୋବାଇଲ୍ ନଂ.) ମାଧ୍ୟମରେ ଜଣାଇ ଦିଆଯିବ।
୧୨)ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୩)ସଫଳ ନିଲାମଧାରୀ ଅମାନତ ରାଶି ବାଦ୍‌ଦେଇ ନିଲାମ ରାଶିର ୨୫% (ପଚିଶି ପ୍ରତିଶତ) ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ଦାଖଲ କରିବେ, କିନ୍ତୁ ତା'ପରେ ଗ୍ରହଣୀୟ ନୁହେଁ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୧୫ ଦିନ ମଧ୍ୟରେ NEFT/RTGS/ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଯେକୌଣସି ସିଡ୍ୟୁଲ୍ଡ ବାଣିଜ୍ୟକ ବ୍ୟାଙ୍କରୁ ଇସ୍ୟୁ କରି ଦାଖଲ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, A/c (ଆକାଉଣ୍ଟର ନାମ) ସପକ୍ଷରେ ଏହାକୁ ଡ୍ର କରି (ସ୍ଥାନକୁ) ପଇଠ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ ନକଲେ ସଫଳ କ୍ରେତା ଦାଖଲ କରିଥିବା ଅର୍ଥରାଶି ବ୍ୟାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସମ୍ପତ୍ତିକୁ ପୁନଃ ନିଲାମ ବିକ୍ରୟ କରିବାର ଅଧିକାର ରହିଛି ଏବଂ ବିଫଳ ନିଲାମଧାରୀଙ୍କର ବାଜ୍ୟାପ୍ତି ଅର୍ଥ କିମ୍ବା ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ।
୧୪) ସଫଳ ନିଲାମଧାରୀ ବ୍ୟାଙ୍କକୁ ବିକ୍ରୟ ଅର୍ଥ ପୈଠ କରିବା ଆୟକର ଆଇନ୍ ୧୯୬୧ ର ଧାରା 194-1A ଅନୁଯାୟୀ ଟିଡିଏସ୍ ଲାଗୁ ହେବ ଏବଂ ସଫଳ ନିଲାମଧାରୀ ନିଲାମ ଅର୍ଥର ଅବଶିଷ୍ଟ ୭୫% ପୈଠ କରିବା ସମୟରେ ଟିଡିଏସ୍ ପୈଠ କରିବେ।
୧୫)କ୍ଷମତାପ୍ରାପ୍ତ ଅଧିକାରୀ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ୍/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୬) ଆଇନ ଅନୁସାରେ ବିକ୍ରୟ ସାର୍ଟିଫିକେଟ ସଫଳ ନିଲାମଧାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଡ ପରିମାଣ ଦାଖଲ ପରେ ଇସ୍ୟୁ କରାଯିବ।
୧୭) ସମ୍ପତ୍ତି ଗୁଡ଼ିକ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ଏବଂ "ସେଠାରେ ଯାହା ଭିତ୍ତିରେ" ବିକ୍ରୟ କରାଯିବ।
୧୮)କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୧୯)ନିଲାମଧାରୀମାନଙ୍କ ଦାୟିତ୍ୱ କି ସେମାନେ ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ତଥ୍ୟ ବିଷୟରେ ସନ୍ତୁଷ୍ଟ ହେବା ଆବଶ୍ୟକ। ନିଲାମଧାରୀମାନେ ସମ୍ପତ୍ତି ଯାଞ୍ଚ ନିମନ୍ତେ ଡିଲିଙ୍ଗ୍ ଅଫିସର୍‌ଙ୍କ ସହିତ ପରାମର୍ଶ କରିପାରନ୍ତି।
୨୦)କ୍ରେତା ସମସ୍ତ ବୈଧାନିକ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ଅନ୍ୟାନ୍ୟ ଦେୟ ଯଥା - ରେଜିଷ୍ଟ୍ରେସନ୍ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଇତ୍ୟାଦି ବହନ କରିବେ।
୨୧)କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ବ୍ୟାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ୍, ଏନ୍‌କମ୍ବ୍ରାନ୍ସ କିମ୍ବା ସରକାର କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ କରିବେ ନାହିଁ। ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ୍ ଦେୟ ସହିତ ସମ୍ପତ୍ତିର ଏନ୍‌କମ୍ବ୍ରାନ୍ସ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ କରିବା ଆବଶ୍ୟକ।
୨୨) ନିଲାମଧାରୀମାନେ ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗ, ପାୱାର ବ୍ୟାକ୍‌ଅପ୍ ଇତ୍ୟାଦିକୁ ସୁନିଶ୍ଚିତ କରିବା ଉଚିତ୍। ଇ-ନିଲାମକୁ ପ୍ରଭାବିତ କରୁଥିବା କୌଣସି ବୈଷୟିକ କାରଣ କିମ୍ବା ଅଘଟଣ କିମ୍ବା ଇଣ୍ଟରନେଟ୍ ବିଫଳତା, ଶକ୍ତି ସଂକଟ ବିଷୟରେ ବ୍ୟାଙ୍କ ଦାୟୀ ରହିବେ ନାହିଁ।
୨୩) ବ୍ୟାଙ୍କ ପ୍ରତିନିଧି ନିଯୁକ୍ତ କରି ନିଜସ୍ୱ ନିଲାମ ଡାକ କରିବା ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ ଅଟେ।
୨୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବ୍‌ସାଇଟ୍: https://baanknet.com, www.pnbindia.in ଦେଖନ୍ତୁ।

ତାରିଖ : ୧୦.୦୧.୨୦୨୫, ସ୍ଥାନ: ପଶ୍ଚିମ ମେଦିନାପୁର
ସ୍ୱା/- ଶ୍ରୀ ପଞ୍ଚାନନ ସାହୁ, କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# କାଲିଫର୍ନିଆ ନିଆଁ କୃତ୍ରିମ ବିପତ୍ତି

ଆମେରିକା କାଲିଫର୍ନିଆ ରାଜ୍ୟର ଲସ୍ଏଞ୍ଜେଲ୍ସ ଜଙ୍ଗଲରେ ମଙ୍ଗଳବାର ସକାଳଠାରୁ ଲାଗିଥିବା ନିଆଁ ଭୟଙ୍କର ରୂପ ଧାରଣ କଲାଣି। ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଉପକୂଳରେ ପବନର ତୀବ୍ରତା ଏବଂ ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ସାଙ୍ଗକୁ ଘୂର୍ଣ୍ଣିଝଡ଼ ଯୋଗୁ ନିଆଁ ବ୍ୟାପିବାରେ ଲାଗିଛି। ଅନେକ ହଜାର ଏକର ଜଙ୍ଗଲ ପାଉଁଶ ହୋଇଗଲାଣି। ୧୫ ହଜାର ଅଗ୍ନିଶମ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ସତ୍ତ୍ୱେ ବନାଗ୍ନିକୁ ଆୟତ୍ତ କରାଯାଇପାରି ନାହିଁ। ୩ ଲକ୍ଷ ବାସଗୃହ ଜଳିପୋଡ଼ି ଛାରଖାର ହୋଇଯାଇଥିବାବେଳେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି, ଯାହାକି ଅଧିକ ବି ହୋଇପାରେ। ସ୍ଥାନୀୟ ଅଞ୍ଚଳରେ ଘୋର ଜଳାଭାବ ଅଗ୍ନି ନିର୍ବାପନରେ ବାଧା ସୃଷ୍ଟି କରିଛି। କାର୍ଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ତେବେ ନ୍ୟୁସୋମ୍ ଏବଂ ଲସ୍ଏଞ୍ଜେଲ୍ସ ମେୟର କରେନ୍ ବାସ୍ଙ୍କ ଭୂମିକାକୁ ନେଇ ବିବାଦ ଉଠିଛି। ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିପାଇଁ ଡେମୋକ୍ରାଟ୍ ଗଭର୍ନରଙ୍କ ଅବହେଳାକୁ ଦାୟୀ କରି ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି।




ଲସ୍ଏଞ୍ଜେଲ୍ସ,୧୦।୧

## ଅଗ୍ନିଶମ ପାଣ୍ଠି: ହ୍ରାସ କରିଥିଲେ ୧୭.୬ ନିୟୁତ ଡଲାର

- ବୀମାକରଣରୁ କୋଠାବାଡ଼ିକୁ ବାଦ୍ ଦିଆଯାଇଛି
- ଡେମୋକ୍ରାଟ୍ ଗଭର୍ନର, ମେୟର ଇସ୍ତଫା ଦିଅନ୍ତୁ: ଟ୍ରମ୍ପ


ଗଭିନ୍ ନ୍ୟୁସୋମ୍ | ଡୋନାଲ୍ଡ ଟ୍ରମ୍ପ

ଲସ୍ଏଞ୍ଜେଲ୍ସ ଜଙ୍ଗଲ ନିଆଁ ବ୍ୟାପିବା ପଛରେ ସରକାରୀ ଓ ପ୍ରଶାସନିକ ଉଦାସୀନତାକୁ ଦାୟୀ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ଲସ୍ଏଞ୍ଜେଲ୍ସ ବନ ବିଭାଗ ଏଲ୍ଏଡିଏଫ୍ ପାଣ୍ଠିରୁ ମେୟର କରେନ୍ ବାସ୍ ୧୭.୬ ନିୟୁତ ଡଲାର ଖର୍ଚ୍ଚକାଟ କରିଥିଲେ। ସେ ସେହି ଅର୍ଥକୁ ଅପ୍ରବାସୀ ଏବଂ ବାସହୀନଙ୍କ ସହାୟତା ନିମନ୍ତେ ଆବଣ୍ଟନର ନିର୍ଦ୍ଦେଶ ଦେଇଥିଲେ। ସମାଲୋଚକଙ୍କ ଯୁକ୍ତି ହେଲା, ବଜେଟ ହ୍ରାସ ଯୋଗୁ ସଦ୍ୟ ବନାଗ୍ନି ଭଳି ବିପର୍ଯ୍ୟୟ ଓ ଜରୁରୀ ପରିସ୍ଥିତିର ମୁକାବିଲା ସାମର୍ଥ୍ୟ ସହ ସାଲିସ କରାଯାଇଛି। ଏଭଳି ସଙ୍କଟ ବେଳେ ଘାନା ଗସ୍ତରେ ଥିବା ମେୟରଙ୍କ ଅନୁପସ୍ଥିତି ଜନସାଧାରଣଙ୍କ ଅସନ୍ତୋଷ ବୃଦ୍ଧିର କାରଣ ହୋଇଛି।

ନିଆଁ ଲିଭାଇବା ପାଇଁ ଅତ୍ୟନ୍ତ ଆବଶ୍ୟକ ଜଳର ଉପଯୁକ୍ତ ବ୍ୟବସ୍ଥା କରାଇବାରେ କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ବିଫଳ ହୋଇଥିବାରୁ ତାଙ୍କୁ ମଧ୍ୟ ରାଜ୍ୟ ସାରା ସମାଲୋଚନା କରାଯାଉଛି। ସ୍ମେଲ୍ଟ ପ୍ରଜାତିର ମାଛକୁ ବଞ୍ଚାଇବା ପାଇଁ ନ୍ୟୁସୋମ୍ ଜଳ ସଂରକ୍ଷଣ ବ୍ୟବସ୍ଥା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଘୋର ଜଳାଭାବ ସୃଷ୍ଟି ହୋଇଥିବା କୁହାଯାଉଛି। ଏହିସବୁ ବିଷୟ ସହ ବଜେଟ ହ୍ରାସ ନେତୃବୃନ୍ଦଙ୍କ ଅନୁପସ୍ଥିତି ଏବଂ ସମ୍ବଳ ପରିଚାଳନା ପ୍ରସଙ୍ଗ ମହାନଗରୀର ପ୍ରସ୍ତୁତି ସମ୍ପର୍କିତ ବିତର୍କକୁ ବ୍ୟାପକ କରିଦେଇଛି। ସାଧାରଣ ଜନତାଙ୍କଠାରୁ ନେଇ ରାଜନୈତିକ ବ୍ୟକ୍ତିବିଶେଷ ଏହା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଭର୍ନର ନ୍ୟୁସୋମ୍ଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଆମେରିକାର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ଲସ୍ଏଞ୍ଜେଲ୍ସ ଜଳିପୋଡ଼ି ପାଉଁଶ ହୋଇଯାଉଛି। ନ୍ୟୁସୋମ୍ଙ୍କ ଭୁଲ୍ ଯୋଗୁ ଏହି ମାନବକୃତ ବିପତ୍ତି ମାଡ଼ି ଆସିଛି। ଏଣୁ ନ୍ୟୁସୋମ୍ ତୁରନ୍ତ ଗଭର୍ନର ପଦରୁ ଇସ୍ତଫା ଦିଅନ୍ତୁ ବୋଲି ୧୦ ଦିନ ପରେ ଦେଶର ନୂଆ ରାଷ୍ଟ୍ରପତି ହେବାକୁ ଯାଉଥିବା ଟ୍ରମ୍ପ ଦାବି କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍ରେ ଟ୍ରମ୍ପ ବନାଗ୍ନିରେ ଲୋକଙ୍କ ପ୍ରାଣହାନିକୁ ନେଇ ଶୋକବ୍ୟକ୍ତ କରିବା ସହ ବିଦାୟୀ ଡେମୋକ୍ରାଟ ସରକାରଙ୍କ ସ୍ଥାଣୁତାକୁ ନିନ୍ଦା କରିଛନ୍ତି। ଫେଡେରାଲ ଏମର୍ଜେନ୍ସି ମ୍ୟାନେଜ୍ମେଣ୍ଟ ଏଜେନ୍ସି (ଏଫ୍ଇଏମ୍ଏ) କାଲିଫର୍ନିଆ ନିଆଁ ନିରୋଧୀ ଅଭିଯାନ ପାଇଁ ସଂଘୀୟ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବା ପାଇଁ ଅନୁମତି ଦେଇଛି। ବନାଗ୍ନିରେ ହୋଇଥିବା କ୍ଷତିର ୭୫ ଭାଗ ଆର୍ଥିକ ସହାୟତା ଅଗ୍ନି ପ୍ରଶମନ ସହାୟତା ଅନୁଦାନରୁ ଦିଆଯାଇପାରିବ ବୋଲି କହିଛି।

ରାଜ୍ୟରେ ବାରମ୍ବାର ଏଭଳି ବିପର୍ଯ୍ୟୟ ଦେଖାଯାଉଥିବାରୁ କିଛି ମାସ ତଳେ ବୀମା କମ୍ପାନୀଗୁଡ଼ିକ କାଲିଫର୍ନିଆ ପାଇଁ ପୂର୍ବରୁ ରହିଥିବା ବୀମା କଭରେଜ୍କୁ ବନ୍ଦ କରିଦେଇଥିଲେ। ଏବେ ଲସ୍ଏଞ୍ଜେଲ୍ସରେ ଜଙ୍ଗଲୀ ନିଆଁ ଘରଗୁଡ଼ିକୁ ଜାଳିଦେଇଛି। ବନାଗ୍ନିରେ ଧ୍ୱଂସ ହୋଇଯାଇଥିବା ବହୁ କୋଠାବାଡ଼ି ଓ ବ୍ୟବସାୟିକ ପ୍ରତିଷ୍ଠାନର ବୀମାକରଣ କରାଯାଇ ନ ଥିଲା। ବାସହରା ହୋଇଥିବା ବହୁ ଘର ମାଲିକ ବୀମା କରି ନ ଥିବାରୁ କ୍ଷତିପୂରଣ ପାଇବେ ନାହିଁ। ୨୦୨୩ରେ ଷ୍ଟେଟ୍ ଫାର୍ମ କମ୍ପାନୀ ଘର ମାଲିକମାନଙ୍କଠାରୁ ଇନ୍ସ୍ୟୁରାନ୍ସ ଆବେଦନ ଗ୍ରହଣ କରିବା ବନ୍ଦ କରିଦେଇଥିଲା। ଏପରିକି ୭୨,୦୦୦ ଘର ଓ ଆପାର୍ଟମେଣ୍ଟର କଭରେଜ୍ ଶେଷ କରିଦେଇଥିଲା।

ପ୍ରକାଶ ଯେ, ଲସ୍ଏଞ୍ଜେଲ୍ସ ଜଙ୍ଗଲ ନିଆଁରେ ହଲିଉଡ଼ର ବହୁ ସେଲିବ୍ରିଟିଙ୍କ କୋଠାବାଡ଼ି ଜଳି ଧ୍ୱଂସ ହୋଇଯାଇଛି। ଗୁରୁବାର ବିଲି କ୍ରିଷ୍ଟାଲ, ପ୍ୟାରିସ୍ ହିଲ୍ଟନ୍ ଓ ମେଣ୍ଡି ମୁରିଙ୍କ ସମେତ ଅନେକ ଅଭିନେତ୍ରୀ ଅଭିନେତା ବାସଚ୍ୟୁତ ହୋଇ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ଲକ୍ଷାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବନାଗ୍ନି ଯୋଗୁ ୫୭ ବିଲିୟନ୍ ଡଲାର ମୂଲ୍ୟର କ୍ଷତି ସାଧିତ ହୋଇଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଏହାକୁ କାଲିଫର୍ନିଆ ଇତିହାସରେ ସବୁଠୁ ଭୟଙ୍କର ବିପର୍ଯ୍ୟୟ ବୋଲି କୁହାଯାଉଛି।

### ସର୍ବାଧିକ ଭସ୍ମୀଭୂତ ଜଙ୍ଗଲ

| ସ୍ଥାନ | ଏକର |
|---|---|
| ପାଲିସାଡେସ୍ | ୪୯,୩୬୭ |
| ଇଟନ୍ | ୩୩,୮୨୯ |
| କେନେଥ | ୨,୩୭୨ |
| ହର୍ଷ୍ଟ | ୧,୯୦୫ |
| ଲିଡିଆ | ୮୬୦ |

## ସଂକ୍ଷେପରେ

### କାନାଡା ପ୍ରଧାନମନ୍ତ୍ରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ଚନ୍ଦ୍ର ଆର୍ଯ୍ୟ



ଓଟ୍ଟାଓ୍ୱା,୧୦।୧

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଇସ୍ତଫା ପରେ ମାର୍ଚ୍ଚ ୯ରେ ଶାସକ ଲିବରାଲ ପାର୍ଟି ଦେଶର ନୂଆ ନେତା ବାଛିବାକୁ ଯାଉଛି। ନୂଆ ନେତା ଚୟନ ପର୍ଯ୍ୟନ୍ତ ଟ୍ରୁଡୋ କାମଚଳା ପ୍ରଧାନମନ୍ତ୍ରୀ ରହିବେ। ତେବେ ସେଣ୍ଟ୍ରାଲ ବ୍ୟାଙ୍କର ପୂର୍ବତନ ଅଧିକାରୀ ମାର୍କ କାର୍ନେୟ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ କର୍ଯ୍ୟିଷ୍ଟିଆ ଫ୍ରିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବାବେଳେ ଏହି ରେସ୍ରେ ସାମିଲ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ଏମ୍ପି ଚନ୍ଦ୍ର ଆର୍ଯ୍ୟ। ଓଟ୍ଟାଓ୍ୱାର ନେପିୟନ୍ ଆସନରୁ ନିର୍ବାଚିତ ଚନ୍ଦ୍ର ଲିବରାଲ ପାର୍ଟିର ବୈଠକ ପୂର୍ବରୁ ନିଜ ପ୍ରାର୍ଥିତ୍ୱ ନେଇ ଏକ୍ସ'ରେ ଘୋଷଣା କରିଛନ୍ତି। ସେ ୨୦୧୫ରେ ହାଉସ୍ ଅଫ୍ କମନ୍ସକୁ ପ୍ରଥମ ଥର ନିର୍ବାଚିତ ହୋଇଥିଲେ।

### ମହାରାଷ୍ଟ୍ରରେ ଭାଜପାର ବିଜୟ ପାଇଁ ଆର୍ଏସ୍ଏସ୍କୁ ଶ୍ରେୟ ଦେଲେ ପାଓ୍ୱାର



ମୁମ୍ବାଇ,୧୦।୧

ଏନ୍ସିପି(ଏସ୍ପି) ଅଧ୍ୟକ୍ଷ ଶରଦ ପାଓ୍ୱାର ଏକ ଆଶ୍ଚର୍ଯ୍ୟ ଘଟଣାକ୍ରମରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାର ବଡ଼ ବିଜୟ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)କୁ ଶ୍ରେୟ ଦେଇଛନ୍ତି। ମୁମ୍ବାଇରେ ଦଳୀୟ କର୍ମୀମାନଙ୍କୁ ଉଦ୍ବୋଧନ ଦେଇ ଏହି ବର୍ଷୀୟାନ ରାଜନେତା କହିଛନ୍ତି, ଆର୍ଏସ୍ଏସ୍ କାର୍ଯ୍ୟ କରିବା ଧାରା ଏବଂ ଆକ୍ରମଣାତ୍ମକ ହିନ୍ଦୁତ୍ୱ ପ୍ରଚାର ନଭେମ୍ବର ନିର୍ବାଚନରେ ଭାଜପା ସଫଳତାର ମୁଖ୍ୟ ସ୍ତମ୍ଭ ଥିଲା। ଏହି ଦଳ ୧୪୯ ଆସନରେ ନିର୍ବାଚନ ଲଢ଼ି ୧୩୨ଟିରେ ବିଜୟୀ ହେବାରେ ସଫଳ ହେଲା ବୋଲି ପାଓ୍ୱାର କହିଛନ୍ତି। ନିର୍ବାଚନ ଫଳାଫଳ ବ୍ୟବଚ୍ଛେଦ କରି ପାଓ୍ୱାର ନିଜ ଦଳକୁ ପରାଜୟ ପାଇଁ ଦୋଷାରୋପ କରିଛନ୍ତି। ଲୋକ ସଭା ନିର୍ବାଚନରେ ବିଜୟ ପରେ ଏନ୍ସିପି (ଏସ୍ପି) ଆତ୍ମସନ୍ତୁଷ୍ଟ ହୋଇଯାଇଥିଲା, ଯେତେବେଳେ ବିପକ୍ଷ ଦଳ ଲୋକାଭିମୁଖୀ ଯୋଜନା ଘୋଷଣା ସହ ପ୍ରମୁଖ ନିଷ୍ପତ୍ତି ନେବା ଦିଗରେ ଅବିଶ୍ରାନ୍ତ କାର୍ଯ୍ୟ ଜାରି ରଖିଥିଲା। ତୃଣମୂଳ ସ୍ତରରୁ ଆର୍ଏସ୍ଏସ୍ର କାର୍ଯ୍ୟ ପରିଚାଳନା ଶୈଳୀକୁ ପାଓ୍ୱାର ସ୍ୱୀକାର କରିଛନ୍ତି।

### ୨୦୨୫ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬% ରହିବ: ଜାତିସଂଘ

ଜାତିସଂଘ,୧୦।୧(ପି.ଟି.)

ଘରୋଇ ବ୍ୟବହାର ଏବଂ ପୁଞ୍ଜିନିବେଶ ବୃଦ୍ଧି ଯୋଗୁ ୨୦୨୫ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୬ ପ୍ରତିଶତକୁ ବଢ଼ିବ ବୋଲି ଜାତିସଂଘ କହିଛି। ମୁଖ୍ୟତଃ ଭାରତର ଆର୍ଥିକ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ଦ୍ୱାରା ଚଳିତ ବର୍ଷ ଦକ୍ଷିଣ ଏସିଆରେ ଆର୍ଥିକ ଅଭିବୃଦ୍ଧି ଭଲ ରହିବ ବୋଲି ଜାତିସଂଘର ବିଶ୍ୱ ଅର୍ଥନୈତିକ ସ୍ଥିତି ଓ ସମ୍ଭାବନା, ୨୦୨୫ ରିପୋର୍ଟରେ କୁହାଯାଇଛି। ଚଳିତବର୍ଷ ଦକ୍ଷିଣ ଏସିଆରେ ଅଭିବୃଦ୍ଧି ହାର ୫.୭% ରହିବାକୁ ଥିବାବେଳେ ୨୦୨୬ରେ ୬.୦ ପ୍ରତିଶତକୁ ବଢ଼ିବ ବୋଲି ଆକଳନ କରାଯାଇଛି। ଭୁଟାନ, ନେପାଳ ଓ ଶ୍ରୀଲଙ୍କାର ଅର୍ଥନୀତିରେ ସୁଧାର ଆସିବ ବୋଲି ଏଥିରେ କୁହାଯାଇଛି। ୨୦୨୪ରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୮ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ତାହା ୬.୬%ରେ ସୀମିତ ରହିବ। ତେବେ ୨୦୨୬ରେ ଏହା ପୁନର୍ବାର ୬.୮% ଅଭିବୃଦ୍ଧି ହାସଲ କରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

### ସେନା କମାଣ୍ଡର ଜୋସେଫ୍ ଅଓନ୍ ଲେବାନନ୍ ରାଷ୍ଟ୍ରପତି



ବେରୁଟ୍,୧୦।୧

ଲେବାନନ୍ ସେନା କମାଣ୍ଡର ଜୋସେଫ୍ ଅଓନ୍ ଶୁକ୍ରବାର ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଷ୍ଟ୍ରପତି ପଦ ଖାଲିପଡ଼ିବା ପରେ ପାର୍ଲାମେଣ୍ଟ ସଦସ୍ୟମାନେ ତାଙ୍କୁ ନୂଆ ନେତା ବାଛିଛନ୍ତି। ଇସ୍ରାଏଲ୍ ଓ ଲେବାନନ୍ର ଆତଙ୍କବାଦୀ ସଙ୍ଗଠନ ହେଜ୍ବୋଲ୍ଲା ମଧ୍ୟରେ ୧୪ ମାସ ଧରି ଚାଲିଥିବା ସଂଘର୍ଷ ବିରାମ ଚୁକ୍ତି ସ୍ଥଗିତ ରହିବା ପରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବତନ ରାଷ୍ଟ୍ରପତି ମାଇକେଲ୍ଙ୍କ କାର୍ଯ୍ୟକାଳ ୨୦୨୨ ଅକ୍ଟୋବରରେ ଶେଷ ହୋଇଥିଲା

## ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ପୁଟିନ୍ ପ୍ରସ୍ତୁତ

ମସ୍କୋ,୧୦।୧



ଆସନ୍ତା ଫେବୃଆରୀରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷ ପୂରିବାକୁ ଯାଉଛି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍କୁ ଅନେକ ପର୍ଯ୍ୟାୟରେ ମୋଟ ୬୬ ବିଲିୟନ୍ ଡଲାରର ସହାୟତା ପ୍ରଦାନ କରିସାରିଲାଣି। ଆସନ୍ତା ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧାବସାନ ଉପରେ ଜୋର୍ ଦେଉଛନ୍ତି। ଆଲୋଚନା ଜରିଆରେ ଏହାର ସମାଧାନ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ଏହାକୁ କ୍ରେମ୍ଲିନ୍ ପକ୍ଷରୁ ସ୍ୱାଗତ କରାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ନିଜ 'ଶାନ୍ତି ଜରିଆରେ ଶକ୍ତି' ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛନ୍ତି। ଜେଲେନ୍ସ୍କି ନର୍ଥ ଆଟ୍ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ସୁରକ୍ଷା ଏବଂ ପାଶ୍ଚାତ୍ୟଠାରୁ ନିରାପତ୍ତା ଗ୍ୟାରେଣ୍ଟି ଆଶାରେ ଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଟ୍ରମ୍ପ ଓ ପୁଟିନ୍ଙ୍କ ମଧ୍ୟରେ ଖୁବ୍ ଶୀଘ୍ର ଏକ ବୈଠକ ହୋଇପାରେ ବୋଲି କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେପଟେ କିଭ୍କୁ ସହାୟତା ପ୍ରଦାନ ବନ୍ଦ ନ କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଜେଲେନ୍ସ୍କି ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ଙ୍କ ସହ ଜର୍ମାନୀରେ ଆଲୋଚନା କରିଛନ୍ତି।

## ୨୧୬ କୋଟି ଟଙ୍କା ଚାନ୍ଦା ପାଇଛନ୍ତି ଆଞ୍ଚଳିକ ଦଳ

ନୂଆଦିଲ୍ଲୀ ୧୦।୧(ପି.ଟି.)

### ଏଡିଆର୍ ରିପୋର୍ଟ

ADR Association for Democratic Reforms

ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ୨୦୨୨-୨୩ ଆର୍ଥିକ ବର୍ଷରେ ୨୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାନ୍ଦା ପାଇଥିବା ଘୋଷଣା କରିଛନ୍ତି। ଚାନ୍ଦାରୁ ଜେଏମ୍ଏମ୍, ଜେଜେପି, ଟିଡିପି ଏବଂ ଟିଏମ୍ସିର ଆୟ ସର୍ବାଧିକ ବଢ଼ିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ବିଶ୍ଳେଷଣରୁ ଜଣାପଡ଼ିଛି।

ଦଳଗୁଡ଼ିକ ସେମାନଙ୍କ ଆୟ ସମ୍ପର୍କିତ ରିପୋର୍ଟ ଏବଂ ଦାତାମାନଙ୍କ ବିବରଣୀ ନିର୍ବାଚନ କମିଶନଙ୍କୁ ପ୍ରଦାନ କରିବାରେ ବହୁ ବିଳମ୍ବ କରଥିଲେ। ମୋଟ ୫୭ଟି ଆଞ୍ଚଳିକ ଦଳ ମଧ୍ୟରୁ ମାତ୍ର ୧୮ଟି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଇସିଆଇ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ୨୮ଟି ଦଳ ମୋଟ ୨,୧୧୯ଟି ଚାନ୍ଦାରୁ ୨୧୬.୭୬୫ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି। ଅନ୍ୟ ୧୭ଟି ଦଳ ରିପୋର୍ଟ ଦାଖଲରେ ୨ରୁ ୧୬୪ ଦିନ ପର୍ଯ୍ୟନ୍ତ ବିଳମ୍ବ କରିଥିଲେ। ବିଜେଡି, ଜମ୍ମୁ-କଶ୍ମୀର ନ୍ୟାଶନାଲ କନ୍ଫରେନ୍ସ ସମେତ ୭ ରାଜନୈତିକ ଦଳ ଉକ୍ତ ବର୍ଷ ଚାନ୍ଦା ପାଇ ନ ଥିବା ଜଣାଇଛନ୍ତି।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ଚାନ୍ଦା ପରିମାଣ ପୂର୍ବ ବର୍ଷ ତୁଳନାରେ ୩,୬୮୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଜନନାୟକ ଜନତା ଦଳ (ଜେଜେପି) ଏବଂ ଟିଡିପି ଚାନ୍ଦା ପରିମାଣ ପୂର୍ବବର୍ଷ ତୁଳନାରେ ଯଥାକ୍ରମେ ୧,୯୯୭ ଏବଂ ୧,୭୯୫ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ଏବଂ ଶିରୋମଣି ଅକାଳୀ ଦଳ ଚାନ୍ଦା ପରିମାଣ ପୂର୍ବବର୍ଷ ତୁଳନାରେ ଯଥାକ୍ରମେ ୯୯.୧ ଏବଂ ୮୯.୧ ପ୍ରତିଶତ ହ୍ରାସ ପାଇଛି। ଭାରତ ରାଷ୍ଟ୍ରସମିତି (ବିଆର୍ଏସ୍) ସର୍ବାଧିକ ୧୫୪.୦୩ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ଏହା ପଛକୁ ୧୬ କୋଟି ଚାନ୍ଦା ପାଇ ୱାଇଏସ୍ଆର୍ କଂଗ୍ରେସ ପାର୍ଟି ଦ୍ୱିତୀୟ ସ୍ଥାନରେ ଏବଂ ୧୧.୯୨ କୋଟି ଚାନ୍ଦା ସହ ତେଲୁଗୁ ଦେଶମ ପାର୍ଟି (ଟିଡିପି) ତୃତୀୟ ସ୍ଥାନରେ ରହିଛି। ବିଆର୍ଏସ୍, ୱାଇଏସ୍ଆର୍ କଂଗ୍ରେସ, ଟିଡିପି, ଡିଏମ୍କେ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ମିଶି ମୋଟ ଘୋଷିତ ଚାନ୍ଦାର ୯୦.୫୬ ପ୍ରତିଶତ ପାଇଛନ୍ତି। ଅନ୍ୟପକ୍ଷରେ ୫ଟି ଆଞ୍ଚଳିକ ଦଳ ୯୬.୨ ଲକ୍ଷ ଟଙ୍କା ଚାନ୍ଦା ପାଇଥିବା ଘୋଷଣା କରିଥିବାବେଳେ ଦାତାମାନଙ୍କ ପାନ୍ ଦେଇନାହାନ୍ତି। ୩.୩୬ କୋଟି ଟଙ୍କା ଚାନ୍ଦା ଦେଇଥିବା ଦାତାମାନଙ୍କ ଠିକଣା ମିଳୁ ନ ଥିବାବେଳେ ୧୬୫.୭୩ କୋଟି ଟଙ୍କା ଚାନ୍ଦାରେ ଦାତାମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ନାହିଁ। କର୍ପୋରେଟ୍ ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକରୁ ମୋଟ ଚାନ୍ଦାର ୭୮ ପ୍ରତିଶତ ଅର୍ଥାତ୍ ୧୬୯.୨ କୋଟି ଟଙ୍କା ଆସିଥିବାବେଳେ ବ୍ୟକ୍ତିଗତ ଦାତାମାନଙ୍କଠାରୁ ୪୫.୨୪ କାଟି ଟଙ୍କା ଆସିଛି।

## ଫୁରସତ୍

### ପାଇଥିଲି ରକ୍ତରେ ଲିଖିତ ପ୍ରେମପତ୍ର


ଅମିଷା ପଟେଲ

**'କହୋନା ପ୍ୟାର୍ ହୈ'କୁ ୨୫ ପୂରିଲା**

**ମୁମ୍ବାଇ:** ବିଗତ ଦିନରେ ଚଳଚ୍ଚିତ୍ର ନାୟିକାଙ୍କ ଲାଗି ପ୍ରଶଂସକ ପାଗଳପ୍ରାୟ ଥିଲେ। ଫିଲ୍ମର ଚରିତ୍ର ଭଲ ଲାଗିଲେ ବେଶ୍ କିଛି ବର୍ଷ ଯାଏ କଳାକାରଙ୍କୁ ମନେ ରଖାଯାଉଥିଲା। ସେଭଳି ଗୋଟିଏ ଫିଲ୍ମ ଥିଲା 'କହୋ ନା ପ୍ୟାର ହୈ'। ଇତିମଧ୍ୟରେ ଫିଲ୍ମକୁ ବିତିଯାଇଛି ୨୫ ବର୍ଷ। ତଥାପି ପ୍ରଶଂସକଙ୍କ ଭଲପାଇବାକୁ ଦେଖି ନିର୍ମାତା ଫିଲ୍ମଟିକୁ ପୁଣିଥରେ ରିଲିଜ କରିଛନ୍ତି, ଯାହାକୁ ନେଇ ବେଶ୍ ଖୁସି ଅଛନ୍ତି ନାୟକ ହ୍ରିତିକ୍ ରୋଶନ ଏବଂ ନାୟିକା ଅମିଷା ପଟେଲ।

ସେଦିନର ସ୍ମୃତିକୁ ମନେ ପକାଇ ଅମିଷା କହିଛନ୍ତି, ୨୦୦୦ରେ ଫିଲ୍ମ ରିଲିଜ ପରେ ପ୍ରଶଂସକମାନଙ୍କ ମଧ୍ୟରେ କ୍ରେଜ୍ ବହୁତ ଥିଲା। ହ୍ରିତିକ ଏବଂ ମୋତେ ବିବାହ ପ୍ରସ୍ତାବ ଆସୁଥିଲା। ଲୋକେ ଆମ ଫଟୋ ସହ ମନ୍ଦିରରେ ବିବାହ କରୁଥିଲେ। ଏମିତିକି ମୋତେ ରକ୍ତରେ ଲେଖାଯାଇଥିବା ପ୍ରେମଚିଠି ମିଳିଥିଲା। ଏସବୁ ଦେଖି ଡର ଲାଗିଥିଲା। ବଡିଗାର୍ଡ ରଖିବାକୁ ବାଧ୍ୟ ହୋଇଥିଲି। ପୁରୁଣା ଢଙ୍ଗରେ ରେଷ୍ଟୁରାଣ୍ଟରେ ଖାଇବା ଏବଂ ସେଲୁନ୍ ଯିବା ସହଜ ନ ଥିଲା ବୋଲି ଅଭିନେତ୍ରୀ କହିଛନ୍ତି।

କେବଳ ଅମିଷା ନୁହନ୍ତି ହ୍ରିତିକ ମଧ୍ୟ ଫିଲ୍ମର ସଫଳତା ପରେ ମହିଳା ପ୍ରଶଂସକଙ୍କ ପ୍ରଥମ ପସନ୍ଦ ପାଲଟିଥିଲେ। ତାଙ୍କ ଭଳି ପୋଷାକ ପିନ୍ଧିବାକୁ ଲୋକେ ପସନ୍ଦ କରୁଥିଲେ। ମୋଟାମୋଟି କହିବାକୁ ଗଲେ ଫିଲ୍ମଟିର ପ୍ରେମକାହାଣୀ ସମସ୍ତଙ୍କ ହୃଦୟ ଜିତି ନେଇଥିଲା। ଫିଲ୍ମରେ ହ୍ରିତିକ, ଅମିଷାଙ୍କ ବ୍ୟତିତ ଅନୁପମ ଖେର, ଦିଲୀପ ତାହିଲ, ମୋହନିଶ ବହଲ ପ୍ରମୁଖ ନଜର ଆସିଥିଲେ।

### ପିଲା ଜନ୍ମକଲେ ୨୫ରୁ କମ୍ ବୟସ୍କାଙ୍କୁ ଲକ୍ଷେ ରୁବଲ

ମସ୍କୋ

**କରେଲିଆ ଛାତ୍ରୀଙ୍କ ପାଇଁ ରୁଷିଆ ସରକାରଙ୍କ ଘୋଷଣା**



ରୁଷିଆର କରେଲିଆ ଅଞ୍ଚଳର ସ୍ଥାନୀୟ ସରକାରଙ୍କ ଦ୍ୱାରା ୨୫ ବର୍ଷରୁ କମ୍ ବୟସର ଛାତ୍ରୀମାନଙ୍କୁ ପିଲା ଜନ୍ମ କଲେ ୧ ଲକ୍ଷ ରୁବଲ (ପ୍ରାୟ ୮୧ ହଜାର ଟଙ୍କା)ର ପ୍ରୋତ୍ସାହନ ରାଶି ଦିଆଯିବ। 'ଦି ମସ୍କୋ ଟାଇମ୍ସ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କରେଲିଆର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ୨୫ ବର୍ଷ ବୟସ୍କା ଛାତ୍ରୀମାନଙ୍କ ପାଇଁ ଏହି ଯୋଜନା ଲାଗୁ ହେବ। ଦେଶରେ ଲଗାତର ହ୍ରାସ ପାଉଥିବା ଜନ୍ମହାରରେ ଉନ୍ନତି ଆଣିବା ପାଇଁ ଗତ ଜାନୁଆରୀ ୧ରୁ କରେଲିଆ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ତେବେ ମୃତ ପିଲାଙ୍କୁ ଜନ୍ମ ଦେଇଥିବା ମା'ଙ୍କ ପାଇଁ ଏହି ଯୋଜନା ଅନୁଯାୟୀ ପ୍ରୋତ୍ସାହନ ରାଶି ଦିଆଯିବ ନାହିଁ।

ତେବେ ଏପରି ନୀତିକୁ କାର୍ଯ୍ୟକାରୀ କରିବାରେ କାରୋଲିନା ରୁଷିଆର ପ୍ରଥମ ଅଞ୍ଚଳ ନୁହେଁ। ରୁଷିଆର ଅତି କମ୍‌ରେ ୧୧ରୁ ଅଧିକ ଆଞ୍ଚଳିକ ସରକାର ଛାତ୍ରୀମାନଙ୍କୁ ପିଲା ଜନ୍ମ କରିବା ପାଇଁ ପ୍ରୋତ୍ସାହନ ରାଶି ଦେଉଛନ୍ତି। ତେବେ ବିଶେଷଜ୍ଞମାନେ ଏପରି ପଦକ୍ଷେପକୁ ଅନୁପଯୁକ୍ତ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୁହେଁ ବୋଲି କହିଛନ୍ତି। ମା' ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏବଂ ସେମାନେ ଆର୍ଥିକ ଭାବେ ସ୍ୱଚ୍ଛଳ ନ ଥିବା କାରଣରୁ ଏହି ଯୋଜନା ଫଳପ୍ରଦ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିଛନ୍ତି।

୨୦୨୪ର ପ୍ରଥମ ୬ ମାସ ମଧ୍ୟରେ ରୁଷିଆରେ କେବଳ ୫,୯୯,୬୦୦ ଶିଶୁ ଜନ୍ମ ହୋଇଥିଲେ। ଗତ ୨୫ ବର୍ଷର ରୁଷିଆ ଇତିହାସରେ ଏହି ସଂଖ୍ୟା ସବୁଠୁ କମ୍ ଥିଲା। ୧୯୯୦ ଦଶକର ଆରମ୍ଭରେ ରୁଷିଆର ଜନସଂଖ୍ୟା ୧୪.୮ କୋଟି ଥିବା ବେଳେ ଏବେ ଏହା କମି ୧୪.୬ କୋଟିରେ ପହଞ୍ଚିଛି। ଜାତିସଂଘର ଅନୁମାନ ଅନୁଯାୟୀ, ୨୧୦୦ ମସିହା ବେଳକୁ ରୁଷିଆର ଜନସଂଖ୍ୟା ଆହୁରି ହ୍ରାସ ପାଇ ୭.୪ କୋଟିରୁ ୧୧.୨ କୋଟି ମଧ୍ୟରେ ରହିପାରେ।

# ଅନଲାଇନ୍ ଟ୍ରେଡିଂ ନାଁରେ ୪୨ ଲକ୍ଷ ଠକେଇ

ବ୍ରହ୍ମପୁର, ୧୦।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କଠାରୁ ସାଇବର ଠକ ଗ୍ୟାଙ୍ଗ ଅନଲାଇନ ଟ୍ରେଡିଂ ଆଳରେ ୪୨ଲକ୍ଷ ଟଙ୍କା ଠକି ନେଇଥିବା ନେଇ କଟକ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଛି। କ୍ରାଇମବ୍ରାଞ୍ଚ ରିପୋର୍ଟ ଆଧାରରେ ବ୍ରହ୍ମପୁର ସାଇବର ଥାନାରେ ୨/୨୫ ନମ୍ବରରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ରହୁଥିବା ଡି. ପ୍ରସାଦ ରାଓ ପ୍ରଫିଟ୍ ୱାରଲ୍ଡ ବିଜିନେସ୍ ଇଜି ଓ୍ୱେ ମାର୍କେଟିଂ ସର୍ଭିସେସ୍ ନାମକ ଏକ ଅନଲାଇନ ଟ୍ରେଡିଂ ଆପ୍ ସମ୍ପର୍କରେ ତାଙ୍କ ସାଙ୍ଗମାନଙ୍କଠାରୁ ଶୁଣିଥିଲେ। ଏଥିରେ ଟଙ୍କା ଜମା କଲେ ଅଧିକ ଲାଭ ମିଳିବ ବୋଲି ଜାଣିବା ପରେ ତାଙ୍କର ଲୋଭ ବଢ଼ିଥିଲା। ୨୦୨୪ ଜୁନ ୧୪ରେ ସେ ଉକ୍ତ ସଂସ୍ଥା ସହ ଯୋଡ଼ି ହୋଇଥିଲେ। ଉକ୍ତ ସଂସ୍ଥାରେ ସେ ପର୍ଯ୍ୟାୟକ୍ରମେ ୪୨ ଲକ୍ଷ ଟଙ୍କା ଜମା କରିଥିଲେ। ଦୁଇମାସ ପରେ ବି ମୂଳ ଟଙ୍କାର କୌଣସି ଲାଭ ମିଳିନାହିଁ। ତେଣୁ ସେ ମୂଳ ଟଙ୍କା ଉଠାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ମୂଳ ଟଙ୍କା ଫେରସ୍ତ ନ ପାଇବାରୁ ଏହା ଏକ ଠକ ଟ୍ରେଡିଂ ସଂସ୍ଥା ବୋଲି ଜାଣିଥିଲେ। ଠକେଇର ଶିକାର ହେବା ପରେ ସେ ଟଙ୍କା ଫେରସ୍ତ ଓ ଅଭିଯୁକ୍ତଙ୍କୁ ଧରିବା ପାଇଁ କଟକ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଛନ୍ତି।

**ଲକ୍ଷ୍ୟହୀରା ହତ୍ୟାକାଣ୍ଡ**

# ହତ୍ୟା କରିଥିଲେ ସ୍ୱାମୀ, ସଉତୁଣୀ

ମୋହନା, ୧୦।୧ (ମନ୍ମଥ ମିଶ୍ର)

ଗଜପତି ଜିଲ୍ଲା ମୋହନା ଥାନା ଅଧୀନ କାଲେମା ଗାଁର ମହିଳା ଲକ୍ଷ୍ୟହୀରା ନାୟକଙ୍କ ମୃତଦେହ ନିକଟ ଜଙ୍ଗଲରୁ ମିଳିବା ପରେ ତାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇଛି। ତାଙ୍କୁ ତାଙ୍କ ସ୍ୱାମୀ ଧର୍ମେନ୍ଦ୍ର ନାୟକ (୩୮), ସଉତୁଣୀ ତଥା ଧର୍ମେନ୍ଦ୍ରଙ୍କ ଦ୍ୱିତୀୟ ସ୍ତ୍ରୀ ପୂର୍ଣ୍ଣବାସୀ (୩୦) ଓ ପୁରୁଣା କର୍ଣ୍ଣ ନାୟକ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଅଭିଯୁକ୍ତମାନେ ହତ୍ୟା କରିଥିବା ତଦନ୍ତରୁ ସ୍ପଷ୍ଟ ହେବା ପରେ ସେମାନଙ୍କୁ ଜଙ୍ଗଲରୁ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଓ ପଥର ଜବତ ହୋଇଥିବା ଶୁକ୍ରବାର ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଖବରରୁ ଜଣାପଡ଼ିଛି, ଲକ୍ଷ୍ୟହୀରାଙ୍କ ତାଙ୍କ ଦୁଇଭାଇ ପ୍ୟାରିଲାଲ ନାୟକ ଓ ପ୍ରମୋଦ ନାୟକ ଦୁଇଦିନ ଧରି ବାରମ୍ବାର ଫୋନ କରିଥିଲେ ମଧ୍ୟ ତାହା ସୁଇଚ୍ ଅଫ୍ ଦର୍ଶାଉଥିଲା। ଫଳରେ ଗତ ୫ ତାରିଖରେ ଦୁଇଭାଇ କାଲେମାରେ ପହଞ୍ଚିଥିଲେ ମଧ୍ୟ ଘରେ ଭଉଣୀ ଲକ୍ଷ୍ୟହୀରାଙ୍କୁ ପାଇ ନ ଥିଲେ। ସେହି ଗ୍ରାମରେ ବିବାହ କରିଥିବା ବଡ଼ ଭଉଣୀ ରଞ୍ଜନା ନାୟକଙ୍କୁ ଲକ୍ଷ୍ୟହୀରାଙ୍କ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ନିକଟରେ ଦୁଇଭଉଣୀ ବଗିଚା କାମ କରିବାକୁ ଗାଁ ପାଖ ଏକ ଜାଗାକୁ ଯାଇଥିଲେ। ସନ୍ଧ୍ୟାରେ ସେ ଘରକୁ ଫେରିଥିଲେ। ମାତ୍ର ଲକ୍ଷ୍ୟହୀରା ଫେରିଥିବା ସେ ଦେଖି ନ ଥିଲେ। ପରେ ପ୍ୟାରିଲାଲ ଓ ପ୍ରମୋଦ କାଲେମା ଗାଁର ଆଖପାଖ ଅଞ୍ଚଳରେ ଲକ୍ଷ୍ୟହୀରାଙ୍କୁ ଖୋଜାଖୋଜି କରିଥିଲେ। ଗାଁଠାରୁ ପ୍ରାୟ ୨ କି.ମି. ଦୂରରେ ଘଞ୍ଚ ଜଙ୍ଗଲ ଭିତରେ ଗୁଣ୍ଡୁଲୁମା ନାଳ କଡ଼ରେ ଲକ୍ଷ୍ୟହୀରାଙ୍କ ମୃତଦେହ ପଡ଼ିଥିବା ଦୁଇଭାଇ ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ହାଣିଯିବା ସହ ପଥରରେ ମୃତଦେହ ଛେଚି ନାଳ କଡ଼ରେ ଫୋପଡ଼ା ଯାଇଥିଲା। ପରେ ପ୍ୟାରିଲାଲ ଅଡ୍ଡବା ଥାନାରେ ଧର୍ମେନ୍ଦ୍ରଙ୍କ ନାମରେ ତାଙ୍କ ଭଉଣୀଙ୍କୁ ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ଅଡ୍ଡବା ଥାନା ଅଧିକାରୀ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଗତ ସୋମବାର ବ୍ରହ୍ମପୁରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ନଂ. ୪/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଅନ୍ୟପଟରେ ଗଜପତି ଏସ୍‌ପି ପଣ୍ଡାଙ୍କ ନିର୍ଦ୍ଦେଶରେ ଆର. ଉଦୟଗିରି ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟେକ୍ନିକାଲ୍ ଟିମ୍ ଏବଂ ଅଭିଯୁକ୍ତଙ୍କୁ ଠାବ କରିବାକୁ ଆଉ ଏକ ଟିମ୍ ଏହିପରି ୨ଟି ଟିମ୍ ଗଠିତ ହୋଇଥିଲା। ଗୁରୁବାର ରାତି ୧୦ଟାରେ କାଲେମା ଗାଁର ୧୫ କି.ମି. ଦୂରରେ ଥିବା ଏକ ଜଙ୍ଗଲରୁ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ ଧରିଥିଲା ବୋଲି ଏସ୍‌ପି କହିଛନ୍ତି।

**ଜଙ୍ଗଲରୁ ଗିରଫ ହେଲେ ୩ଜଣ ଅଭିଯୁକ୍ତ**



ଗିରଫ ଅଭିଯୁକ୍ତମାନେ

# ୩ ଶିକାରୀ ଗିରଫ

**ହରିଣ ଛାଲ, ଝିଙ୍କ କାଠି, ୨ ବନ୍ଧୁକ ଜବତ**

ନୀଳଗିରି, ୧୦।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧୀନ କୁଲଡ଼ିହା ଅଭୟାରଣ୍ୟକୁ ଶିକାରୀମୁକ୍ତ କରିବା ଉଦ୍ଦେଶ୍ୟରେ ବନ କର୍ମଚାରୀ ସଦଳବଳେ ଗାଁରେ ଚଢ଼ାଉ କରି ୩ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଗୋଟିଏ ହରିଣ ଛାଲ, ଝିଙ୍କ କାଠି ସହ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି।

ସୂଚନା ଯେ, ବରହମପୁର ଥାନା ତେଲିପାଳ ପଞ୍ଚାୟତ ଅଧୀନ ପୁଟିବନ୍ଧ ଗାଁରେ ଗତ ଗୁରୁବାର ଚଢ଼ାଉ କରାଯାଇ ୩ ଶିକାରୀ ସୋମନାଥ ସିଂ ଏବଂ ଦୁଇ ଭାଇ ତପନ ମାଝି ଓ ଲକ୍ଷ୍ମଣ ମାଝିଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଗୋଟିଏ ହରିଣ ଛାଲ, ୨ଟି ବନ୍ଧୁକ ଓ ଦେଢ଼ଶହ ଗ୍ରାମ ଓଜନର ଝିଙ୍କ କାଠି ଜବତ କରାଯାଇଛି। ଶିକାରୀମାନେ କୁଲଡ଼ିହା ଅଭୟାରଣ୍ୟ ଭିତରେ ପଶି ଶିକାର କରୁଥିଲେ। କିଛି ଦିନ ପୂର୍ବରୁ ଏମାନେ ଅଭୟାରଣ୍ୟ ଅଧୀନ ଯୋଡ଼ାଚୁଆ ସେକ୍ସନ ତଥା ବାଲିଆନାଳ ବିଟ୍ ଅଞ୍ଚଳରେ ଥିବା ଜଙ୍ଗଲରୁ ହରିଣ ଓ ଝିଙ୍କ ଶିକାର କରି ମାଂସ ବିକ୍ରି କରିଥିବା ବେଳେ ଛାଲ ଓ କାଠିକୁ ଘରେ ରଖିଥିଲେ। ଚଢ଼ାଉରେ ରେଞ୍ଜର ସୁବ୍ରତ ବେହେରାଙ୍କ ସମେତ ବରହମପୁର ଥାନା ଆଇଆଇସି ଆର୍ତ୍ତତ୍ରାଣ ସେଠୀ, ବନପାଳ ସୌମ୍ୟରଞ୍ଜନ ମାଝି, ଭାଗ୍ୟଶ୍ରୀ ଦ୍ୱିବେଦୀ, ଦୁଷ୍ମନ୍ତ ଜେନା, ବନରକ୍ଷୀ ଜୟଦେବ ମଲିକ ପ୍ରମୁଖ ସାମିଲ ଥିଲେ। ଏନେଇ ଏକ ମାମଲା ପଞ୍ଜୀକୃତ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଜବତ ସାମଗ୍ରୀ ସହ ଗିରଫ ଶିକାରୀ।

# ନିଖୋଜ ଯୁବକଙ୍କ ମୃତଦେହ ବୁଦାମୂଳରୁ ଠାବ

ନନ୍ଦାହାଣ୍ଡି, ୧୦।୧ (ପ୍ରଦୀପ କୁମାର ଦାଶ)

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସରୁଗୁଡ଼ା ଆଦର୍ଶ ବିଦ୍ୟାଳୟ ଓ ସାଗରମୁଣ୍ଡା ସାଗର ମନ୍ଦିରେ ଥିବା ଏକ ବୁଦାମୂଳରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ କଂସାରିଗୁଡ଼ା ଗ୍ରାମର ମଧୁ ସୌରାଙ୍କ ପୁଅ ବଳରାମ ସୌରା (୨୨)। ସେ ଗତ ଶନିବାରଠାରୁ ନିଖୋଜ ଥିଲେ। କିନ୍ତୁ ପରିବାର ଲୋକେ ନିଖୋଜ ଥିବାର କୌଣସି ଅଭିଯୋଗ ଥାନାରେ କରି ନ ଥିବା ଜଣାପଡ଼ିଛି। ଶୁକ୍ରବାର ସକାଳୁ ସରୁଗୁଡ଼ା ଗ୍ରାମର କେତେଜଣ ପିଲା ଗାଈ ଚରାଇବା ପାଇଁ ଯାଉଥିବାବେଳେ ଆଦର୍ଶ ବିଦ୍ୟାଳୟ ନିକଟରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ପହଞ୍ଚି ତଦନ୍ତ କରିଥିଲେ। ବଳରାମ କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ଥିଲେ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ନବରଙ୍ଗପୁର ଥାନା ଅଧିକାରୀ ସସ୍ମିତ ବେହେରା ଓ ସବ୍‌ଇନ୍ସପେକ୍ଟର ସବିର ଅହମ୍ମଦ, ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାଶ ମହାନନ୍ଦିଆ ଓ ବଳରାମଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ମୃତଦେହ ଜବତକରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତଦେହ ଜବତ ବେଳେ ସନ୍ଧ୍ୟା ହୋଇଯାଇଥିବାରୁ ବ୍ୟବଚ୍ଛେଦ ହେବା ସମ୍ଭବ ହୋଇନାହିଁ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଏବଂ ସେହି ଆଧାରରେ ପରବର୍ତ୍ତୀ ତଦନ୍ତ କରାଯିବ ବୋଲି ନବରଙ୍ଗପୁର ଥାନା ଅଧିକାରୀ ବେହେରା ସୂଚନା ଦେଇଛନ୍ତି।

# ମନ୍ଦିର ସମ୍ମୁଖରୁ ମିଳିଲା ଯୁବକଙ୍କ ମୃତଦେହ, ହତ୍ୟା ଅଭିଯୋଗ

ବାରିପଦା, ୧୦।୧ (ନାଳନ୍ଦିବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ଅଧୀନ ଧନପୁର ଶିବ ମନ୍ଦିର ସମ୍ମୁଖରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଉଦଳା ଥାନା ଅଧୀନ ମେଣ୍ଢାଖାଇ ଅଞ୍ଚଳର ରାଜେଶ ପଢ଼ିଆଲ। ତାଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ସକାଳେ ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଯୁବକ ଜଣକ ବାରିପଦା ସହରରେ ରହି କାର୍ଯ୍ୟ କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ପୂର୍ବତନ ସମ୍ପାଦକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

**ହରିପୁର ସମବାୟ ସମିତିରେ ଆର୍ଥିକ ହେରଫେର ମାମଲା**

ବାଲେଶ୍ୱର, ୧୦।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଖଇରା ଶାଖା ହରିପୁର ସେବା ସମିତିରେ ଆର୍ଥିକ ହେରଫେର ମାମଲାର ବିଚାର କରି ଶୁକ୍ରବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ସମ୍ପାଦକ ମନୋହର ବେହେରା (ଅବସରପ୍ରାପ୍ତ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ହରିପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ମନୋହର ବେହେରା ୨୦୦୬-୦୭ ଆର୍ଥିକ ବର୍ଷରେ ସମିତି ମାଧ୍ୟମରେ ଚାଷୀଙ୍କୁ ବିକ୍ରି ହୋଇଥିବା ସାର ବାବଦ ୫ଲକ୍ଷ ୫୦ହଜାର ୧୪୨ ଟଙ୍କା ହେରଫେର କରିଥିବା ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଯାଇଥିଲା। ଉକ୍ତ ସାର ବିକ୍ରି ବାବଦରେ ପୂର୍ବତନ ସମ୍ପାଦକ ବେହେରା ଜାଲ କାଗଜପତ୍ର ପ୍ରସ୍ତୁତ କରିବା ସହ ସମବାୟ ସମିତି ଆକାଉଣ୍ଟରେ ଟଙ୍କା ଜମା କରି ନ ଥିଲେ। ସମିତିର ଏହି ଆର୍ଥିକ ହେରଫେର ଓ ଅନିୟମିତତା ଅଭିଯୋଗ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୬୧/୦୯) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ତଦନ୍ତ ପୂର୍ବକ ଚାର୍ଜସିଟ୍ ଦାଖଲ ହୋଇଥିଲା। ୧୮ଜଣ ସାକ୍ଷୀ ଓ ୩୦ ଦଲିଲ ଦସ୍ତାବିଜକୁ ଭିତ୍ତି କରି ଜଜ୍ ଦାସ, ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ୧୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲ୍ଲା ପୋଲିସ ନିକଟରେ ୧୩ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ପୋଲିସ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ଓ ଆତ୍ମସମର୍ପଣକାରୀଙ୍କ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ବିଜାପୁର ପୋଲିସ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଲକ୍ଷ ପୁରସ୍କାର ଘୋଷିତ ମୁନ୍ନା କକେମ, ସୁଖରାମ ହେମଲା, ୧ ଲକ୍ଷ ପୁରସ୍କାର ଘୋଷିତ ଦେବେ ମଡକମ୍ ଓରଫ ଚାନ୍ଦିନୀ, ନନ୍ଦୁ ଅବଲମ ଓରଫ ଦୁର୍ଗେଶ, ଭୀମା ବେକୋ ରହିଛନ୍ତି। ଆତ୍ମସମର୍ପଣକାରୀ କହିଛନ୍ତି, ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ଓ ଗୁଳିରେ ଆକ୍ରମଣରେ ବହୁ ମାଓବାଦୀଙ୍କ ମୃତ୍ୟୁ ଘଟୁଛି। ଏଥିସହ ବର୍ତ୍ତମାନ ମାଓବାଦୀଙ୍କ ଯୋଗୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ବେଳେ ପୋଲିସ ଓ ପ୍ରଶାସନ ଛତିଶଗଡ଼ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।




**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-2123
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-202 (Vol.-V)/104 Date: 08.01.2025

**TENDER CALL NOTICE NO.-CHEP-56/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of DC Milli Ampere Digital Clamp Meter for P&C Division of CHEP, Chiplima | Rs.472/- (Rs.400/- + GST @18%) | Rs.730/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.01.2025 up to 12:30 PM of dtd.27.01.2025.
OIPR-04006/11/0054/2425 Sd/- C & P Head, CHEP, Chiplima

**NOTICE**

**No.C-1439:** The following contractor, who were registered as "C" Class Contractor under S.E.P.H Circle, Bhubaneswar. (Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn.No. & Class | This Office order No. & Date |
|---|---|---|---|
| 1) | Smt. Sujata Mohapatra W/o. Samarendra Mohapatra At-Ward No.19, Dhenkanal PS-Dhenkanal, Dist.-Dhenkanal | Regd.No. 1065 of 2007-08 'C' Class | S.E.P.H. Circle, BBSR No.5102, Dt.10.07.2007 |
| 2) | M/S A.R. CONSTRUCTION Prop- Sri. Ramesh Chandra Moharana S/o. Maheswar Moharana At-Girima, Po-Biritunga, Ps-Gop, Dist.-Puri | Regd.No.1304 of 2014-15 'C' Class | S.E.P.H. Circle, BBSR, No.2309, Dt.05.06.2014 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(Thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
Sd.- Additional Chief Engineer, P.H.Circle, Bhubaneswar
OIPR-13039/11/0012/2425

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-2124
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-320/98 Date: 08.01.2025

**TENDER CALL NOTICE NO.-CHEP-55/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners / Reputed Suppliers meeting Eligibility Criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of 11KV Resin Cast Current Transformers & Potential Transformers for CHEP, Chiplima | Rs.2,360/- (Rs.2,000/- + GST @18%) | 3,300/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.13.01.2025 up to 12:30 PM of dtd.27.01.2025.
OIPR-04006/11/0056/2425 Sd/- C & P Head, CHEP, Chiplima

**OFFICE OF THE MUNICIPAL COUNCIL, BRAJRAJNAGAR**
**CORRIGENDUM**
**No.C-1433** : With reference to the Tender Call Notice No.4643/ Dt.13.12.2024, Bid Identification No.BRJNRM-5/2024-25, Tender ID No.2025_ORULB_**108954**. Due to technical issues the last date of Online submission of Bid Closing date has been rescheduled as on Dt.20.01.2025 at 5.00 P.M. instead of dt.13.01.2025 at 5.00 P.M. and Online Bid Opening Dt.21.01.2025 at 11.00 A.M. instead of dt.15.01.2025 at.11.00 A.M. All other term and conditions remain same. Further details please visit: - www.tendersodisha.gov.in
Sd./- Executive officer, Brajrajnagar, Municipality
OIPR-13099/11/0022/2425

**ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକଙ୍କ କାର୍ଯ୍ୟାଳୟ**
ଗଣ୍ଡରପୁର, କଟକ - ୭୫୩୦୦୩
ଇ-ମେଲ: sedrainagecirclectc@gmail.com
ସଂଖ୍ୟା: DCC-ESTR-CORR-01/2024-୫୪ ଦିନାଙ୍କ: ୦୯.୦୧.୨୦୨୫
**ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା-ACEDC-CTC-03/2024-25ର ଶୁଦ୍ଧିପତ୍ର**
**No.A-864:**- ଓଡ଼ିଆ ଦୈନିକ ଧରିତ୍ରୀ ଓ ସମାଜର ଦିନାଙ୍କ ୦୮.୦୧.୨୦୨୫ ସଂସ୍କରଣରେ ପ୍ରକାଶିତ ଏହି କାର୍ଯ୍ୟାଳୟର ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: **ACEDC-CTC-03/2024-25**ର ଶୁଦ୍ଧିପତ୍ରରେ ପ୍ରକାଶିତ ହୋଇଥିବା ବାକ୍ୟ ''ଅନ୍ୟ ସମସ୍ତ ସର୍ତ୍ତାବଳୀ ପରିବର୍ତ୍ତିତ ରହିଛି ।'' ସ୍ଥାନରେ **''ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି ।''** ପଢ଼ାଯାଇପାରେ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ
OIPR-32174/11/0008/2425

**ODISHA LIVESTOCK RESOURCES DEVELOPMENT SOCIETY (OLRDS) OBPI CAMPUS, BHUBANESWAR-751003**
Tel No. : 0674-2397985, email : olrdsahd@gmail.com, website : olrds.odisha.gov.in
**Invitation For Expression of Interest For SUPPLY OF A-HELP TRAINING MATERIALS (A-HELP KIT) UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS)**
**No.M-62** : Odisha Livestock Resources Development Society, (OLRDS) invites **EXPRESSION OF INTEREST** for supply of A-HELP Training materials (A-HELP Kit) from manufacturers, Wholesalers, Stockist, Distributers, Retailers in prescribed format in sealed cover superscribing "supply of A-HELP Training materials (A-HELP Kit)" **Last date of receipt of EoI is 29.01.2025 up to 5.00 P.M.** The details in this regard can be downloaded from the OLRDS website: olrds.odisha.gov.in, Directorate of Animal Husbandry & Veterinary Services, Odisha : **dahvs.odisha.gov.in** and NIC, Khordha : **khordha.odisha.gov.in**
Sd./- Chief Executive Officer, OLRDS
OIPR-06061/11/0005/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.O-1196
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/23-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 23-2024-25/BPR | Road Works under MMSY-TRIP & MMSY-CMRL | 05 Nos. | From Rs.426.92 Lakhs to Rs.896.33 Lakhs | "A" Class & "Special" Class as applicable | Period of Completion as provided as per Col.No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/23-2024-25/BPR | 17.01.2025 at 10.00 A.M. | 31.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0037/2425 Sd./- Chief Construction Engineer, R.W.Circle, Berhampur

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
No. Tender-Online-BBSR Divn.-27, Date:-04.01.2025
Ph.No.-0674-2301787, Fax No.-0674-2300965, E.Mail I.D.-eerw_bbsr@yahoo.co.in
**e-Procurement Notice**
**No.O-1187:** 1.Name of the Work: Repair/ Maintenance of Road Work. 2. Total No. of Road : 15 Nos. of Roads. 3. Class of Contractor: a) Above Rs.20 Lakh and upto 3 Crore : 'B' Class (of Odisha PWD) or equivalent class of other licensing authorities. b) Upto Rs.40.00 Lakh : 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 Lakh: 'D' Class (of Odisha PWD) or equivalent class of other licensing authorities. 4. Estimate Cost of Individual Project: Rs.6.00 Lakh to 33.00 Lakh. 5. Time of Completion: 2 (Two) Calendar Months. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-27 | 09.01.2025 at 11.00 A.M. | 17.01.2025 upto 5.00 P.M. | 18.01.2025 at 11.00 A.M. |

Further details can be seen from the website www.tendersorissa.gov.in
OIPR-25189/11/0025/2425 Sd./- Superintending Engineer, Rural Works Divn. BBSR

**OFFICE OF THE NOTIFIED AREA COUNCIL, BALLIGUDA**
**QUOTATION CALL NOTICE**
**No.29/ Date 09.01.2025**
**No.C-1444:** Sealed Quotation is invited from the Regd. Companies/Suppliers/ Authorized dealers for supply of the following Sanitation Materials to this Office for the year 2024-25. The prescribed tender schedule can be obtained from the N.A.C., Balliguda during office hours except Govt. holidays on payment of Rs.5,000/- (Rupees Five thousand) only (Non-refundable] in shape of cash/ bank draft drawn in favour of the Executive Officer, N.A.C., Balliguda payable at Balliguda from any nationalized bank from dt 10 .01.2025 to dt 21 .01.2025 up to 1.00 P.M. The tender paper along with GST Registration Certificate, PAN Card, Authorization Certificate/Supplier Certificate & Income Tax Clearance Certificate must be submitted the Executive Officer, N.A.C., Balliguda either through Regd. Post /Speed Post or by Courier on or before dt 21.01.2025 up to 5.00P.M. The bids will be opened on dt 22.01.2025 at 11.00 A.M. in presence of the bidders or their authorized representatives. The undersigned will not be responsible for any postal delay at all. **The undersigned reserves the right to reject any or all the bids or cancel the bid without assigning any reason thereof.**

| | | | |
|---|---|---|---|
| 1 | Bleaching Power (Grade-1) | Per Kg | Rs. |
| 2 | Phenyle(White) | Per Ltr. | Rs. |
| 3 | Phenyle(Black) | Per Ltr. | Rs. |
| 4 | Lime Power | Per Kg. | Rs. |
| 5 | Mosquito Oil | Per Ltr. | Rs. |
| 6 | Wheel Barrow | Per Piece | Rs. |

Sd./- Executive Officer, N.A.C., Balliguda
OIPR-13097/11/0007/2425

**OFFICE OF THE DIVISIONAL FOREST OFFICER GHUMSUR SOUTH FOREST DIVISION, BHANJANAGAR**
E-mail: dfo.ghumsursouth@odisha.gov.in
**Tender Notice No.04 of 2024-2025 Date:07.01.2025**
No.MM-412
for
**"Erection of Iron Angle Chain Link Wire Mesh Fencing at Padareisuni AR plantation in Ghumsur South Forest Division for length of 1600 Running Meters of Surada Range".**

| Sl.No. | PARTICULARS | DATE & TIME/ DETAILS | LOCATION/ DETAILS |
|---|---|---|---|
| 1 | RFP No. & Date | Tender Notice No. **04 of 2024-25** | |
| 2 | Commencement of Download of RFP Document | Dt.10.01.2025 Time 10.00 AM | www.Odishaforest.in/ www.ganjam.nic.in |
| 3 | Last Date of Bid Submission (By Messenger/ Courier/ Post) | Dt.20.01.2025 Time 05.00 PM | Office of the Divisional Forest Officer, Ghumsur South Forest Division, At/ PO-Bhejiput, Bhanjanagar, 761126 |
| 4 | Date of General and Technical and Financial Bid Opening | Dt.22.01.2025 3.30 P.M. | Office of the Divisional Forest Officer, Ghumsur South Forest Division, At/ PO-Bhejiput, Bhanjanagar, 761126 |
| 6 | Address of Bid Submission | Office of the Divisional Forest Officer, Ghumsur South Forest Division, At/PO-Bhejiput, Bhanjanagar, 761126 | |

Sd./- Divisional Forest Officer, Ghumsur South Division
OIPR-08051/11/0008/2425

**OFFICE OF THE SUPERINTENDING ENGINEER (MECH.) PORTS & INLAND WATER TRANSPORT MECHANICAL DIVISION C.D.A., SECTOR-6, CUTTACK-14**
Phone-0671-2504177, Email:-portsniwtm@gmail.com
No.45/ Date 07.01.2025
**TENDER CALL NOTICE No.-33/S.E.(M)/ PIWT/2024-25**
**No.JJ-44:** 1. Office of the Superintending Engineer (Mechanical), Ports & IWT, Mechanical Division on behalf of Government of Odisha invites sealed Quotation/tenders from reputed and registered transport service providers or Private Individuals for hiring of 01 (One) no. vehicle for official use of office of the Superintending Engineer (Mechanical), Ports & IWT Mechanical Division, CDA, Sec-6, Cuttack-14 on behalf as per the details given below.

| Sl. No. | Type of Vehicle & Model | Seating arrangements | Minimum Average Fuel Mileage | Maximum Hire Charges per Month (excluding taxes) |
|---|---|---|---|---|
| (1) | (2) | (3) | (4) | (5) |
| 1 | BS-VI variant Petrol Commercial AC vehicles-Swift Dzire/ Bolero (Neo)/ Sumo Gold/ Ertiga (Petrol), etc. {N.B.- Preference shall be given to the vehicles of model like Ertiga (Petrol)} with A.C. | 07 Nos. including Driver | 10 Kms./ Liter | Rs.31,000/- |

2. The tender documents can be collected from the office of Superintending Engineer (Mechanical) from 13.01.2025 to 20.01.2025 upto 03.00 P.M. The Agency who wishes to participate shall deposit the document cost for an amount of Rs.100 (Rupees One Hundred) only in shape of Demand Draft from any Scheduled/ Nationalized Bank & EMD for Rs.5,000/- (Rupees Five Thousand) only in shape of Term Deposit from any Nationalized / Scheduled Bank/National Savings Certificate (NSC) drawn in favour of Superintending Engineer (Mechanical), Ports & Inland Water Transport, Mechanical Division, CDA, Sec-6, Cuttack-14 payable at Cuttack. 3. The last date for receipt of Bid is 20.01.2025 upto 03.00 PM and will be opened on the same day at 03.30 PM in the presence of participants or authorized representatives who wish to attend. The authority, in no way shall be responsible for any postal/ courier delay. 4. Any addendum/ corrigendum made for this assignment will be hosted in the above website only. 5. The authority reserves the right to cancel any or all bids without assigning any reason thereof.
Sd./- Superintending Engineer (Mech.) Ports & IWT, Mechanical Division, CDA, Sector-6, Cuttack-14
OIPR-38042/11/0004/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସାରିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଏସ୍ଏଲ୍ ଟିଜିସିର ମୁଖ୍ୟ ପ୍ରାୟୋଜକ




ଭୁବନେଶ୍ୱର,୧୦।୧

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଠାରେ ୨୦୨୫ ଜାନୁୟାରି ୧୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୩ ଦିନିଆ ସମ୍ମିଳନୀରେ ଟ୍ରାଇବାଲ୍ ଗ୍ଲୋବାଲ୍ କନକ୍ଲେଭ୍ ବା ଟିଜିସି-୨୦୨୫ ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଉଦଘାଟିତ ହୋଇଯାଇଛି। ଏପରିକି ୨୦୨୫ ଜାନୁୟାରି ୧୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ୍) ମୁଖ୍ୟ ପ୍ରାୟୋଜକ ଭାବେ ଭାଗିଦାରୀ କରିବା ସହ କମ୍ପାନୀର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କୁ ସୁନ୍ଦର ଭାବେ ପ୍ରଦର୍ଶନ କରୁଛି। ସେହିଭଳି ଏହା କମ୍ପାନୀ ପାଇଁ ଏକ ଗର୍ବର ବିଷୟ ହୋଇଥିଲାବେଳେ ଉକ୍ତ ସମ୍ମିଳନୀରର ଅଂଶୀଦାର ଭାବେ ଜେଏସ୍ଏଲ୍ ତା'ର ସିଏସଆର୍ ପ୍ରକଳ୍ପର ହିତାଧିକାରୀଙ୍କ ଦକ୍ଷତା ଏବଂ କାରିଗରୀ ଉପସ୍ଥାପନ କରୁଛି। ଏପରିକି ସେମାନେ ଜେଏସ୍ଏଲ୍ ସହଯୋଗରେ ଶିଖିଥିବା ପାରମ୍ପରିକ କଳା, ହସ୍ତଶିଳ୍ପ କୌଶଳ ଏବଂ ଉତ୍ପାଦକୁ ଏଠାରେ ପ୍ରଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉଦଘାଟନୀ ଉତ୍ସବକୁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ଯାଜପୁର ଏମପି (ସାଂସଦ) ଡ. ରବି ନାରାୟଣ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ ସିଏସଆରର ଆଞ୍ଚଳିକ ମୁଖ୍ୟ ସୁକାନ୍ତ ରଥ କହିଥିଲେ, ଆମେ ଗୋଷ୍ଠୀ ସଶକ୍ତୀକରଣ ମାଧ୍ୟମରେ ହେଉଥିବା ରୂପାନ୍ତରଣ ଉପରେ ବିଶ୍ୱାସ କରୁ, ଏପରିକି ଆମେ ଆମର ସିଏସଆର ପଦକ୍ଷେପ ମାଧ୍ୟମରେ ପ୍ରତିଭାର ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଲୋକଙ୍କ ଅର୍ଥନୈତିକ ବିକାଶ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

# ଶିଳ୍ପ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି

## ନଭେମ୍ବରରେ ୫.୨% ବୃଦ୍ଧି

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

ଦେଶରେ ପର୍ବପର୍ବାଣି ତଥା ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ସମୟରେ ଚାହିଦା ବୃଦ୍ଧି ହେତୁ ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଆକଳନ ସୁଦୃଢ଼ ହୋଇଛି। ୨୦୨୪ ନଭେମ୍ବରରେ ଏହା ବାର୍ଷିକ ଭିତ୍ତିରେ ୫.୨ ପ୍ରତିଶତ ବୃଦ୍ଧିପାଇ ୬ ମାସର ଉଚ୍ଚତାକୁ ଆସିଥିଲା। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ନଭେମ୍ବରରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ୨.୫ ପ୍ରତିଶତ ବୃଦ୍ଧି ପାଇଛି। ଏହାପୂର୍ବରୁ ୨୦୨୪ ମେ'ରେ ଶିଳ୍ପ ଉତ୍ପାଦନରେ ସର୍ବାଧିକ ଅଭିବୃଦ୍ଧି ହାର ୬.୩ ପ୍ରତିଶତ ଥିଲା। ଜୁନ୍ ମାସରେ ଅଭିବୃଦ୍ଧି ହାର ୪.୯ ପ୍ରତିଶତ ଥିବାବେଳେ ଜୁଲାଇରେ ଏହା ୫% ଥିଲା। ମାତ୍ର ଅଗଷ୍ଟରେ ଆଇଆଇପି ଅଭିବୃଦ୍ଧି ସ୍ଥିର ରହିଥିଲା। ସେପ୍ଟେମ୍ବରରେ ଏହା ୩.୧ ପ୍ରତିଶତ ବୃଦ୍ଧି ପାଇ ଅକ୍ଟୋବରରେ ୩.୭ ପ୍ରତିଶତ ବୃଦ୍ଧି ପାଇଥିଲା। ତଥ୍ୟ ଅନୁଯାୟୀ, ଆଇଆଇପି ଅନୁଯାୟୀ ମପାଯାଇଥିବା ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨୦୨୪ ଏପ୍ରିଲ-ନଭେମ୍ବରରେ ୪.୧ ପ୍ରତିଶତ ରହିଥିଲା; ଯାହାକି ପୂର୍ବ ବର୍ଷ ସମାନ ଅବଧିରେ ୬.୫% ଥିଲା।



ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଖଣି ଉତ୍ପାଦନର ଅଭିବୃଦ୍ଧି ହାର ୧.୯%କୁ ହ୍ରାସ ପାଇଥିଲାବେଳେ ୧ ବର୍ଷ ପୂର୍ବେ ଏହା ୭% ଅଭିବୃଦ୍ଧି ପଞ୍ଜୀକୃତ ହୋଇଥିଲା। ନଭେମ୍ବରରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୫.୮%ରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧.୩% ଥିଲା।

ଅନ୍ୟପଟେ ବିଦ୍ୟୁତ୍ ଉତ୍ପାଦନର ଅଭିବୃଦ୍ଧି ହାର ୪.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୧ ବର୍ଷ ପୂର୍ବେ ୫.୮ ପ୍ରତିଶତ ଥିଲା। ବ୍ୟବହାରଭିତ୍ତିକ ବର୍ଗୀକରଣ ଅନୁଯାୟୀ, ୨୦୨୪ ନଭେମ୍ବରରେ ପୁଞ୍ଜି ସାମଗ୍ରୀ ବିଭାଗର ଅଭିବୃଦ୍ଧ ୯% ବୃଦ୍ଧି ପାଇଥିଲା, ଯାହା ପୂର୍ବ ବର୍ଷ ସମାନ ଅବଧିରେ ୧.୧% ହ୍ରାସ ପାଇଥିଲା। ପାର୍ବଣ ସମୟରେ ଅର୍ଥାତ୍ ନଭେମ୍ବରରେ ଉପଭୋକ୍ତା ସ୍ଥାୟୀ (ବୃହତ୍ ଇଲେକ୍ଟ୍ରୋନିକ୍ସ ଉତ୍ପାଦ) ଉତ୍ପାଦନ ସମୀକ୍ଷାଧୀନ ମାସରେ ୧୩.୧ ପ୍ରତିଶତ ବୃଦ୍ଧି ପାଇଛି। ତେବେ ୨୦୨୩ ନଭେମ୍ବରରେ ଏହା ୪.୮ ପ୍ରତିଶତ ହ୍ରାସ ପାଇଥିଲା। ୨୦୨୩ ନଭେମ୍ବରରେ ଗ୍ରାହକ ଅଣସ୍ଥାୟୀ ଦ୍ରବ୍ୟ ଉତ୍ପାଦନର ଅଭିବୃଦ୍ଧି ହାର ପ୍ରାୟ ୦.୬%ରେ ସ୍ଥିର ରହିଥିଲାବେଳେ ୨୦୨୩ ନଭମ୍ବରରେ ଏହା ୩.୪ ପ୍ରତିଶତ ହ୍ରାସ ପାଇଥିଲା। ତଥ୍ୟ ଅନୁଯାୟୀ ୨୦୨୪ ନଭେମ୍ବରରେ ନିର୍ମାଣ ସାମଗ୍ରୀ ୧୦% ବୃଦ୍ଧି ପାଇ ୧ ବର୍ଷ ପୂର୍ବେ ସମାନ ଅବଧିରେ ୧.୫% ଥିଲା। ତଥ୍ୟ ଅନୁଯାୟୀ, ୨୦୨୪ ନଭେମ୍ବରରେ ପ୍ରାଥମିକ ଦ୍ରବ୍ୟର ଉତ୍ପାଦନ ୨.୭% ଅଭିବୃଦ୍ଧି ପଞ୍ଜୀକୃତ ହୋଇଥିବାବେଳେ ବର୍ଷ ପୂର୍ବେ ନଭେମ୍ବରରେ ୮.୪ % ଅଭିବୃଦ୍ଧି ରେକର୍ଡ କରାଯାଇଥିଲା।

# ଖସିଲା ଶେୟାର ବଜାର

ମୁମ୍ବାଇ,୧୦।୧

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୪୧ (୨୪୧.୩୦) ପଏଣ୍ଟ କମି ୭୭,୩୭୯(୭୭,୩୭୮.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୫ (୯୫.୦୦) ପଏଣ୍ଟ ହ୍ରାସ ଘଟି ୨୩,୪୩୧(୨୩,୪୩୧.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡ୍କ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ହୋଣ୍ଡା ଏଲିଭେଟ୍‌ର ନ୍ୟୁ ବ୍ଲାକ୍ ଏଡିଶନ

ନୂଆଦିଲ୍ଲୀ,୧୦।୧

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ମଡେଲ ଏଲିଭେଟ୍‌ର ନ୍ୟୁ ବ୍ଲାକ୍ ଏଡିଶନ ନିକଟରେ ଅନାବରଣ ହୋଇଯାଇଛି। ଏପରିକି ଏସ୍ୟୁଭି ବର୍ଗର ଦୁଇଟି ସ୍ୱତନ୍ତ୍ର ଏଡିସନ 'ହୋଣ୍ଡା ଏଲିଭେଟ୍ ବ୍ଲାକ୍ ଏଡିଶନ ଏବଂ ହୋଣ୍ଡା ଏଲିଭେଟ୍ ସିଗ୍ନେଚର ବ୍ଲାକ୍ ଏଡିଶନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଏଡିସନଗୁଡ଼ିକ ନୂତନ କ୍ରିଷ୍ଟାଲ ବ୍ଲାକ୍ ପର୍ଲ କଲର (ରଙ୍ଗ)ରେ ଉପଲବ୍ଧ କରାଯାଇଛି। ଏପରିକି ବଜାରର ଚାହିଦା ଆଧାରରେ ଏହି ମଡେଲକୁ ପ୍ରଚଳନ କରାଯାଇଥିବାବେଳେ ଏହି ପ୍ରିମିୟମ ବ୍ଲାକ୍ ଏଡିଶନଗୁଡ଼ିକ ହୋଣ୍ଡାରୁ ବୋଲ୍ଡ, ସୋଫିଷ୍ଟିକେଟେଡ୍ ଏବଂ ଅନନ୍ୟ ଡିଜାଇନର ଏସ୍ୟୁଭି ଅନୁଭୂତି ଚାହୁଁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବ ବୋଲି କୁହାଯାଉଛି। ଏଚ୍‌ସିଆଇଏଲ୍‌ର ପ୍ରେସିଡେଣ୍ଟ ତଥା ସିଇଓ ତାକୁୟା ସୁମୁରା କହିଥିଲେ, ଆମେ ଆମର ନୂତନ ବ୍ଲାକ୍ ଏଡିଶନକୁ ଆନୁଷ୍ଠାନିକ ଭାବେ ଅନାବରଣକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଅନନ୍ୟ, ପ୍ରିମିୟମ ଏବଂ ସ୍ୱତନ୍ତ୍ର ଏସ୍ୟୁଭି ପ୍ରକରଣ ନିମନ୍ତେ ଆମ ଗ୍ରାହକଙ୍କ ଦ୍ୱାରା ମଜଭୁତ ଚାହିଦା ରହିଥିଲା।




# ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ

ଭୁବନେଶ୍ୱର,୧୦।୧

ବର୍ତ୍ତମାନ ଗ୍ରାହକ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ପାଇବା ସହିତ ଆବଶ୍ୟକ ସହାୟତା ମଧ୍ୟ ସହଜରେ ପାଇପାରିବେ ବୋଲି କାଜାରିଆ ଟାଇଲ୍ସର ଓଡ଼ିଶା ମୁଖ୍ୟ ତ୍ରିବିକ୍ରମ ନନ୍ଦ କହିଛନ୍ତି। ଏପରିକି ଉତ୍ପାଦର ଗୁଣବତ୍ତା ଓ ବ୍ୟବହାର ଉପରେ ମଧ୍ୟ ଶତପ୍ରତିଶତ ସହାୟତା ସହ କାଜାରିଆର ଗୁଣବତ୍ତା, ପ୍ରତିଯୋଗିତାମୂଳକ ମୂଲ୍ୟ, ଲୋକପ୍ରିୟତା ବୃଦ୍ଧି ଦିଗରେ ମଧ୍ୟ ନନ୍ଦ ଗୁରୁତ୍ୱ ଦେଇଥିବାବେଳେ ଗ୍ରାହକ ସନ୍ତୁଷ୍ଟି ଓ ଉତ୍ତମ ଗ୍ରାହକ ସେବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ, ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲ ଆନୁକୂଲ୍ୟରେ 'କାଜାରିଆ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଗୁରୁବାର ରସୁଲଗଡ଼ର ପଳାଶୁଣୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲର ଏମ୍‌ଡି ଶ୍ୟାମସୁନ୍ଦର ମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଜଗଦୀଶ ମାହେଶ୍ୱରୀ, ରୋନକ ମାନ୍ଧନା ଓ ନୀତେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଷ୍ଟୋନ୍ ଇଣ୍ଟରନ୍ୟାଶନାଲର ଏମ୍‌ଡି ଶ୍ୟାମସୁନ୍ଦର ମନ୍ତ୍ରୀ କାଜାରିଆ ଟାଇଲ୍ସର ଗୁଣବତ୍ତା ଏବଂ ଦୈନନ୍ଦୀନ ଜୀବନରେ ଏହାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।


# Classified Everyday
0674-2580101, 9692975378



REAL ESTATE

SALE

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.** D-2494

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-2538




Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

## AFFIDAVIT

By virtue of an affidavit sworn before Executive Magistrate, Dharmasala, dated: 08.01.2025. I, SASMITA SAHOO Address: Vill-Palar, P.O.-Jaraka, P.S.-Dharmasala, Dist.- Jajpur, declare that I have changed my name from MONALISHA SAHOO to SASMITA SAHOO. Henceforth, I shall be known as SASMITA SAHOO for all future purposes. D-2544

By virtue of an affidavit for Notary Public 10 Jan 2025, Madhusmita Dash, C/o- Girish Chandra Dash, Aadhaar xxxxxxxx6069 wrongly mentioned HSC or Aadhaar also name & DOB. It required to be produced for concerned authority for correction from Mamata Dash to Madhusmita Dash & DOB from 18.06.1991 to 27.03.1991 for all purposes. D-2537

By virtue of an affidavit sworn before the Executive Magistrate, Saintala, dt. 10.01.2025, I, Suresh Nanda, S/o- Bhika Nanda, R/o- Village-Bhorpada, P.O.- Siskela, P.S.- Saintala, Dist.- Balangir (Odisha), PIN-767032 declare that now I have changed my son's name from Yaqub Nanda to Yedu Deva Nanda. Henceforth my son shall be known as Yedu Deva Nanda for all purposes.
Suresh Nanda
D-2543

ଆମ୍ଭେ ମମତା ଦଳାଇ ଓରଫ ସଞ୍ଜୁଲତା ନାୟକ ଓରଫ ସଞ୍ଜୁଲତା ଦଳାଇ, ସ୍ୱାମୀ- ରମେଶ ଦଳାଇ, ଗ୍ରାମ- ଗୌଡ଼ପଡ଼ା, ପୋଷ୍ଟ- ଜାମୁଝାଡ଼ି, ଭାୟା/ଥାନା- ସିମୁଳିଆ, ଜିଲ୍ଲା - ବାଲେଶ୍ୱର ଅଟେ। ଗତ ତା୧୮।୧୧।୨୪ରିଖ ସିମୁଳିଆ ତହସିଲଦାରଙ୍କ ଇଜିଲାସ କରିଥିବା ସତ୍ୟପାଠ ନଂ.- ୪୦୦୫ ମୂଳେ ଘୋଷଣା କରୁଅଛୁ କି ଉପରୋକ୍ତ ତିନୋଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ମମତା ଦଳାଇ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବାବେଳେ ଆମ୍ଭେ ଗତ ତା.୦୪।୧୨।୧୪ ମସିହାରେ ଆମ୍ଭର ନାମ ସଞ୍ଜୁକ୍ତା ଦଳାଇ ନାମରେ ଜାମୁଝାଡ଼ି ପୋଷ୍ଟାଲରେ ଆରପିଏଲଆଇ କରିଥିଲୁ। ଉକ୍ତ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ ଆରପିଏଲଆଇ ଟଙ୍କା ଉଠାଇବା ପାଇଁ ଏହା ଘୋଷଣା କରୁଅଛୁ। ଧ-୨୫୪୧

ମୁଁ ପ୍ରମୋଦ ସେଠୀ, ପିତା- ପବନି ସେଠୀ, ଗ୍ରାମ/ପୋଷ୍ଟ- ରଗଡ଼ି, ଥାନା- ବାଙ୍କି, ଜିଲ୍ଲା- କଟକ- ୭୫୪୦୦୮ ବାଙ୍କି ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ୩୦।୧୨।୨୦୨୪ ସତ୍ୟପାଠ ଅନୁଯାୟୀ ମୋର ସଂଜ୍ଞା "ସେଠୀ"ରୁ ପ୍ରଧାନକୁ ପରିବର୍ତ୍ତନ କରିଅଛି। ଏହି ଦିନଠାରୁ ଆମ୍ଭେ ସମସ୍ତ କ୍ଷେତ୍ରରେ ପ୍ରମୋଦ ପ୍ରଧାନ ଭାବେ ପରିଚିତ, ପଞ୍ଜୀକୃତ ହେବୁ।
ସ୍ୱା- ପ୍ରମୋଦ ପ୍ରଧାନ, ରଗଡ଼ି, ବାଙ୍କି, କଟକ
ଧ-୨୫୪୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୧୪ତମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁବାସିନୀ ମଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୧୧।୦୧।୨୦୧୧
ତୁମ ସ୍ଥାନ ମା' କିଏ ପୂର୍ଣ୍ଣ କରିବ? ଜୀବନର ଯାତ୍ରା ସମୟର ରାସ୍ତା ଅଟକି ନ ଯାଇ ଗଡ଼ି ଚାଲିଲେ ବି ତୁମ ସ୍ଥାନ ଶୂନ୍ୟ ରହିଯିବ ....
ତୁମର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ବନ୍ଧୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୪୬୦

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ରଣଜିତ ରାୟ
ବରିଷ୍ଠ ଆଇନଜୀବୀ
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଆମ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଏବଂ ବନ୍ଧୁବର୍ଗ।
ଧ-୭୬୦୩୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦିନମଣି ମିଶ୍ର (ଗାଜିପୁର)
ପ୍ରଫେସରପଡ଼ା, କଟକ
ଆବିର୍ଭାବ: ୧୪।୦୪।୧୯୩୧
ତିରୋଧାନ: ୦୧।୦୧।୨୦୨୫
ତୁମ ସ୍ମୃତି ଆମ ସମସ୍ତଙ୍କ ପାଇଁ ଅମ୍ଲାନ ହୋଇ ରହିଛି। ତୁମ ନିଷ୍କପଟତା, ସମାଜସେବା, ପରୋପକାରିତା, ଦୃଢ଼ ମନୋବଳ ଓ ସୂର୍ଯ୍ୟଦୀପ୍ତ କାର୍ଯ୍ୟଦକ୍ଷତା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁତ୍ର: ଅରବିନ୍ଦ, ବଧୂ: ଗୀତାଞ୍ଜଳି, କନ୍ୟା: ବେବି, ରୁବି, ଛବି, ଜ୍ୱାଇଁ: ସିଦ୍ଧାର୍ଥ, ମନମୋହନ, ନାତି: ବିଟୁନ, ପୁପନ, ରିଙ୍କା, ଚିଙ୍କୁ, ରିଷ୍ଟୁ, ସମ୍ପୂର୍ଣ୍ଣ, ଶ୍ରୀମୟ, ଶ୍ରୀନୁ।
ଧ-୨୫୩୯

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଏଆଇଇସି ସହ ଆଇସିସିର ବୁଝାମଣା




ଭୁବନେଶ୍ୱର,୧୦।୧

ଏସିଆନ ଇଣ୍ଡିଆ ଇକୋନୋମିକ କାଉନସିଲ (ଏଆଇଇସି) ଏବଂ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଉଭୟ ପକ୍ଷର କମ୍ପାନୀ, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ଲାଗି ଏକ ବୃହତ୍ ପ୍ଲାଟ୍‌ଫର୍ମ (ଫୋରମ) ସୃଷ୍ଟି କରିବା ଦିଗରେ ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଭୁବନେଶ୍ୱରଠାରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ-୨୦୨୫ ଅବସରରେ ଏହି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ଓଡ଼ିଶା ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଏଆଇଇସି ମାଲେସିଆ ଅଧ୍ୟକ୍ଷ ଡାଟୋ ରମେଶ କୋଡାମାଲ, ଏଆଇଇସି ଫିଲିପାଇନ୍ସ ସହ ଅଧ୍ୟକ୍ଷ ଜୋନି ଛୋଟରାଣୀ, ଇନ୍‌ଭେସିଫାଏ କମ୍ପାନୀ ଲିମିଟେଡ୍ ହାନୋଇ ଭିଏତ୍‌ନାମର ସିଇଓ ଇନ୍ଦ୍ରନିଲ ସେନ୍‌ଗୁପ୍ତା, ଓକାକ୍‌ର ପରିଚାଳନା ନିର୍ଦ୍ଦେଶକ (ସୂଚନା ପ୍ରଯୁକ୍ତିବିଦ୍ୟା) ବିଭାଗର ମାନସ ପଣ୍ଡା ଏବଂ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପାଲଙ୍କ ଉପସ୍ଥିତରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ସେହିଭଳି ଏହି ଚୁକ୍ତିନାମା ଅନୁଯାୟୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ, ଭାବର ଆଦାନ ପ୍ରଦାନ ଏବଂ ନିୟାମକ କ୍ଷେତ୍ରରେ ଏସିଆନ ଦେଶଗୁଡ଼ିକ ମିଳିତ ହୋଇ କାର୍ଯ୍ୟ କରିବେ। ପରିଶେଷରେ ଆଇସିସି ରାଜ୍ୟ ପରିଷଦର ଉପାଧ୍ୟକ୍ଷ ନୀଲାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିରା ଷ୍ଟୋରରେ ଟିର୍‌ଟିର ଉତ୍ପାଦ ସମ୍ଭାର

ମୁମ୍ବାଇ,୧୦।୧

ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା ଟିରା ଷ୍ଟୋରରେ କୋରିଆ ସ୍କିନ୍ କେୟାର ଏବଂ ମେକ୍‌ଅପ୍ ବ୍ରାଣ୍ଡ ଟିରଟିରର ଉତ୍ପାଦଗୁଡ଼ିକ ଉପଲବ୍ଧ ହେଉଛି ବୋଲି ରିଲାଏନ୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ପ୍ରଥମ ଥର ପାଇଁ ଭାରତୀୟ ବଜାରର କୌଣସି ଷ୍ଟୋରରେ ଟିରଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଉତ୍ପାଦ ଓ ପ୍ରସାଧନ ସାମଗ୍ରୀ ଉପଲବ୍ଧ ହେବ। ଏହା ବ୍ୟତୀତ ଗ୍ରାହକମାନେ ଟିରା ଆପ୍‌ରୁ ମଧ୍ୟ ଟିରଟିର ଉତ୍ପାଦ କିଣିବାକୁ ସକ୍ଷମ ହେବେ। ସେହିଭଳି କୋରିଆର ଟିରଟିର ବ୍ରାଣ୍ଡ୍ ତା'ର ଅଭିନବ ସୌନ୍ଦର୍ଯ୍ୟ ଉତ୍ପାଦ, ପ୍ରିମିୟମ ଗୁଣ ଏବଂ ଚମତ୍କାର ଫର୍ମୁଲେଶନ ସୂତ୍ର ପାଇଁ ବେଶ୍ ଜଣାଶୁଣା ହୋଇଥିଲାବେଳେ ଦୁନିଆର ବହୁ ସଂଖ୍ୟକ ଗ୍ରାହକ ଟିରଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଓ ପ୍ରସାଧନ ଉତ୍ପାଦକୁ ଅନୁସରଣ କରିଥାନ୍ତି। ବିଶେଷକରି ଏହାର ମାସ୍କ ଫିଟ୍ ରେଡ୍ କୁଶନ ଫାଉଣ୍ଡେଶନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲାବେଳେ ପ୍ରାରମ୍ଭିକ ଭାବେ ଟିରଟିର ବ୍ରାଣ୍ଡ କିଛି ନିର୍ଦ୍ଦିଷ୍ଟ ଟିରା ଷ୍ଟୋର୍ ସହିତ ଟିରା ଆପ୍‌ରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ସେହିପରି ପ୍ରାରମ୍ଭରେ ଏହା ମୁମ୍ବାଇର ଜିଓ ୱାର୍ଲ୍ଡ ଡ୍ରାଇଭ୍, ଅନ୍ଧେରୀ ଓ ମଲାଡ଼ ସ୍ଥିତ ଇନ୍‌ଫିନିଟି ମଲ୍‌ସମେତ ଦିଲ୍ଲୀର ବସନ୍ତକୁଞ୍ଜ ସ୍ଥିତ ଡିଏଲ୍‌ଏଫ୍ ଆଭେନ୍ୟୁ ଏବଂ ବେଙ୍ଗାଲୁରୁର ମଲ୍ ଅଫ୍ ଏସିଆ ଭଳି ୫ଟି ପ୍ରମୁଖ ଟିରା ଷ୍ଟୋରରେ ଟିରଟିର ବ୍ରାଣ୍ଡ ଉତ୍ପାଦ ଉପଲବ୍ଧ ହେଉଛି।

ଉଲ୍ଲେଖଯୋଗ୍ୟ, ଟିରଟିର ବ୍ରାଣ୍ଡର ଲୋକପ୍ରିୟ ଉତ୍ପାଦଗୁଡ଼ିକ ମଧ୍ୟରେ ହାଇଡ୍ରେଟିଂ ଏବଂ ସତେଜ ସ୍କିନ୍ କେୟାର ଏସେନସିଆଲ୍ ମିଲ୍କ-ସ୍କିନ୍ ଟୋନର, ଟିରଟିର ସେରାମିକ୍ କ୍ଷୀର ଏମ୍ପୁଲ ସାମିଲ ରହିଛି, ଯାହା ଏକ ପ୍ରିମିୟମ ସ୍କିନ୍ କେୟାର ସମାଧାନ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ରହୁଥିବା ମାସ୍କ ଫିଟ୍ ମେକଅପ୍ ଫିକ୍ସରକୁ ସହାୟତା କରିଥାଏ।



# ଭାରତର ସଂସ୍କୃତି ନିର୍ମାଣରେ ଆଦିବାସୀ

ଡ. ମହେନ୍ଦ୍ର କୁମାର ମିଶ୍ର



ଅବଲୋକନ

ଆଜି ଯାହାକୁ ଭାରତଭୂମି ରୂପେ ଆମେ ଦେଖୁଛୁଁ, ତାହାଠୁ ବି ବଡ଼ ଏକ ଭୂଖଣ୍ଡ 'ନାଗ' ଦେଶ ରୂପେ ପରିଚିତ ଥିଲା। ଭାରତର ଏହି ନାଗଭୂମି ପରିଚୟ ଖୁବ୍ ପ୍ରାଚୀନ। ବେଦ ଉପନିଷଦଠାରୁ ବି! ନାଗମାନେ ଆଜିର ଆଦିବାସୀ। ସେମାନେ ପ୍ରକୃତି ପୂଜା କରୁଥିଲେ। ପ୍ରକୃତିର ସନ୍ତାନ ରୂପେ ଅରଣ୍ୟର ସୁରକ୍ଷା ସେମାନଙ୍କ ଧର୍ମ ଓ କର୍ତ୍ତବ୍ୟ ଥିଲା। ଶାସ୍ତ୍ର ଲିଖିତ ହେବା ପୂର୍ବର ଅବସ୍ଥା ଇଏ। ପ୍ରକୃତି ପୂଜାର ଅନେକ ମନ୍ତ୍ର ଓ ସ୍ତୋତ୍ର ଏହି ନାଗ, ଅଷ୍ଟ୍ରିକ୍ ବା ମୁଣ୍ଡା ଗୋଷ୍ଠୀର ଲୋକଙ୍କ ଧର୍ମ ଧାରଣାରେ ଥିଲା, ଯାହା ପରେ ଦ୍ରାବିଡ଼ ଓ ଆର୍ଯ୍ୟଙ୍କ ବୈଦିକ ମନ୍ତ୍ରରେ ରୂପାନ୍ତରିତ ହେଲା। ଅଷ୍ଟ୍ରିକ୍‌ମାନେ ଅରଣ୍ୟ ସଭ୍ୟତାର ସଂରକ୍ଷକ ଓ ଦ୍ରାବିଡ଼ମାନେ ନଗର ସଭ୍ୟତାର ପ୍ରବର୍ତ୍ତକ। ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିରେ ଅଷ୍ଟ୍ରିକ୍ ବା ମୁଣ୍ଡାରୀ ସଂସ୍କୃତିର ପ୍ରଭାବ, ଲୋକ ପୁରାଣ ତଥା ବେଦ, ଉପନିଷଦରେ ବର୍ଣ୍ଣିତ। କଥା ଶାସ୍ତ୍ରରେ ଲେଖା ହେଲାପରେ ଲେଖାକୁ ହିଁ ପ୍ରମାଣ ବୋଲି ସଭିଏଁ ମାନିଲେ। ଏହି ଶାସ୍ତ୍ର ଭିତରେ ବି ଆର୍ଯ୍ୟ– ଆଦିବାସୀର ସାଂସ୍କୃତିକ ସମନ୍ୱୟ ସ୍ଥାନ ପାଇଲା। ଆର୍ଯ୍ୟମାନେ ସୁର ଓ ଅନାର୍ଯ୍ୟ ଅସୁର। ଅନାର୍ଯ୍ୟ ଏକ ସଭ୍ୟତାର ପ୍ରତୀକ। ଆଜିର ଅବଜ୍ଞା ସୂଚକ ଶବ୍ଦ ନୁହେଁ। ସମୟ ଥିଲା ଅନାର୍ଯ୍ୟମାନେ ଆର୍ଯ୍ୟଙ୍କଠାରୁ ଉନ୍ନତ ମାନବସଭ୍ୟତାର ନିର୍ମାଣ କରିଥିଲେ। ସେକାଳରେ ଯେ କୌଣସି ବ୍ୟକ୍ତି ବା ଗୋଷ୍ଠୀ ଆର୍ଯ୍ୟ ହୋଇପାରୁଥିଲେ।

ଶତପଥ ବ୍ରାହ୍ମଣରେ ଉଲ୍ଲେଖ ଅଛି, ପ୍ରଜାପତି ଦେବ, ମାନବ ଓ ଦାନବଙ୍କୁ ବ୍ରହ୍ମଚାରୀ ବ୍ରତ ଧାରଣ କରାଇ ସେହି ତିନିଜଣଙ୍କୁ ଗୋଟିଏ ଅକ୍ଷରରୁ ହିଁ ଜ୍ଞାନ ଦେଲେ। ତିନିହେଁ କହିଲେ– ଗୁରୁଦେବ! ଆମକୁ ଶିକ୍ଷାଦିଅ। ପ୍ରଜାପତି କହିଲେ– 'ଦ'। ବୁଝିଲତ? ତିନିହେଁ କହିଲେ– ହଁ ଗୁରୁଦେବ, ବୁଝିଲୁ। ଗୁରୁ 'ଦେବ'ଙ୍କୁ ପଚାରିଲେ–କ'ଣ ବୁଝିଲ? ଦେବ କହିଲେ– ଆତ୍ମ ନିୟନ୍ତ୍ରଣ କର। ପ୍ରଜାପତି କହିଲେ– ତୁମେ ଠିକ୍ ବୁଝିଲ। ସେଇଠୁ ସେ ମାନବଙ୍କୁ ପଚାରିଲେ– ତୁମେ କହ 'ଦ' ଅର୍ଥ କ'ଣ ବୁଝିଲ? ମାନବ କହିଲେ– ଦୃଢ଼ ହୁଅ। ପ୍ରଜାପତି କହିଲେ– ଠିକ୍ ବୁଝିଛ। ଶେଷରେ ସେ ଦାନବଙ୍କୁ ପ୍ରଶ୍ନ କଲେ– 'ଦ' ଅର୍ଥ ତୁମେ କ'ଣ ବୁଝିଲ? ଦାନବ କହିଲେ– 'ଦୟାଳୁ ହୁଅ'। ପ୍ରଜାପତି ଖୁସି ହୋଇ କହିଲେ– ତୁମେ ତିନିହେଁ ସମସ୍ତେ ଠିକ୍ ବୁଝିଛ ଓ ଠିକ୍ ଉତ୍ତର ଦେଇଛ। ଏହା ହିଁ ଦୈବବାଣୀ। ଏହାକୁ ନେଇ ତୁମେ ସଂସାର ପାଳନ କର। ବୈଦିକ କାଳର ଏହି ଦେବ, ମାନବ, ଦାନବଙ୍କ ସେହି 'ଦ' ଅକ୍ଷରର ମାନବୀୟ ମୂଲ୍ୟବୋଧ ଆଜିର ଇତିହାସରେ ବଦଳିଯାଇଛି। ଆଦିବାସୀକୁ ନାନା କଦର୍ଥ କରି ଶାସ୍ତ୍ର ପୁରାଣରେ ବର୍ଣ୍ଣନା ଅଛି, ହେଲେ ପ୍ରଜାପତିଙ୍କ ସେହି ଦାନବ 'ଦୟାଳୁ' ହୋଇ ଆଜି ସର୍ବହରା। ଆତ୍ମନିୟନ୍ତ୍ରଣକାରୀ ଏବଂ ଦୃଢ଼ ଦେବ ଓ ମାନବମାନେ ଦୟାଳୁ ଉପରେ ଦାଉ ସାଧିବା ଇତିହାସ ଓ ପୁରାଣରେ ଲିଖିତ।

ପ୍ରାକ୍‌ବୈଦିକ କାଳ ହିଁ ଅଷ୍ଟ୍ରିକ୍‌ମାନଙ୍କ କାଳ। ନାଗମାନଙ୍କ କାଳ। ମହାଭାରତ କାଳରେ କୃଷ୍ଣଙ୍କ କାଳୀୟ ନାଗ ଦଳନ କରିବା, ଅର୍ଜୁନ ଖାଣ୍ଡବବନ ଦହନ କରିବାରୁ ନାଗ ଜାତି ଲୋପ ପାଇଯିବା ଓ ତା'ର ପ୍ରତିଶୋଧ ନେବା ପାଇଁ ତକ୍ଷକ ନାଗ ପଣ କରିବା ପଛରେ ଏକ ସାଂସ୍କୃତିକ ସଂଘର୍ଷର ଚିତ୍ର ରହିଛି। ଆର୍ଯ୍ୟମାନେ ଜଙ୍ଗଲରେ ଯଜ୍ଞ କରିବେ, ଜଙ୍ଗଲରେ ନିଆଁ ଲାଗିଯିବ। ଜଙ୍ଗଲକୁ ବଞ୍ଚାଇବା ପାଇଁ ଆର୍ଯ୍ୟଙ୍କ ସହ ଲଢ଼େଇ କରିବେ ନାଗ। ଆର୍ଯ୍ୟ–ନାଗ ଯୁଦ୍ଧର ଏହାହିଁ କାରଣ। ଖାଣ୍ଡବ ବନରେ ମହୌଷଧି ଅଛି, ତାହା ଆର୍ଯ୍ୟଙ୍କର ପ୍ରୟୋଜନ। କିନ୍ତୁ ଜଙ୍ଗଲ ଧ୍ୱଂସ ହେଲେ ଦାନବ ରହିବେ କେଉଁଠି? ଅଗ୍ନିର ଉପାସକ ଆର୍ଯ୍ୟଙ୍କୁ ଜଙ୍ଗଲରୁ ତଡ଼ିବା ପାଇଁ ଥିବା ଦାନବଙ୍କ ଲକ୍ଷ୍ୟ ପଛରେ ନିହିତ ଥିଲା ପରିବେଶ ସୁରକ୍ଷା। ଏହା ସତ୍ତ୍ୱେ ଅନେକ ଦାନବ, ଅସୁର ସେ କାଳରେ ଆର୍ଯ୍ୟରେ ରୂପାନ୍ତରିତ ହୋଇଛନ୍ତି। ଆର୍ଯ୍ୟମାନେ ଅଗ୍ନିକୁ ଚିରକାଳ ଜାଳି ରଖୁଥିଲେ। ଓଡ଼ିଶାର ଜୁଆଙ୍ଗ ଏହି ଶାଶ୍ୱତ ଅଗ୍ନିକୁ ନିଜ 'ମଜାଙ୍ଗ୍' ବା ମଣ୍ଡଘରେ ଆଜି ବି ଜାଳି ରଖୁଛନ୍ତି। ଏହା ସେମାନଙ୍କ ଇତିହାସର କଥା। ଆଜି ବି ତାହା ଆଚରଣର ଅବଶେଷ ରୂପେ ଅଛି। ଆର୍ଯ୍ୟମାନଙ୍କ ଗୋତ୍ର ସନ୍ତକ ଥିଲା ଅଗ୍ନି। ରାକ୍ଷସମାନେ ଜଙ୍ଗଲକୁ ଅଗ୍ନି ଦାଉରୁ ରକ୍ଷା କରିବା ପାଇଁ ଯଜ୍ଞ ଧ୍ୱଂସ କରୁଥିଲେ। ମୋଟାମୋଟି ଭାବେ 'ଅଗ୍ନି'ର ବ୍ୟବହାରକାରୀ ଆର୍ଯ୍ୟଙ୍କୁ ଏକ ଅଲୌକିକ ଓ ଐଶ୍ୱରୀୟ ଶକ୍ତିର ପ୍ରତୀକ ରୂପେ ମାନି ରାକ୍ଷସ ଓ ତାଙ୍କ ସାଥୀମାନେ ଯେଉଁ ସାଂସ୍କୃତିକ ସଂଗ୍ରାମ କଲେ, ତା'ର ମୂଳ ଥିଲା ଜଙ୍ଗଲରେ ଅଗ୍ନି କୈନ୍ଦ୍ରିକ ସଂଘର୍ଷ। ଦାନବ, ରାକ୍ଷସମାନେ ଆର୍ଯ୍ୟ ଓ ଦ୍ରାବିଡ଼ଙ୍କଠାରୁ ଗ୍ରାମ ଓ ନଗର ସଭ୍ୟତା ଶିଖିଲେ। ଜମି ଉପରେ ଅଧିକାର ଶିଖିଲେ, ପୋଡ଼ା ଇଟାର ବ୍ୟବହାର ଶିଖିଲେ, ଜଙ୍ଗଲର ଜଡ଼ିବୁଟିକୁ ନେଇ ଔଷଧ ତିଆରି ଶିଖିଲେ। ଆମେ ଏବେ ଯାହାକୁ 'ଖଣତି' କହୁଛୁ, ଚେର ମୂଳ ଖୋଳିବାର କୋଡ଼ିକୁ 'ଖଣନ୍ତ' କୁହାଯାଉଥିଲା।

ସମୟକ୍ରମେ ଆର୍ଯ୍ୟ ଓ ଆଦିବାସୀଙ୍କର ସଂଘର୍ଷ ଓ ସମନ୍ୱୟ ରୂପ ପରିବର୍ତ୍ତନ କଲା। ଉଭୟ ସଂସ୍କୃତି ପରସ୍ପରଠାରୁ ବିବିଧ ଜୀବନଯାପନର ନାନା କୌଶଳ ଶିଖିଲେ। ଅସୁରୀ ଦୁହିତା ପ୍ରଥମେ ଜଡ଼ିବୁଟିର ଆବିଷ୍କାର କଲେ। ସାପ କାମୁଡ଼ା ଓ ରୋଗରୁ ମଣିଷକୁ ବଞ୍ଚାଇଲେ। ଔଷଧ, ମଦ୍ୟ ଓ ଲୁହାର ଆବିଷ୍କାର ପ୍ରଥମେ ଏହି ଦାନବ, ଅସୁର ଓ ରାକ୍ଷସମାନେ ହିଁ କଲେ। ଡିମିରିଗଛର ମହତ୍ତ୍ୱ ପ୍ରଥମେ ଏହି ଆଦିବାସୀ ହିଁ ସମସ୍ତଙ୍କୁ ଶିଖାଇଲେ। ପିତୃପୂଜା ପରମ୍ପରା ଆଦିବାସୀଙ୍କଠାରୁ ଆର୍ଯ୍ୟମାନେ ଶିଖିଲେ। ଆର୍ଯ୍ୟ ଆଦିବାସୀଙ୍କର ଐତିହାସିକ ସହାବସ୍ଥାନକୁ ନେଇ ଯେଉଁ ବିତର୍କ ଚାଲିଛି, ତହିଁରେ ସଂଘର୍ଷ ପକ୍ଷକୁ ହିଁ ବେଶି ଗୁରୁତ୍ୱ ଦିଆଯାଇଛି। ଏ ଦେଶର ସମ୍ବିଧାନ ତଥା ଦେଶର ସାଂସ୍କୃତିକ ସହାବସ୍ଥାନ ବିବିଧତାକୁ ସମ୍ମାନ ଦେଇ ଏକତା ରକ୍ଷା କରିବା ପ୍ରଥାକୁ ସ୍ୱୀକାର କରେ। ଏ ଦେଶର ଆଦିବାସୀଙ୍କ ମୌଖିକ ଇତିହାସ ଓ ଧର୍ମାଚାର ଯାହା ଲୋକଙ୍କ ଲିଖିତ ଶାସ୍ତ୍ରରେ ନାହିଁ ଅଥଚ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ରହିଛି ତା'ର ଆଲୋଚନା ବଦଳରେ ଏକ ବିଭାଜନକାରୀ ତତ୍ତ୍ୱରେ ଲୋକେ ଜଡ଼ିତ। ଏ ଦେଶର ସହାବସ୍ଥାନକୁ ବିଗାଡ଼ିଥିବା ବିଦେଶୀ ସିଦ୍ଧାନ୍ତ ଓ ବିଭାଜନକାରୀ ତତ୍ତ୍ୱ ଉପରେ ଶିକ୍ଷିତ ସଂସ୍କୃତିପୁନରାବଲୋକନ କରିବା ଦରକାର।

ଆଦିବାସୀ ସଂସ୍କୃତି, ସଭ୍ୟତା ଓ ଶିକ୍ଷା ଆମ ସମୟରେ ଏକ ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରିବାର ଶକ୍ତି ରଖିଛି। ଆଦିବାସୀ ବିଶ୍ୱଯୁଦ୍ଧ କରିନାହିଁ କିମ୍ବା କ୍ଷମତା ପାଇଁ ସନ୍ଧି କରି ନାହିଁ। ଅସଲ କଥା ଆଦିବାସୀର ଦୃଷ୍ଟି ଓ ଦର୍ଶନ ହେଉଛି ଏକ ବିଶ୍ୱ–ସଂସ୍କୃତି, ଯାହାର ପ୍ରତିକୂଳରେ ବିଦ୍ୟମାନ ବସ୍ତୁବାଦୀ ସଭ୍ୟତା। ସାରା ବିଶ୍ୱରେ ଏହି ଦୁଇ ଶକ୍ତିର ଲଢ଼େଇ। ଦଳେ କହୁଛନ୍ତି ଏ ଧରଣୀ ଆମର ମା', ଆମେ ଆମ ମା'କୁ ରକ୍ଷା କରିବୁ, ଆଉ ଦଳେ କହୁଛନ୍ତି ଧରଣୀ ମା' ହେବ କିପରି? ଏହା ନିରୋଳ ବସ୍ତୁ, ପ୍ରକୃତିକୁ ଯେତିକି ବ୍ୟବହାର କରିବ ସେତିକି ସୁଖ ସମୃଦ୍ଧି ମିଳିବ। ପ୍ରକୃତିର ଜୈବ ସାଂସ୍କୃତିକ ବିବିଧତାକୁ ଉପେକ୍ଷା କରି ଆଜିର ଆଧୁନିକ ବ୍ୟବସ୍ଥା ଯେପରି ପାହାଡ଼ କିଣାରେ ମାତିଛି, ତାହା ଖାଲି ସ୍ଥାନୀୟ ମଣିଷକୁ ନୁହେଁ, ବରଂ ପୃଥିବୀକୁ ଧ୍ୱଂସ ଆଡ଼କୁ ଟାଣିନେଉଛି। ଆଦିବାସୀ ସଂସ୍କୃତିର ମୂଳ ଆଦିବାସୀ ପ୍ରକୃତି ଓ ପ୍ରକୃତି ଭିତରେ ଥିବା ଈଶ୍ୱର ଓ ଧରଣୀମାତା। ଏ ପୃଥିବୀ ନ ବଞ୍ଚିଲେ ଆଧୁନିକ ମଣିଷ ବି ବଞ୍ଚିପାରିବ ନାହିଁ। ନିଜ ଅଜାଣତରେ ଆଜିର ମଣିଷ ଧ୍ୱଂସର ପୃଥିବୀ ଉପରେ ଠିଆ ହେଲାଣି। ଆଜିର ଦୁନିଆରେ ଶିକ୍ଷିତ ଆଦିବାସୀ ସଂସ୍କୃତି, ନିରକ୍ଷର ଆଦିବାସୀଙ୍କ ପାଇଁ ପ୍ରଥମେ ଆଗେଇ ଆସିବା ଦରକାର। ବ୍ୟବସ୍ଥାରେ ସଂସ୍କୃତିର ଜୟଗାନ ସଙ୍ଗେ ପ୍ରକୃତିର ଜୟଗାନ ନ ହେଲେ ସଂସ୍କୃତି ବା ବଞ୍ଚିବ କେଉଁଠୁ?

ମୋ: ୯୯୯୩୩୦୬୩୧୫

## ପୁସ୍ତକ ପରିଚୟ

### ୨୪ଟି ଭାରତୀୟ ଭାଷାର ନିର୍ବାଚିତ ଗଳ୍ପ ସଂକଳନ




**ଅନୁବାଦିକା:** କନକ ମଞ୍ଜରୀ ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ୍, ଆମେରିକା।
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୬୦/–

ମୋଟ ୨୪ଟି ଭାଷାର ୨୪ଟି ଗଳ୍ପର ଅନୁବାଦ ଏହି ସଂକଳନରେ ସ୍ଥାନିତ, ଯନ୍ମଧ୍ୟରୁ ନେପାଳୀ ଭାଷା ଅନ୍ୟତମ। ଅନ୍ୟ ୨୩ଟି ଭାଷା ହେଲା– ତାମିଲ୍, ଇଂଲିଶ୍, ମଣିପୁରୀ, କୋଙ୍କଣୀ, ମରାଠୀ, କୋକବୋରକ (ତ୍ରିପୁରା), ମୈଥିଳୀ, ମିଜୋ, ବଙ୍ଗଳା, ବୋଡ଼ୋ, ହିନ୍ଦୀ, ଖାସି (ମେଘାଳୟ), ପଞ୍ଜାବୀ, ରାଜସ୍ଥାନୀ, ତେଲୁଗୁ, ଅହମିୟା, ସିନ୍ଧି, ଗୁଜରାଟୀ, ଉର୍ଦ୍ଦୁ, ନାଗା (ନାଗାଲାଣ୍ଡ), ମାଲୟାଲମ୍, କନ୍ନଡ଼ ଓ କଶ୍ମୀରୀ (କାଶ୍ମୀର)। ଅନୁବାଦିକା ମୂଳ ଗଳ୍ପର ଲେଖିକାଲେଖକଙ୍କ ସଂକ୍ଷିପ୍ତ ପରିଚୟ ବହି ଶେଷରେ ଦେଇଛନ୍ତି। କିନ୍ତୁ ଯାହା ଗୁରୁତ୍ୱପୂର୍ଣ୍ଣ, ତାହା ଲେଖିବାକୁ ଭୁଲିଯାଇଛନ୍ତି ବା ପ୍ରୟୋଜନୀୟ ମଣିନାହାନ୍ତି। ତାହା ହେଲା– ଅନୁବାଦିକା କେଉଁ ଗଳ୍ପକୁ କେଉଁ ମୂଳଭାଷାରୁ ଓ କେଉଁ ଗଳ୍ପକୁ ହିନ୍ଦୀ, ଇଂଲିଶ୍, ବଙ୍ଗଳା ଓ ଅହମିୟା ଆଦି ଭାଷା–ମାଧ୍ୟମରୁ ଅନୁବାଦ କରିଛନ୍ତି, ତାହା ଜଣାଇନାହାନ୍ତି। ତା'ଛଡ଼ା ଅନୂଦିତ ଗଳ୍ପଗୁଡ଼ିକର ଶୀର୍ଷକ ମୂଳଭାଷାରେ କ'ଣ ଥିଲା ଓ ଗଳ୍ପଟି ମୂଳ ଲେଖକଙ୍କର କେଉଁ ବହି ବା କେଉଁ ପତ୍ରିକା ସୂତ୍ରରୁ ପ୍ରାପ୍ତ, ତାହା ମଧ୍ୟ ସୂଚାଇ ନାହାନ୍ତି। ଅନୁବାଦକାଳୀନ ନିଜର ଅନୁଭୂତି ବା ଅନୂଦିତ ଗଳ୍ପଗୁଡ଼ିକର ଅନନ୍ୟତା ବିଷୟରେ ସେ ନୀରବ ରହିଛନ୍ତି। ଏହା ସତ୍ତ୍ୱେ ଗଳ୍ପଗୁଡ଼ିକ କଳେବର ଦୃଷ୍ଟିରୁ ବେଶୀ ବଡ଼ ହୋଇ ନ ଥିବାରୁ ଓ ଅନୁବାଦର ଭାଷା ସାବଲୀଳ ଏବଂ ମନଛୁଆଁ ହୋଇଥିବାରୁ ଆଲୋଚ୍ୟ ପୁସ୍ତକଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଚେନାଏ ହସ ପାଇଁ




**କବି:** ପୀତାମ୍ବର ମହାପାତ୍ର
**ପ୍ରକାଶକ:** ଆଷାଢ଼, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/–

ମୋଟ ୬୮ଟି କବିତା ଆଲୋଚ୍ୟ କବିତା ସଂକଳନରେ ପତ୍ରସ୍ଥ। କବିତାଗୁଡ଼ିକର ବିଷୟ ବିବିଧ ଓ ବିଷୟକୁ ଆଶ୍ରୟ କରି ପ୍ରକାଶନ ଶୈଳୀ ମଧ୍ୟ ବିବିଧତାର ପରିଚାୟକ। ପ୍ରାୟ କବିତାରେ ସୁଖଦୁଃଖର ଜୀବନ ବଞ୍ଚୁଥିବା ଲୋକଟିଏକୁ ଆବିଷ୍କାର କରିହୁଏ। ଯଥା: 'ବାଇକୁ ମନକଥା କହୁଥିବା ମଣିଷଟିଏ'। ଏଥିରେ କବି ତାଳ ବାହୁଙ୍ଗାରେ ଝୁଲୁଥିବା ବାୟାକୁ ଡାକି କହନ୍ତି– ତୁ' ସେଇଠି ଭଲରେ ଥା'। କେବେ ବି ମଣିଷ ହେବାକୁ ଆଶା କରନା। କାରଣ ମଣିଷ ଜୀବନରେ ନାନା ବାଧା, ନାନା ବନ୍ଧନ। ମଣିଷ ଜୀବନ 'ମରିମରି ଜିଇବା'। ମୁମୂର୍ଷୁ ପ୍ରାୟ 'ଗାଁ ପାଠାଗାର' ବିଷୟରେ କହିବାକୁ ଯାଇ କବି କହନ୍ତି– ''ଗାଁ ପାଠାଗାରର କବାଟ ଅଗଷ୍ଟ ପନ୍ଦର ବା ଜାନୁଆରୀ ଛବିଶ ତାରିଖ ପୂର୍ବଦିନ ହିଁ ଖୋଲାଯାଏ। ପୁଣି ସେହି ନିର୍ଦ୍ଦିଷ୍ଟ ତାରିଖର ପୂର୍ବଦିନ ଯାଏ କବାଟ ବନ୍ଦ ଥାଏ।'' ବ୍ୟତିକ୍ରମ ସତ୍ତ୍ୱେ ଏହା ହିଁ ହେଉଛି ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ପାଠାଗାରଗୁଡ଼ିକର ସ୍ଥିତି। କବି ତାଙ୍କ କବିତାଗୁଡ଼ିକରେ ଆଖିଦେଖା ଓ ଅଙ୍ଗେନିଭା ଅନୁଭୂତି ନିଛକ, ନିରାଡ଼ମ୍ବର ଭାଷାରେ ବର୍ଣ୍ଣନା କରିଛନ୍ତି। ମୁକ୍ତ ବାସ୍ତବତାର ଏସବୁ କବିତା ଗୋଟିଏ ଗୋଟିଏ ଜୀବନ୍ତ ଦସ୍ତାବିଜ୍। ଅଭିମତ ଲେଖିଛନ୍ତି ଅଧ୍ୟାପକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଓ କହିଛନ୍ତି: ''କବିଙ୍କର ଯେତିକି କବିତା ଏ ଲେଖକର ଦୃଷ୍ଟିକୁ ଆସିଛି, ସବୁଥିରେ ସେ ଶୁଣିଛି ଛୋଟ ଏକ ପାହାଡ଼ୀ ଝରଣାର ଧ୍ୱନି। ସବୁଥିରେ ଦେଖିଛି କାଚକେନ୍ଦୁ ପାଣିରେ ଶରଦ ଆକାଶର ବିମ୍ବ ପରି ଭାବାବେଗର ବିମ୍ବ।'' ଆଶା, କବିତା ସଂକଳନଟି ପାଠିକାପାଠକଙ୍କ ଶ୍ରଦ୍ଧାଭାଜନ ହେବ।

## କାଳକାଳକୁ



**''ଜୀବନର ବହୁ ମୂଲ୍ୟବୋଧ ମଧ୍ୟରୁ ମୋର ପସନ୍ଦ ସ୍ୱାଧୀନତା।''**
**– ହାରୁକି ମୁରାକାମୀ**

**ହାରୁକି ମୁରାକାମୀଙ୍କ** ଜନ୍ମ ୧୨ ଜାନୁଆରୀ ୧୯୪୯ରେ ଜାପାନର କ୍ୟୋଟୋରେ। ସେ ଏକାଧାରରେ କଥାକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରୁ କେତୋଟି ହେଲା– 'ଦ ଉଇଣ୍ଡ୍–ଅପ୍ ଓ୍ୱାର୍ଡ଼', 'କ୍ରନିକଲ୍', 'କାଫ୍‌କା ଅନ୍ ଦ ସୋର୍, 'ମେନ୍ ଓ୍ୱିଦାଉଟ୍ ଓ୍ୱିମେନ୍, 'ଫାଷ୍ଟ ପରସନ୍ ସିଙ୍ଗୁଲାର', 'ଅଣ୍ଡରଗ୍ରାଉଣ୍ଡ' (ଅଣକଥା ଗ୍ରନ୍ଥ)। ୫୦ରୁ ଊର୍ଦ୍ଧ୍ୱ ଭାଷାରେ ମୁରାକାମୀଙ୍କ ଲେଖା ଅନୂଦିତ। ବିଶ୍ୱବ୍ୟାପୀ ବହୁବିକ୍ରିତ ଓ ପ୍ରଶଂସିତ। ଜାପାନୀ ଭାଷା ଓ ସାହିତ୍ୟକୁ ମୂଲ୍ୟବାନ୍ ଅବଦାନ ପାଇଁ ସେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ, ଯହିଁରେ ଅନ୍ତର୍ଭୁକ୍ତ 'ଗୁଞ୍ଜୋ ଆଓ୍ୱାର୍ଡ଼' (ଯୁବ ଲେଖକଙ୍କ ପାଇଁ), 'ଓ୍ୱାର୍ଲ୍ଡ ଫାଣ୍ଟାସି ଆଓ୍ୱାର୍ଡ଼', 'ନୋମା ସାହିତ୍ୟ ପୁରସ୍କାର', 'ଫ୍ରାଞ୍ଜ୍ କାଫ୍‌କା ପୁରସ୍କାର', 'ଗୁଡ୍ ରେଡ୍‌ସ ଚଏସ୍ ଆଓ୍ୱାର୍ଡ଼' ଓ 'ଜେରୁଜେଲମ୍ ପ୍ରାଇଜ୍'। ଷ୍ଟିଭେନ୍ ପୋଲୋ 'ଦ ଗାର୍ଡିଆନ୍'ରେ ତାଙ୍କୁ ପ୍ରଶଂସା କରିବାକୁ ଯାଇ କହନ୍ତି: ''ହାରୁକି ହେଉଛନ୍ତି ପୃଥିବୀର ଶ୍ରେଷ୍ଠତମ ଜୀବିତ ଔପନ୍ୟାସିକ।'' ମୁରାକାମୀ କହନ୍ତି, ''ଯାହାର ପ୍ରେମ ଚିରନ୍ତନ ନୁହେଁ, ସେ ପ୍ରେମିକ ନୁହେଁ।''

## କବିତା

### ମୁଠାଏ ମଲାମାଟି

**ଅୟସ୍କାନ୍ତ**

ଜୀବନଟା ସାରା
ସ୍ୱପ୍ନର ସାମିଆନା
ଭୋକ ମୁଠେ ମିଳେ
ପୀରତି ପାଏନା ଦାନା
ଶୋଷ ପିଇପିଇ ଗିଲାସ ଭାଙ୍ଗେ
ରକ୍ତ କଣିକା
ବିଷ–ମିଠା–ମିହିଦାନା!

ଦର୍ପଣରେ ଏବେ
ଚିହ୍ନି ହୁଏନା ମୁହଁ
ବଞ୍ଚିପାରେନା ଛାତିରେ ଛାତିଏ କୋହ
ଜୀବନଟା ସିନା
ଖଟାପାଣି ଭରା ଫୁସ୍‌ଫୁସ୍ ଗୁପ୍‌ଚୁପ୍
ହଠାତ୍ ପଡ଼ଇ
ଯେହ୍ନେ ଅଲୋଡ଼ା
ଜୋତାପୋଛା ମଳିକନା!

ଆଲ୍ଲା ଯିଶୁର ମନ୍ତ୍ର କାହିଁବା
କାହିଁ ମହମ୍ମଦ ଖୁଜା
ମଣିଷ ଜୀବନ ପାଲଟିଚି ଏବେ
ଚିକେନ୍ ମଦର ଢାବା
ଚାରିବେଦ ତୁମେ ନିର୍ବେଦ ଏବେ
ଯିଶୁ ସାଜିଥାଏ ଦୋଷୀ
ଜନତା ଦେଖଇ ନେତା–ଅଭିନେତା
ସାଜି ଛାଡ଼ଖାଇ ଖାସି!

ବାସୁ ଗୁଗ୍‌ଗୁଳ ଉଠୁ ହିଙ୍ଗୁଳ
ଉଠ ମୁଦ୍‌ଗର କାତି
ଆସ ପ୍ରେମର ଭିକ୍ଷା ମାଗିମାଗି ତମେ
ଶିବାଜୀ ଛତ୍ରପତି
ବିଲବଣ ତଲୁ,
ମାଟି ମହଲାରୁ ଡାକଛାଡ଼େ
ମୁଁ ଯେ 'ଚାଲିଆ' ଭାଇ ଚାଲିଆ
ମୁଁ ଯେ କାଳିଆ ମୁହଁରେ
ନାଲି ହସ ଧାରେ
ସଗର୍ବେ କହେ ଓଡ଼ିଆ ମୁଁ ଯେ ଓଡ଼ିଆ।

ମୋ: ୮୭୬୩୩୯୩୧୧୬

### ଅସ୍ତିତ୍ୱ

**ମୟୂରୀ ଦାଶ**

**ଡେ**ଣାଝଡ଼ା ପକ୍ଷୀ
ଦେଖେ କି ଆକାଶକୁ ପ୍ରେମରେ?
କି ଦେଖେ କ୍ରୋଧରେ, ଅଭିମାନରେ?
ଲୁଚାଏ କି ନିଜର ଅସହାୟତାକୁ
ରାତିର ଘନ ଅନ୍ଧକାରରେ?
କି ନିରନ୍ତର ତା' ଉଡ଼ିବାର ସ୍ୱପ୍ନକୁ
ସାକାର କରିବାର ପ୍ରୟାସ କରେ?
ଅବା
ଆକାଶ ବିନା ତା' 'ଅସ୍ତିତ୍ୱ' ଖୋଜିବାକୁ
ଥାଏ ଗୋଟେ ସୂକ୍ଷ୍ମ କିରଣର ଅପେକ୍ଷାରେ?

ମୋ: ୬୩୭୧୮୦୬୩୦୨

### ବାଟୋଇ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

**ପ**ଥ ପଡ଼ିଛି ଆଗକୁ ଆଗକୁ
ବାଟୋଇଟିଏ ମୁଁ
କେବେ ପାରିହେବି ସେ ପଥ।
ଅନ୍ଧାର ଅନ୍ଧାର ଦିଶୁଛି,
ଝାପ୍‌ସା ଆଲୁଅ
ମଝିରେ ମଝିରେ ହସୁଛି।

ପଥର ଦେହରେ
ଖାଲ, ଖମା ଆଉ କଣ୍ଟା
କେଉଁଠି ସେ ସିଧା ତ
କେଉଁଠି ଅଙ୍କାବଙ୍କା।
ଚାଲିଛି...ଚାଲିବି
ନ ପଡ଼ିବି ଥକି ଆସୁପଛେ
ଯେତେ ଝଡ଼ଝଞ୍ଜା।

କେବେ ମୁଁ ହୋଇଯିବିନି
ବାଟବଣା।
ଜନ୍ମରୁ ଏଯାଏ
ବହୁପଥ ପାର ହୋଇଛି
ଜାଣିଛି!
ମୃତ୍ୟୁଯାଏ ଏପଥ ଲମ୍ବିଛି,
ସମୟ ତା' ବାଟେବାଟେ ଚାଲିଛି
ତ ବାଟୋଇଟିଏ ମୁଁ
ବାକିଥିବା ପଥର ହିସାବ କରୁଛି।

ମୋ: ୯୯୩୮୩୦୯୬୫୨

### ସେ କେବଳ ବାପା

**ଅନସୂୟା ପଣ୍ଡା**

**କ**ଳ୍ପ କଳ୍ପ ଇଚ୍ଛାର
ବିକଳ୍ପ ବାପା ମୋ'ର
ସାମର୍ଥ୍ୟରୁ ଊର୍ଦ୍ଧ୍ୱରେ ପ୍ରୟାସ ଯାହାର।

ସ୍ୱେଦଭିଜା ଅଦଢ଼ ଦେହରେ
ଯିଏ ବାଣ୍ଟେ ଖୁସିର ଅତର
ଭୂରିଭୂରି ବାତ୍ସାରେ
ଜୀବନ ମହକେ ନାନା ମତେ
ସମ୍ପର୍କ ରକ୍ଷାରେ ଭଲପାଇବାରେ
ଆଶିଷ ଯାହାର ସାହା
ସେ କେବଳ ବାପା।

ଅନ୍ଧାରକୁ ଦୂରେଇପାରେ
ଗାମୁଛାଏ ଭରସା ଯାହାର
ମଉଳା ଜୀବନେ କରିପାରେ
ପ୍ରାଣ ସଞ୍ଚାର ନୂତନ ଆଲୋକେ
କଳ୍ପବଟ ପରି କରୁଥାଏ
ପୂରଣ କାମନାର,
ସେ କେବଳ ବାପା।

ସଂସାରର ଭରପୂର କ୍ରୂରତାରେ
ନିଜକୁ ଢାଳି ନିଃସ୍ୱାର୍ଥ ଅନୁକମ୍ପାରେ ଯେ
ଲହରିତ ଶୀତଳ ସମୀର
ସେ କେବଳ ବାପା।

ମୋ: ୯୪୩୯୨୧୧୯୭୧

### ଗୀତି–କବିତା

### ଫଗୁଣ ଫେରିଲା ପରେ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

**ସେ** ଝୁମିଲା ପାଦ ନୀରବିଯାଇଛି
ଫଗୁଣ ଫେରିଲା ପରେ
ସ୍ମୃତିର ରକତ ନିତି ଭିଜାଉଛି
ଆଖିପତା ଲୁହ ଧାରେ।

ସବୁଜ ବନର ହୃଦୟ ପ୍ରାନ୍ତରେ
ମରୁ ମରୀଚିକା ଛାୟା
ଶିଥିଳ ସମୟ ପାସୋରି ଦେଇଛି
ପ୍ରତିଶ୍ରୁତିଭରା କାୟା।

ପଦପ୍ରାନ୍ତରେ ନଥିଲା ପାଉଁଜି
ନିଃଶବ୍ଦର ନିରାଜନା
ପାଗଳ ପବନ ନିଶୀଥରେ କରେ
ଛଳନାର ଆରାଧନା।

କଳା କୋଠରିରେ କାଳ ବଇଶାଖୀ
ତାଣ୍ଡବ ରଚୁଥିଲା
କେମିତି ସହିବ କୋମଳ ପରାଣ
ଲୁହ ତା'ର ସାଥୀ ଥିଲା।

ଶୁଖା ଶୁଖା ଲାଗେ ଶ୍ରାବଣର ରାତି
ଅଭିନୟ କାତି ମାରେ
ସେ ଝୁମିଲା ପାଦ ନୀରବିଯାଇଛି
ଫଗୁଣ ଫେରିଲା ପରେ।

ମୋ: ୭୩୭୭୩୧୮୭୮୯

## ଲଘୁଗଳ୍ପ

### ପରିବାବାଲି

**ଦୀପକ କୁମାର ମହାନ୍ତି**

ଜୀବନର ଅନ୍ୟ ନାମ ସଂଘର୍ଷ। ସେଇ ସଂଘର୍ଷ ନିଆଁରୁ ଜନ୍ମନିଏ ଗୋଟିଏ କଳିକା, ନାଁ ଯାହାର ବାସନ୍ତୀ।

ମହାମାରୀ ଆସିଲା। ଉଜାଡ଼ି ଦେଲା ବାସନ୍ତୀର ସଂସାର। କରୋନାରେ ସ୍ୱାମୀ ଚାଲିଗଲା ପରେ ଗାଁରେ ତା'କୁ ନିଆଁ, ପାଣି ବାସନ୍ଦ କରିଦେଲେ। କାମ ଧନ୍ଦା ମିଳିଲା ନାହିଁ। ପେଟରେ ଓଦା କନା ଦେଇ ରାତି ରାତି କଟାଇଲା ସେ। ଛୁଆ ଦୁହିଁଙ୍କ ମୁହଁରେ ଆହାର ଟିକେ ଦେବା ପାଇଁ ବାର ଦୁଆର ହାତ ପତାଇଲା, କେତେ କାକୁତିମିନତି ହେଲା। କେହି ଶୁଣିଲେ ନାହିଁ। ସବୁ ଥିଲେ ନୀରବଦ୍ରଷ୍ଟା। ଶେଷରେ ବାସନ୍ତୀ ଜଣେ ସମ୍ପର୍କୀୟ ଭାଇ ସହ ଚାଲିଆସିଲା ସହରକୁ।

ବହୁ ବାଧାବିଘ୍ନ ପରେ ବାସନ୍ତୀ ସହରରେ ଥିବା ଏକ ବସ୍ତିରେ ରହିବାକୁ ଘରଟିଏ ପାଇଲା। ଟ୍ରଲିଟିଏ ଭଡ଼ାରେ ଆଣି ପରିବା ବେପାର ଆରମ୍ଭ କଲା।

ସକାଳୁ ସକାଳୁ ଟ୍ରଲିରେ ପରିବା ନେଇ ବିକିବା ପାଇଁ ସେ ଟ୍ରାଫିକ ଛକ ନିକଟକୁ ବାହାରିପଡ଼େ। ନିତି ଯାହା ରୋଜଗାର ହୁଏ, ସେଥିରେ ଟ୍ରଲି ଭଡ଼ା ଦେଇ ସାରି ବାକି ପଇସାରେ ତେଲ ଲୁଣ ସଂସାରଟି ଚଳାଇନିଏ କଷ୍ଟେମଷ୍ଟେ। ସେ ଦିନ ଥିଲା କିନ୍ତୁ ଅଲଗା। ବେପାର ନ ହେବାରୁ ମନଦୁଃଖରେ ବାସନ୍ତୀ ଘରକୁ ଫେରିଲା। ଅପାର ମୁହଁ ଶୁଖି ଯାଇଥିବାରୁ ଭାଇ ପଚାରିଲା, ଦିଦୀ! ଆଜି ଏତେ ଜଲ୍‌ଦି ଫେରିଆସିଲୁ? କ'ଣ ହେଇଛି?

ଟ୍ରାଫିକ୍ ଛକ ନିକଟରେ ଥିବା ଅଫିସ୍‌ର ବଡ଼ବାବୁ ଆଜି ବସିବାକୁ ଦେଲେ ନାହିଁ। ସବୁ ଦିନ ମୋ' ପାଖରୁ ପରିବା ମାଗଣା ନିଅନ୍ତି। ପଇସା ମାଗିଲେ ନାଲିଆଖି ଦେଖାଇ କୁହନ୍ତି, ପଇସା ମାଗୁଛୁ। ତୋର ବେପାର କରିବାକୁ ଇଚ୍ଛା ନାହିଁ ବୋଧେ! ତେଣୁ ଭୟରେ କିଛି କୁହେ ନାହିଁ। ଆଜି ମୋର ବହିନି ହୋଇନଥିଲା। ପ୍ରଥମ ଗରାଖ ହିସାବରେ ତାଙ୍କୁ ନେହୁରା ହୋଇ ପଇସା ମାଗିଲି, ପଇସା ନ ଦେଇ ମୋ' ଟ୍ରଲିକୁ ଟେକି ଫୋପାଡ଼ିଦେଲେ। କହିଲେ, ଯା' ତୁ ଏଠି ବସି ପାରିବୁନି। ପରିବାଗୁଡ଼ିକ ରାସ୍ତା ଉପରେ ଏଣେତେଣେ ଛିଟିକି ପଡ଼ିଲା। ବହୁତ ପରିବା ନଷ୍ଟ ହୋଇଗଲା। ଗାଡ଼ିମୋଟର ଆସୁଥିବାରୁ ସେଗୁଡ଼ିକୁ ଗୋଟାଇ ଆଣିପାରିଲି ନାହିଁ। ଲୋକମାନେ ରୁଣ୍ଡ ହୋଇଗଲେ। ଚୁପ୍‌ଚାପ୍ କାହାକୁ କିଛି ନ କହି ଘରକୁ ଫେରିଆସିଲି। ଏ କଥା କହିଲାବେଳେ ବାସନ୍ତୀ ଭେଁ ଭେଁ ହୋଇ କାନ୍ଦିଲା। ଏତିକିବେଳେ ଘର ମାଲିକ ଆସିବାରୁ ତାଙ୍କ ଆଗରେ ସତ ଘଟଣା ପ୍ରକାଶ ନ କରି କଥାର ମୋଡ଼ ବଦଳାଇଦେଲା ସେ।



ତା' ପରଠୁ ବାସନ୍ତୀ ଟ୍ରାଫିକ୍ ଛକରେ ପରିବା ବିକିବା ବନ୍ଦ କରିଦେଲା। ଟ୍ରଲି ବଦଳରେ ପରିବା ସବୁ ଝୁଡ଼ିରେ ଭର୍ତ୍ତି କରି କଲୋନୀରେ ବୁଲି ବୁଲି ବିକିଲା।

ଦିନ ଗଡ଼ିଚାଲିଲା। ବଡ଼ବାବୁଙ୍କ ଦୌରାତ୍ମ୍ୟ ବଢ଼ିବାକୁ ଲାଗିଲା ପରିବାବାଲିଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଉପରେ। ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ଭଳି ବାବୁଙ୍କ କାରନାମା ବିଷୟ ଉପର ହାକିମଙ୍କ କାନରେ ପଡ଼ିଲା। ଯେତେ ତାଗିଦା କଲେ ବି ସେ ମାନିଲେ ନାହିଁ। ଘଟଣାକ୍ରମେ ବଡ଼ବାବୁ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ୍ ଗଲେ। ଜାମିନ ମିଳିଲା ନାହିଁ।

ବାବୁଙ୍କ ପରିବାରରେ ଅଶାନ୍ତିର ଝଡ଼ ବହିବା ଆରମ୍ଭ ହେଲା। ଭିଜିଲାନ୍ସ ଜାଲରେ ପଡ଼ିଥିବାରୁ ତାଙ୍କ ଘରକୁ କେହି ଆସିଲେ ନାହିଁ। ଲୋକଲଜ୍ଜାରେ ବାବୁଆଣୀ ମଧ୍ୟ କାହା ଘରକୁ ଗଲେ ନାହିଁ କି ପଦେଅଧେ କଥା କାହା ସାଙ୍ଗରେ ହୋଇ ପାରିଲେ ନାହିଁ। କଲୋନୀ ବାସିନ୍ଦା ବାବୁଙ୍କ ବିଷୟରେ ଗୁପୁଚୁପୁରେ ଆରମ୍ଭ କରିଦେଲେ। କଥାଗୁଡ଼ିକ ବାସନ୍ତୀ କାନରେ ପଡ଼ିଲା।

ସେ ପଟେ ବାପାଙ୍କ ଅନୁପସ୍ଥିତିର ପ୍ରଭାବ ପିଲାଙ୍କ ଉପରେ ବି ପଡ଼ିଲା। ମିଛ କହି ବାବୁ ମା', ପିଲାମାନଙ୍କୁ ଯେତେ ବୁଝେଇବାକୁ ଚେଷ୍ଟା କଲେ ବି ନିରାଶ ହେଲେ। ଶେଷରେ ପିଲାମାନଙ୍କ ମନ ଭୁଲେଇବା ପାଇଁ ସେମାନଙ୍କୁ ଧରି ୧୫ ଦିନ ଲାଗି ବାପ ଘରକୁ ଚାଲିଗଲେ ସେ।

ସମୟ କଡ଼ ଲେଉଟାଇଲା। ଦୁଇ ମାସ ପରେ ବଡ଼ବାବୁ ଜେଲରୁ ମୁକୁଳିଲେ। ନିଜ କର୍ମ ଫଳ ନିଜେ ଭୋଗୁଥିଲେ। ଆହା ପଦେ କହିବାକୁ ପାଖରେ କେହି ନ ଥିଲେ,ଏପରିକି ପରିବାରର ଲୋକେ। ଘୋର ବିଷାଦରେ ବାବୁ ଘରେ ସମୟ କାଟୁଥିଲେ। କେତେବେଳେ ଦିନ ଯାଇ ରାତି ହେଉଥିଲା ଜାଣିପାରୁନଥିଲେ।

ହଠାତ୍ କଲିଂବେଲ୍ ବାଜିଲା। କବାଟ ଖୋଲି ଦେଖିଲେ ପରିବାବାଲି ବାସନ୍ତୀ ହାତରେ କିଛି ପରିବା ଧରି ଛିଡ଼ା ହୋଇଚି। ଚିହ୍ନି ନ ଚିହ୍ନିଲା ପରି ବାବୁ ପଚାରିଲେ, ତୁମେ କିଏ? ଏଠାକୁ କାହିଁକି ଆସିଛ?

ଆଜ୍ଞା! ମୋତେ କ'ଣ ଚିହ୍ନି ପାରୁନାହାନ୍ତି? ମୁଁ ସେଇ ପରିବାବାଲି ବାସନ୍ତୀ। ଆପଣଙ୍କର ଆଉ ଦେଖାନାହିଁ। ବାବୁ ମା' ମଧ୍ୟ ଆସୁନାହାନ୍ତି। ଭାବିଲି କିଛି ପରିବା ନେଇ ବାବୁଙ୍କ ଘରେ ଦେଇ ଆସେ।

ବାବୁ ଥକା ମାରି ବସିପଡ଼ିଲେ। ଏତିକି ବେଳେ ସହର ଉପକଣ୍ଠରୁ ଏକ ଗୀତ ବାଜୁଥିବାର ଶୁଣାଯାଉଥିଲା, 'ମଣିଷ ସମୟର ଦାସରେ, ସମୟର ଦାସ... ମଣିଷ...।'

ମୋ: ୯୪୩୮୩୨୯୦୫୯

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୧/୨୦୨୫ Bhubaneswar, Saturday, January 11/ 2025

# ଆୟର୍ଲାଣ୍ଡ ବିପକ୍ଷରେ ଭାରତ ବିଜୟୀ

**ରାଜକୋଟ, ୧୦।୧**

ପ୍ରତିକା ରାୱଲ ଓ ତେଜାଲ ହସବନିସଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ମହିଳା ଦିନିକିଆ କ୍ରିକେଟ ସିରିଜର ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୬ ଉଇକେଟରେ ପରାସ୍ତ କରିଛି। ଅଧିନାୟିକା ଗାବି ଲିୱିସଙ୍କ ୯୨ ରନ ବଳରେ ଆୟର୍ଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୩୮ ରନ କରିଥିଲା। ଜବାବରେ ଭାରତ ପ୍ରତିକା ରାୱଲଙ୍କ ୮୯ ରନ ସହାୟତାରେ ୩୪.୩ ଓଭରରେ

**ମହିଳା ଦିନିକିଆ କ୍ରିକେଟ**

୪ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରି ନେଇଥିଲା। କ୍ୟାରିୟର ଶ୍ରେଷ୍ଠ ଇନିଂସ ପାଇଁ ପ୍ରତିକା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଟପ୍ ଅର୍ଡରର ୪ ବ୍ୟାଟର ଫେଲ୍ ମାରିଥିଲେ ମଧ୍ୟ ଲିୱିସଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଆୟର୍ଲାଣ୍ଡ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଲିୱିସ ନିଜ ୯୨ ରନ ଇନିଂସ ମଧ୍ୟରେ ୧୫ ଚୌକା ମାରିଥିଲେ। ଲୋୟର ଅର୍ଡରରେ ଲିଆ ପଲ୍ ୫୯ ଓ ଆର୍ଲେନେ କେଲି ୨୮ ରନର ଉପଯୋଗୀ ଯୋଗଦାନ ଦେଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରିୟା ମିଶ୍ର ୨ଟି ଏବଂ ଟିଟାସ ସାଧୁ, ସାୟାଲି ସତଘରେ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୩୯ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତୀୟ ଅଧିନାୟିକା ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲଙ୍କ ସହାୟତାରେ ଦୃଢ଼ ଭିତ୍ତି ପ୍ରକାଇଥିଲା। ଓପନିଂ ଯୋଡ଼ିରେ ଦୁହେଁ ୭୦ ରନ ଯୋଗ କରିବାପରେ ମନ୍ଧାନା ୨୯ ବଲ୍‌ରୁ ୪୧ ରନକରି ଆଉଟ ହୋଇଥିଲେ। ଏହି ଅବସରରେ ମନ୍ଧାନା ଦ୍ୱିତୀୟ ଭାରତୀୟ ଏବଂ ଓଭରଅଲ୍ ୧୫ଶ ମହିଳା ଭାବେ ଦିନିକିଆରେ ୪୦୦୦ ରନ ଅତିକ୍ରମ କରିଥିଲେ। ଭାରତର ମିଥାଲି ରାଜ ୭୮୦୫ ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସ୍ମୃତିଙ୍କ ବିଦାୟ ପରେ ମିଡିଲ ଅର୍ଡରରେ ମିନି ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ପ୍ରତିକା ଓ ତେଜାଲ ୫ମ ଉଇକେଟରେ ୮୪ ବଲ୍‌ରୁ ଦ୍ରୁତ ୧୧୬ ରନର ଭାଗୀଦାରି ଗଢ଼ି ଭାରତ ବିଜୟକୁ ସହଜ କରି ଦେଇଥିଲେ। ପ୍ରତିକା ୮୯ (୧୦ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ତେଜାଲ ୫୩ (୪୬ ବଲ, ୯ ଚୌକା) ଅପରାଜିତ ରହିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଆମି ମାଗ୍ୟୁରେ ୩ଟି ଓ ପ୍ରିୟା ସର୍ଗେଣ୍ଟ ଗୋଟିଏ ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ପ୍ରତିକା ରାୱଲ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୫୦ ଓଭରରେ ୨୩୮/୭ (ଗାବି ଲିୱିସ-୯୨, ଲିଆ ପଲ୍-୫୯, ପ୍ରିୟା ମିଶ୍ର-୨/୫୬, ଟିଟାସ ସାଧୁ-୧/୪୮, ସାୟାଲି ସତଘରେ-୧/୪୩, ଦୀପ୍ତି ଶର୍ମା-୧/୪୧)। ଭାରତ ୩୪.୩ ଓଭରରେ ୨୪୧/୪ (ପ୍ରତିକା ରାୱଲ-୮୯, ତେଜାଲ ହସବନିସ-୫୩*, ସ୍ମୃତି ମନ୍ଧାନା-୪୧, ଆମି ମାଗ୍ୟୁରେ-୩/୫୭, ପ୍ରିୟା ସର୍ଗେଣ୍ଟ-୧/୩୮)।

# ନୀରଜ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର

**ନୂଆଦିଲ୍ଲୀ, ୧୦।୧ (ପି.ଟି.):** ଭାରତର ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ନୀରଜ ଚୋପ୍ରା ଆମେରିକାର ବିଶ୍ୱ ପ୍ରସିଦ୍ଧ 'ଟ୍ରାକ୍ ଆଣ୍ଡ୍ ଫିଲ୍ଡ ନ୍ୟୁଜ୍' ମାଗାଜିନ୍ ଦ୍ୱାରା ୨୦୨୪ ବର୍ଷ ପାଇଁ ବିଶ୍ୱର ଶ୍ରେଷ୍ଠ ପୁରୁଷ ଜାଭେଲିନ୍ ଥ୍ରୋୟର ବିବେଚିତ ହୋଇଛନ୍ତି। ଗତବର୍ଷ ଅଗଷ୍ଟରେ ୨୭ ବର୍ଷୀୟ ଚୋପ୍ରାଙ୍କୁ ପରାସ୍ତ କରି ପାକିସ୍ତାନର ଅର୍ଶାଦ ନଦୀମ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। କାଲିଫର୍ନିଆରୁ ପ୍ରକାଶିତ ଏହି ମାଗାଜିନ୍‌ରେ ୨୦୨୪ ର‌୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଚୋପ୍ରା ଦୁଇଥର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ନେଇଛନ୍ତି। ର‌୍ୟାଙ୍କିଙ୍ଗ ତାଲିକାରେ ନଦୀମ ୫ମ ସ୍ଥାନରେ ରହିଛନ୍ତି। ୨୦୨୪ରେ ଅଲିମ୍ପିକ ଗେମ୍ସ ବ୍ୟତୀତ ସେ ଆଉ ମାତ୍ର ଗୋଟିଏ ଇଭେଣ୍ଟରେ ଭାଗ ନେଇଛନ୍ତି। ଅଲିମ୍ପିକ୍ସରେ ସେ ୯୨.୯୭ ମିଟର ଥ୍ରୋ କରିଥିବା ବେଳେ ଚୋପ୍ରା ୮୯.୪୫ମିଟର ଥ୍ରୋ କରିପାରିଥିଲେ।

# ଦିଲୀପ ତିର୍କୀଙ୍କ ପିତୃ ବିୟୋଗ

**ସୁନ୍ଦରଗଡ଼/ବାଲିଶଙ୍କରା, ୧୦।୧ (ଜୟ ନାରାୟଣ ମେଣ୍ଟୁଲି/ହୃଦାନନ୍ଦ ବାରିକ):** ହକି ଇଣ୍ଡିଆ ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ବାପା ଭିନ ସେଣ୍ଟ ତିର୍କୀଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ହୋଇ



ସମ୍ବଲପୁରସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଶନିବାର ଅନ୍ତିମ ସଂସ୍କାର ତାଙ୍କ ଗ୍ରାମ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଉନାମୁରା ସ୍ଥିତ ନିଜ ଗ୍ରାମରେ କରାଯିବ ବୋଲି ପରିବାରବର୍ଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ତିର୍କୀ ଭାରତୀୟ ସେନାରୁ ଅବସର ପରେ ସେ ହକି ଖେଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ଜଣେ ଭାରତର ସୁନାମଧନ୍ୟ ପୂର୍ବତନ ହକି ଖେଳାଳି ଭାବେ ସୁନାମୋହର ଅର୍ଜନ କରିଛନ୍ତି। ତାଙ୍କର ଗୋଟିଏ ଝିଅ ଓ ତିନି ପୁଅ ଅଛନ୍ତି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବାପରେ ସଉନାମୁରା ଗ୍ରାମ ଓ କ୍ରୀଡ଼ାପ୍ରେମୀ ମହଲରେ ଶୋକ ପ୍ରକାଶ ପାଇଛି।

# ଅକ୍‌ଲାଣ୍ଡରେ ଗେଲ୍ ମନଫିଲ୍ସଙ୍କ ରେକର୍ଡ

**ଅକ୍‌ଲାଣ୍ଡ, ୧୦।୧ (ଏପି)**

ଗେଲ୍ ମନଫିଲ୍ସ ଏଠାରେ ଚାଲିଥିବା ଏକ ପୁରୁଷ ଏଲିଟ ଟେନିସ ଟୁର୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଆମେରିକାର ନିସ୍‌ହେସ ବାସାଭା ରେଡ୍ଡୀଙ୍କୁ ୭-୬ (୫), ୬-୪ରେ ହରାଇ ଦେଇଛନ୍ତି। ଫଳରେ ଏକ ଏଲିଟ ଟେନିସ ଟୁର୍‌ର ଫାଇନାଲରେ ପ୍ରବେଶ କରିବାରେ ୧୯୯୦ ପରେ ସେ ଦ୍ୱିତୀୟ ବୟସ୍କ ଖେଳାଳି ବିବେଚିତ ହୋଇଛନ୍ତି। ଫ୍ରେଞ୍ଚ ଟେନିସ ଖେଳାଳି ୩୮ବର୍ଷ ୧୩୧ ଦିନ ବୟସରେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଇଭୋ କାର୍ଲୋଭିଚ୍‌ଙ୍କ ନାମରେ ଏଟିପିନି ଟୁର୍ ରେକର୍ଡ ରହିଛି। ସେ ୨୦୧୯ରେ ଭାରତର ପୁଣେରେ ଫାଇନାଲ ଜିତି ଏଟିପି ଟୁର୍ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସେତେବେଳେ ତାଙ୍କର ବୟସ ୩୯ ବର୍ଷ, ୩୧୧ ଦିନ ହୋଇଥିଲା। ୨୦୨୩ରେ ମନଫିଲ୍ସଙ୍କୁ ଯେତେବେଳେ ୩୮ ବର୍ଷ ଓ ୧୨୪ ଦିନ ବୟସ ହୋଇଥିଲା ସେ କ୍ରୋଏସିଆର ଉମାଗଠାରେ ଫାଇନାଲକୁ ଉନ୍ନୀତ ହୋଇଥିଲେ। କାର୍ଲୋଭିଚ୍ ଆହୁରି ମଧ୍ୟ ୨୦୧୭ରେ ୩୮ ବର୍ଷ, ୧୧୦ ଦିନ ବୟସରେ ଡେନ୍ ବୋସକ ଫାଇନାଲରେ ପ୍ରବେଶ କରିଥିଲେ। ଟପ୍ ୫ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ରୋଜର ଫେଡରର (୨୦୧୯ରେ ବାସେଲରେ, ୩୮ ବର୍ଷ ୮୦ ଦିନ ବୟସ) ଏବଂ ରଫେଲ ନାଡାଲ (୨୦୨୪ରେ ସ୍ୱିଡେନ ଓପନଠାରେ, ୩୮ ବର୍ଷ ଓ ୪୮ ଦିନ ବୟସରେ)। ଫ୍ରେଞ୍ଚମ୍ୟାନ ମନଫିଲ୍ସ ତାଙ୍କ ୩୫ତମ ଏଟିପି ଟୁର୍ ଫାଇନାଲ ସହ ଅକଲାଣ୍ଡରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କଲେ ପ୍ରଫେଶନାଲ ଯୁଗରେ ସବୁଠାରୁ ବୟସ୍କ ଖେଳାଳି ଭାବେ ଅକ୍‌ଲାଣ୍ଡରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରି ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ଆହୁରି ମଧ୍ୟ ଫାକୁଣ୍ଡୋ ଡିଆଜ୍ ଆକୋଷ୍ଟାଙ୍କୁ ୬-୩, ୬-୧ରେ ପରାସ୍ତ କରି ସବୁଠାରୁ ବୟସ୍କ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହା ଥିଲା ତାଙ୍କର ୭୩ତମ ଏଟିପି ଟୁର୍ ସେମିଫାଇନାଲ। ତାଙ୍କଠାରୁ ଅଧିକ ଖେଳିଥିବା ଏକମାତ୍ର ଖେଳାଳି ହେଉଛନ୍ତି ନୋଭାକ୍ ଜୋକୋଭିଚ୍। ମନଫିଲ୍ସ ଶନିବାର ଫାଇନାଲରେ ବେଲଜିୟମର ଜିଜୋଉ ବର୍ଗ୍ସଙ୍କୁ ଭେଟିବେ।

# ବରୁଣ ଆରୋନଙ୍କ ଅବସର

**ନୂଆଦିଲ୍ଲୀ, ୧୦।୧ (ପି.ଟି.):** ଦ୍ରୁତତମ ପେସ୍ ବୋଲର ବରୁଣ ଆରୋନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଶୁକ୍ରବାର ବିଜୟ ହଜାରେ ଟ୍ରଫିରେ ତାଙ୍କ ରାଜ୍ୟ ଝାଡ଼ଖଣ୍ଡର ଅଭିଯାନ ଶେଷ ହୋଇଛି। ଝାଡ଼ଖଣ୍ଡ ବିଜୟ ହଜାରେ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିବାରୁ ୩୫ ବର୍ଷୀୟ ଆରୋନ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ୍‌ରେ ତାଙ୍କର ଅବସର ଘୋଷଣା କରିଛନ୍ତି। ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବାରୁ ୨୦୧୫ ପରଠାରୁ ସେ ଭାରତ ତରଫରୁ ଖେଳି ନାହାନ୍ତି।

# ମିନା ସାନ୍ତାଙ୍କୁ ୨, ସ୍ନେହାଙ୍କୁ ୧ ସ୍ୱର୍ଣ୍ଣ

**ବ୍ରହ୍ମପୁର, ୧୦।୧ (ସ୍ୱାଧୀନ ଶେଖର ପାଢ଼ୀ)**

ସ୍ଥାନୀୟ ମହାତ୍ମା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶାର ମିନା ସାନ୍ତା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ପାଇଥିବାବେଳେ ସ୍ନେହା ସୋରେନ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪୫ କେଜି ଜୁନିୟର ବର୍ଗରେ ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ

**ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ**

ଜର୍କରେ ୧୦୧ ଏଭଳି ୧୭୯ କେଜି ଉଠାଇ ପ୍ରଥମ, ଆସାମର ଐଶାଙ୍ଗଫା ଗୋଗଇ ୧୭୮ କେଜି ଉଠାଇ ଦ୍ୱିତୀୟ ଓ ମହାରାଷ୍ଟ୍ରର ନିକିତା କମଲକର ୧୭୦ କେଜି ଉଠାଇ ତୃତୀୟ ହୋଇଛନ୍ତି। ୪୫ କେଜି ଯୁବ ବର୍ଗରେ ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ ଏଭଳି ୧୭୯ କେଜି ଉଠାଇ ପ୍ରଥମ, ଐଶାଙ୍ଗଫା ୧୭୮ କେଜି ଉଠାଇ ଦ୍ୱିତୀୟ ଓ ପଶ୍ଚିମବଙ୍ଗର ଅଶ୍ରୁକାନା ବିଶ୍ୱାସ ସ୍ନାଚରେ ୧୪୫ କେଜି ଉଠାଇ ତୃତୀୟ ହୋଇଛନ୍ତି। ସେହିପରି ୪୫ କେଜି ସିନିୟର ବର୍ଗରେ ଓଡ଼ିଶାର ସ୍ନେହା ସୋରେନ ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ ଏଭଳି ୧୮୪ କେଜି ଉତ୍ତୋଳନ କରି ପ୍ରଥମ, ମିନା ସ୍ନାଚରେ ୭୮ ଓ କ୍ଲିନ ଆଣ୍ଡ ଜର୍କରେ ୧୦୧ ଏଭଳି ମୋଟ ୧୭୯ କେଜି ଉଠାଇ ଦ୍ୱିତୀୟ, ମହାରାଷ୍ଟ୍ରର ନିକିତା କମଲକର ୧୭୦ କେଜି ଉଠାଇ ତୃତୀୟ ହୋଇଛନ୍ତି ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଂଜନ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟ ୩ ବର୍ଗରେ ବାହାର ରାଜ୍ୟର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି।


ପଦକ ସହ ମିନା ସାନ୍ତା ଓ ସ୍ନେହା ସୋରେନ।

# କିସ୍, ବିଜେଇଏମ୍ ବିଜୟୀ

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଅଫ୍ ଓଡ଼ିଶା ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ କିସ୍ ଓ ବିଜେଇଏମ୍ ସ୍କୁଲ ବିଜୟୀ ହୋଇଛି। ଲିଗ୍‌ର ୮ମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେଟି ଗ୍ଲୋବାଲ ୨୩ ଓଭରରେ ୭ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଆଦର୍ଶ ପଟ୍ଟନାୟକ ସର୍ବାଧିକ ୫୦ ଓ ପାର୍ଥ ସାରଥି ଲେଙ୍କା ୪୫ ରନ୍ କରିଥିଲେ। ଜବାବରେ କିସ୍ ୨୧.୫ ଓଭରରେ ୫ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଗୋଟିଏ ଉଇକେଟ ନେବା ସହ ୩୦ ରନ୍ କରିଥିବା ଅନୁରାଗ ବାରିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୀରେନ କୁମାର ଦାସ ଅତିଥିଭାବେ ଯୋଗଦେଇଥିଲେ। ୯ମ ମ୍ୟାଚ୍‌ରେ ବିଜେଇଏମ୍ ୭୨ ରନ୍‌ରେ ଓଡିଏମ୍ ସ୍କୁଲକୁ ହରାଇ ଦେଇଛି। ବିଜେଇଏମ୍ ୨୧ ଓଭରରେ ୫ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରନ୍ତିକ ପ୍ରିୟାଂଶୁ ନାୟକ ସର୍ବାଧିକ ୮୮ ରନ୍ କରିଥିଲେ।

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

ବିପକ୍ଷ ଦଳର ସିଦ୍ଧାର୍ଥ ଷଡ଼ଙ୍ଗୀ ଓ ବିଶ୍ୱପ୍ରକାଶ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୨୧ ଓଭରରେ ୯ ଉଇକେଟ ହରାଇ ୯୫ ରନ୍ କରିପାରିଥିଲା। ବିଜୟୀ ଦଳର ନମନ ଶତପଥୀ ୩ଟି ଓ କ୍ରିଷ୍ଣା ସାମଲ ୨ଟି ଉଇକେଟ ନେଇଥିଲେ। ବଳଭଦ୍ର ପଟ୍ଟନାୟକ ଓ ଲଳିତେନ୍ଦୁ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।

# ଗୋକୁଲମ କେରଳ-ଓଡ଼ିଶା ଏଫ୍‌ସି ମ୍ୟାଚ୍ ଡ୍ର

**କୋଝିକୋଡ୍, ୧୦।୧ (ପି.ଟି.):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଦୁଇ ଟାଇଟଲ ଦାବିଦାର ଓଡ଼ିଶା ଏଫ୍‌ସି ଓ ଗୋକୁଲମ କେରଳ ଏଫ୍‌ସି ସେମାନଙ୍କ ପ୍ରଥମ ମ୍ୟାଚକୁ ୧-୧ଗୋଲ୍‌ରେ ଡ୍ର ରଖିଛନ୍ତି। ମ୍ୟାଚ୍‌ର ଦୁଇଟିଯାକ ଗୋଲ୍ ଖେଳର ଦ୍ୱିତୀୟାର୍ଦ୍ଧରେ ହୋଇଥିଲା। ଗତଥରର ଚାମ୍ପିୟନ ଗୋକୁଲମ ୬୧ତମ ମିନିଟ୍‌ରେ ଲିଣ୍ଡା କପ୍ ସେର୍ଟୋଙ୍କ ଗୋଲ୍ ଜରିଆରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଗତ ସଂସ୍କରଣର ରନରଅପ୍ ଓଡ଼ିଶା ତରଫରୁ ହେମାମ୍ ସିଲ୍‌କି ଦେବୀ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଶୁକ୍ରବାରର ଏହି ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମ୍ୟାଚରେ ଗୋକୁଲମ ଦଳର ୩ ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା।

# ଓଡ଼ିଶାର ଆହାନ ମିଶ୍ରଙ୍କୁ ସଫଳତା

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

କୋଲକାତାରେ ଅନୁଷ୍ଠିତ ଏଆଇଟିଏ ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଡବଲ୍ସରେ ଚାମ୍ପିୟନ ଓ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ପଶ୍ଚିମବଙ୍ଗର ଶୌନକ ଚାଟାର୍ଜୀ ଓ ଆହାନଙ୍କ ଯୋଡ଼ି ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗ ଯୋଡ଼ି ମୟନ୍ଦ ତିୱାରୀ ଓ ମହମ୍ମଦ ଆଦିଲଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ ଆହାନ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଟପ୍ ସିଡ୍ ଶୌନକ ଚାଟାର୍ଜୀଙ୍କଠାରୁ ୨-୬, ୬-୨, ୫-୭ରେ ହାରି ଯାଇଛନ୍ତି। ପ୍ରତିଯୋଗିତାରୁ ଆହାନଙ୍କୁ ୨୫ ଡବଲ୍ସ ଓ ୨୦ ସିଙ୍ଗଲ୍ସ ଏଆଇଟିଏ ର‌୍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରାପ୍ତ ହୋଇଛି।



# ଜବାର, ପ୍ରତ୍ୟାଶା ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)**

ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ ମହମ୍ମଦ ସହିଦ ଜବାର ଏବଂ ଓଡ଼ିଶା ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ ଚଳିତବର୍ଷର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସକାଶେ ପୁରସ୍କାର ପ୍ରଦାନ କରାଯିବ। ଜାନୁଆରୀ ୧୯ରେ ଏଠାରେ ହେବାକୁ ଯାଉଥିବା ଓସ୍‌ଜାର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ର ପ୍ରକାଶ କରିଛନ୍ତି। ଉଭୟ ସହିଦ ଜବାର ଏବଂ ପ୍ରତ୍ୟାଶା ରାୟଙ୍କୁ ଓସ୍‌ଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ କୋଚ ବ୍ରଜଭୂଷଣ ମହାନ୍ତି। ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ କୋଚ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ କୋଚ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ପିଟର ତିର୍କୀ ଏବଂ ୨୦୨୪ରେ ଜାଭେଲିନ୍ ଷ୍ଟାର କିଶୋର କୁମାର ଜେନା ଏବଂ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା ଓସ୍‌ଜା ବାର୍ଷିକ ପୁରସ୍କାର।


ପ୍ରତ୍ୟାଶା ରାୟ


ମହମ୍ମଦ ସହିଦ ଜବାର




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ